ସମ୍ପୂର୍ଣ୍ଣ ନିରପେକ୍ଷ ସାଧାରଣ ଲୋକଙ୍କ ଖବରକାଗଜ

# ପର୍ଯ୍ୟବେକ୍ଷକ

PARYABEKHYAK ପର୍ଯ୍ୟବେକ୍ଷକ

visit us at
www.paryabekhyak.com

FIND US ON facebook.com/paryabekhyak
FOLLOW US ON TWITTER twitter.com/paryabekhyak

Vol.25 . No.130 Bhubaneswar Monday July 04 2022 | ୨୫ତମ ବର୍ଷ ସଂଖ୍ୟା–୧୩୦ ଭୁବନେଶ୍ୱର, ସୋମବାର, ଜୁଲାଇ ୦୪, ୨୦୨୨ (୮ ପୃଷ୍ଠା) ମୂଲ୍ୟ–୧.୫୦ ₹1.50 (Air Surcharge - 0.50P) Member-INS

## ସ୍କୁଲରେ କଳାକନା ବୁଲାଇଲେ, ପୁଲିସକୁ ଦେଲେ ଖୋଲା ଚ୍ୟାଲେଞ୍ଜ




ନବରଙ୍ଗପୁର,୩।୭(ପି.ଏନ): ସ୍କୁଲରେ କଳାକନା ବୁଲାଇଲେ। ପୁଲିସ୍‌କୁ ଦେଲେ ଚ୍ୟାଲେଞ୍ଜ। ଏପରି ଚୋରି ନବରଙ୍ଗପୁର ଜିଲ୍ଲା ତେନ୍ତୁଳିଖୁଣ୍ଟି ବ୍ଲକ ଅଞ୍ଚଳରେ ଘଟିଛି। ସବୁଠାରୁ ଗୁରୁତ୍ୱପୂର୍ଣ୍ଣ କଥା ହେଉଛି, ଚୋରମାନେ ୩ଟି ମୋବାଇଲ୍ ନମ୍ବର ଲେଖି ଯାଇଛନ୍ତି। ଯେଉଁଥିରେ ଜଣେ ସ୍କୁଲର ଶିକ୍ଷକଙ୍କ ମୋବାଇଲ ନମ୍ବର ଥିବା ବେଳେ ଅନ୍ୟ ଦୁଇଟି କାହାର ଜଣାପଡି ନାହିଁ। ପୁଲିସ ସାଇଣ୍ଟିଫିକ୍ ଟିମ୍ ଓ ସନ୍ଧାନୀ କୁକୁର ମାଧ୍ୟମରେ ଘଟଣାର ତଦନ୍ତ ଚ଼ଳାଇଛି। ଶନିବାର ବିଳମ୍ବିତ ରାତିରେ ତେନ୍ତୁଳିଖୁଣ୍ଟି ବ୍ଲକ ଖାତିଗୁଡା ଇନ୍ଦ୍ରାବତୀ ପ୍ରକଳ୍ପ ଉଚ୍ଚ଼ ବିଦ୍ୟାଳୟରୁ ଚୋରି ହୋଇଛି। ଚୋରମାନେ ପ୍ରଧାନ ଶିକ୍ଷକଙ୍କ କକ୍ଷରେ ଥିବା ଦୁଇଟି ତାଲା ଭାଙ୍ଗି କମ୍ପ୍ୟୁଟର, ପ୍ରିଣ୍ଟର, ଜେରକ୍ସ ମେସିନ, ସାଉଣ୍ଡବକ୍ସ ଇତ୍ୟାଦି ଚୋରି କରି ନେଇଛନ୍ତି। ଚୋରି ହୋଇଥିବା କମ୍ପ୍ୟୁଟରରେ ସ୍କୁଲର ବିଭିନ୍ନ ତଥ୍ୟ ଓ ପରୀକ୍ଷା ସମ୍ବନ୍ଧିୟ ତଥ୍ୟ ଥିବା ପ୍ରଧାନଶିକ୍ଷକ କହିଛନ୍ତି।ଚୋରମାନେ ସ୍କୁଲରେ କଳାକନା ବୁଲାଇବା ପରେ ପୁଲିସ୍‌କୁ ଦେଇଛନ୍ତି ଖୋଲା ଚ୍ୟାଲେଞ୍ଜ। ବ୍ଲାକବୋର୍ଡରେ ଇଂରାଜୀରେ ଲେଖିଥିଲେ- ITS ME DHOOM-4 COMMING SOON। ଆଉ ଓଡିଆରେ ଲେଖିଥିଲେ- "ଆମେ ପୁଣି ଆସିବୁଛ ସ୍କୁଲ ପିଲା ଧରିପାରିଲେ ଧରଛ"। ଏଥି ସହ ବ୍ଲାକବୋର୍ଡରେ ୩ଟି ମୋବାଇଲ ନମ୍ବର ଲେଖି ଯାଇଛନ୍ତି। ଯେଉଁଥିରେ ସ୍କୁଲର ଶିକ୍ଷକଙ୍କ ମୋବାଇଲ୍ ? ନମ୍ବର ରହିଛି। ତେବେ ଅନ୍ୟ ଦୁଇଟି ମୋବାଇଲ୍ ନମ୍ବର କାହାର ଜଣାପଡି ନାହିଁ।ବିଦ୍ୟାଳୟ କର୍ତ୍ତୃପକ୍ଷ ଏନେଇ ଖାତିଗୁଡା ଥାନାରେ ଅଭିଯୋଗ କରିବା ପରେ ପୁଲିସ ସନ୍ଧାନୀ କୁକୁର ଓ ସାଇଣ୍ଟିଫିକ୍ ଟିମ୍ ସହାୟତାରେ ତଦନ୍ତ କରୁଛି। ହେଲେ ବର୍ତ୍ତମାନ ସୁଦ୍ଧା ପୁଲିସ ଚୋରଙ୍କ ପାଖରେ ପହଞ୍ଚି ପାରିନାହିଁ। ଏପରିକି ଚୋରି ହୋଇଥିବା ସାମଗ୍ରୀକୁ ପୁଲିସ ଉଦ୍ଧାର କରିପାରି ନାହିଁ।ଚୋରମାନେ ଖୋଲା ଚ୍ୟାଲେଞ୍ଜ ଦେଇଥିବାରୁ ପୁଲିସ୍ ?ର ପାରିବା ପଣିଆ ଉପରେ ସାଧାରଣରେ ପ୍ରଶ୍ନବାଚ଼୍ୟ ସୃଷ୍ଟି ହୋଇଛି। ଅନ୍ୟପକ୍ଷରେ ଚୋରଙ୍କୁ ଧରିବା ପାଇଁ ପୁଲିସ୍ ଜି-ଜାନ୍ ଲଗାଇ ଦେଇଛି। ସନ୍ଧାନୀ କୁକୁର ଓ ସାଇଣ୍ଟିଫିକ୍ ଟିମ୍ ସହାୟତାରେ ତଦନ୍ତ କରୁଛି। ଏହାଛଡା ଚୋରମାନେ ଲେଖିଥିବା ଫୋନ୍ ନମ୍ବର ଗୁଡିକ କାହାର ସେହି ନମ୍ବର ଗୁଡିକ ପୁଲିସ୍ ଯାଞ୍ଚ କରୁଛି।ଅନ୍ୟପକ୍ଷରେ ଚୋରମାନେ ବ୍ଲାକବୋର୍ଡରେ ଜଣେ ଶିକ୍ଷକଙ୍କ ମୋବାଇଲ୍ ନମ୍ବର ଲେଖିଥିଲେ। ସମ୍ପୃକ୍ତ ଶିକ୍ଷକ କହିଛନ୍ତି, ମୁଁ ଏ ବିଷୟରେ କିଛି ଜାଣିନାହିଁ। ସବୁଦିନ ପରି ଆଜି ସ୍କୁଲର ଚ଼ତୁର୍ଥ ଶ୍ରେଣୀ କର୍ମଚ଼ାରୀ ଗେଟ୍ ଖୋଲିବା ପାଇଁ ଆସିଥିଲେ। ହେଲେ ଗେଟ୍ ତାଲା ଖୋଲାଥିବା ଦେଖି ପ୍ରଧାନଶିକ୍ଷକ ସର୍ବେଶ୍ୱର ବେହେରାଙ୍କୁ ଜଣାଇଥିଲେ। ଏହା ପରେ ସେ ଥାନାକୁ ଖବୁ ଦେଇଥିଲେ। ପୁଲିସ ସ୍କୁଲରେ ପହଞ୍ଚି ତହନ୍ତ କରୁଛି।

## ଦୁଇ ସପ୍ତାହ ପରେ ପିକ୍ ଛୁଇଁପାରେ କରୋନା ସଂକ୍ରମଣ

ଭୁବନେଶ୍ୱର, ୩।୭(ପି.ଏନ): ଜୁଲାଇ ମାସରେ ସଂକ୍ରମଣ ରୋକିବାକୁ ସତର୍କତା ଅବଲମ୍ବନ କରିବା ଜରୁରୀ। ଆଉ ଦୁଇ ସପ୍ତାହ ପରେ କରୋନା ପିକ୍ ଛୁଇଁବାର ସମ୍ଭାବନା ରହିଛି। ତେବେ ଚଳିତମାସ ଶେଷ ଆଡକୁ ପୁଣି ଧୀରେ ଧୀରେ ସଂକ୍ରମଣ ହ୍ରାସ ପାଇବ। ସଂକ୍ରମିତ ସଂଖ୍ୟା ଏକ ହଜାରରୁ ଟପିବ ନାହିଁ ବୋଲି କହିଛନ୍ତି ସ୍ୱାସ୍ଥ୍ୟ ବିଶେଷଜ୍ଞ ନିରୋଜ ମିଶ୍ରସେ ଆହୁରି କହିଛନ୍ତି ଯେ ବ୍ୟାପକ ଟିକାକରଣ ଯୋଗୁଁ କୋଭିଡ ବିରୋଧରେ ଲଢ଼ିବା ପାଇଁ ଲୋକଙ୍କ ପାଖରେ ରୋଗପ୍ରତିରୋଧକ ଶକ୍ତି ବଢିଛି। ସଂକ୍ରମଣ ବଢିଥିବା ଅନ୍ୟ ରାଜ୍ୟରେ ଏବେ ସଂକ୍ରମଣ କମିବା ଆରମ୍ଭ କରିଛି। ଭୁବନେଶ୍ୱର ଓ କଟକରେ ମାସ୍କକୁ ବାଧ୍ୟତାମୂଳକ ନିଷ୍ପତି ସ୍ୱାଗତ ଯୋଗ୍ୟ ପଦକ୍ଷେପ ବୋଲି ସେ କହିଛନ୍ତି।

## ମଣିପୁର ଭୂସ୍ଖଳନ ଘଟଣାରେ ମୃତ୍ୟୁ ସଂଖ୍ୟା ୩୪କୁ ବୃଦ୍ଧି

ନୂଆଦିଲ୍ଲୀ,୩।୭(ପି.ଏନ): ମଣିପୁରର ନୋନେ ଜିଲ୍ଲାରେ ଭୂସ୍ଖଳନ ଘଟଣାରେ ମୃତ୍ୟୁ ସଂଖ୍ୟା ୩୪କୁ ବୃଦ୍ଧି ପାଇଛି। ଏକ ରେଲୱେ ନିର୍ମାଣ କାର୍ଯ୍ୟସ୍ଥଳରେ ଏହି ଭୂସ୍ଖଳନ ଘଟିଥିଲା। ତେବେ ମୃତକଙ୍କ ମଧ୍ୟରେ ସେନାର କେତେକ ଯବାନ ଓ ସାଧାରଣ ଲୋକ ଅଛନ୍ତି। ପ୍ରତିକୂଳ ପାଗସତ୍ତ୍ୱେ ସର୍ଚ୍ଚ ଅପରେଶନ ଜାରି ରହିଛି। ଗତ ଜୁନ୍ ୨୯ ତାରିଖରେ ଟୁପୁଲ୍ୟାର୍ଡ଼ ରେଲୱେ ନିର୍ମାଣସ୍ଥଳରେ ଏକ ବଡ଼ଧରଣର ଭୂସ୍ଖଳନ ହୋଇଥିଲା। ଏଯାଏଁ ପାଖାପାଖି ୨୮ ଜଣ ଲୋକ ନିଖୋଜ ଅଛନ୍ତି। ନିଖୋଜ ୨୮ ଜଣଙ୍କ ମଧ୍ୟରୁ ୭ ଜଣ ଯବାନ ଥିବା ବେଳେ ୨୧ ଜଣ ସାଧାରଣ ନାଗରିକ ଅଛନ୍ତି।

## ବିଜେବି କଲେଜ ଛାତ୍ରୀ ରୁଚିକା ମହାନ୍ତିଙ୍କ ଆତ୍ମହତ୍ୟାର ତଦନ୍ତ କରିବ ୩ ଟି ଟିମ୍

ଭୁବନେଶ୍ୱର, ୩।୭(ପି.ଏନ): ବିଜେବି କଲେଜ ଛାତ୍ରୀ ନିବାସରେ +୩ ଛାତ୍ରୀ ରୁଚିକା ମହାନ୍ତିଙ୍କ ଆତ୍ମହତ୍ୟା ଘଟଣାର ତଦନ୍ତ ପାଇଁ ଅତିରିକ୍ତ ଡିସିପିଙ୍କ ନେତୃତ୍ୱରେ ୩ ଟି ଟିମ୍ ଗଠନ କରାଯାଇଛି। ହଷ୍ଟେଲରେ ରହୁଥିବା ସମସ୍ତ ୧୩୪ ଛାତ୍ରୀଙ୍କୁ ପଚରାଉଚରା କରାଯାଉଛି। କମିଶନରେଟ୍ ପୋଲିସ୍ ବିଜେବି କଲେଜର ହଷ୍ଟେଲକୁ ଯାଇ ତଦନ୍ତ ଆରମ୍ଭ କରିଛି। ରୁଚିକା ସୁଇସାଇଡ୍ ନୋଟ୍ ରେ ଉଲ୍ଲେଖ କରିଥିବା ୩ ଜଣ ସିନିୟର ଛାତ୍ରୀ କିଏ , କେବେଠୁ ସେମାନେ ରାଗିଙ୍ଗ କରୁଥିଲେ ଏବଂ କାହାର ଚାପ ଯୋଗୁ ରୁଚିକା ଆତ୍ମହତ୍ୟା କଲେ ସେନେଇ ତଦନ୍ତ ଜାରି ରଖିଛି କମିଶନରେଟ୍ ପୋଲିସ।ଜୋନ୍-୪ର ଏସିପି ପରେଶ କୁମାର ରାଉତ କହିଛନ୍ତି ବିଜେବି କଲେଜ ହଷ୍ଟେଲରେ ପ୍ରାଥମିକ ପର୍ଯ୍ୟାୟରେ ବର୍ତମାନ ସୁଦ୍ଧା ୩୦ ଜଣ ଛାତ୍ରୀଙ୍କ ବୟାନ ରେକର୍ଡ ହୋଇଛି। ଏହାଛଡ଼ା ଛାତ୍ରୀ ନିବାସର ଅଧୀକ୍ଷକ, ୱାର୍ଡେନ, ଆସିଷ୍ଟାଂଟ ୱାର୍ଡେନ, ଫ୍ଲୋର ଇନଚାର୍ଜ ଓ ହଷ୍ଟେଲ ଦାୟିତ୍ୱରେ ଥିବା ଏକାଧିକ ଲୋକଙ୍କୁ ପଚରାଉଚରା ସହ ସେମାନଙ୍କ ବୟାନ ରେକର୍ଡ କରାଯାଇଛି। ତିନୋଟି ଟିମ୍ ଗଠନ କରି ତଦନ୍ତ କରୁଛି ପୋଲିସ। ସମସ୍ତଙ୍କୁ ତଦନ୍ତ ପରିସରଭୁକ୍ତ କରାଯାଇଛି, ଦୋଷୀଙ୍କ ବିରୋଧରେ ଖୁବଶୀଘ୍ର କାର୍ଯ୍ୟାନୁଷ୍ଠାନ ହେବ ବୋଲି ସେ ଦୃଢ଼ୋକ୍ତି କରିଛନ୍ତି। ସୂଚନାଯୋଗ୍ୟ, କଟକ କଖଡିର ରୁଚିକା ମହାନ୍ତି ଶନିବାର ପୂର୍ବାହ୍ନରେ ବିଜେବି ସ୍ୱୟଂଶାସିତ ମହାବିଦ୍ୟାଳୟର କାରୁବାକୀ ଛାତ୍ରୀନିବାସରେ ଆତ୍ମହତ୍ୟା କରିଥିଲେ। ୩ ସିନିୟର୍ ଛାତ୍ରୀଙ୍କ ମାନସିକ ନିର୍ଯାତନା ଅସହ୍ୟ ହେବାରୁ ସେ ଆତ୍ମହତ୍ୟା ଭଳି ଚରମ ନିଷ୍ପତି ନେଇଛନ୍ତି ବୋଲି ରୁଚିକାଙ୍କ ରୁମ୍ ରୁ ମିଳିଥିବା ସୁଇସାଇଡ୍ ନୋଟ୍ ରେ ଲେଖାଯାଇଛି। ରାଗିଂ ଭଳି ସଂଗିନ୍ ଅଭିଯୋଗ ପ୍ରସଙ୍ଗ ଉଠିବା ପରେ ବଡ଼ଗଡ଼ ଥାନା ପୁଲିସ ଘଟଣାକୁ ଗୁରୁତ୍ୱର ସହ ନେଇ ଛାନିଭିନ୍ ଆରମ୍ଭ କରିଛି। ରୁଚିକାଙ୍କ ମା' ବିଦ୍ୟୁତପ୍ରଭା ମହାନ୍ତି ରାଗିଂ ପାଇଁ ତାଙ୍କ ଝିଅର ଜୀବନ ଯାଇଛି ବୋଲି ଏତଲା ଦେଇଛନ୍ତି।

## ୨୪ ଘଂଟାରେ ଲଘୁଚାପ ସମ୍ଭାବନା

ଭୁବନେଶ୍ୱର , ୩।୭(ପି.ଏନ): ବଙ୍ଗଳାଦେଶ ଏବଂ ତାର ପାର୍ଶ୍ୱବର୍ତୀ ଅଂଚଳରେ ଥିବା ଘୂର୍ଣ୍ଣବଳୟ ବାୟୁମଣ୍ଡଳରେ ସମୁଦ୍ର ପତନ ଠାରୁ ୭.୬ କିମି ଉଚ୍ଚତା ଯାଏଁ ବ୍ୟାପିଛି। ଏହା ପ୍ରଭାବରେ ଆଗାମୀ ୨୪ ଘଂଟା ମଧ୍ୟରେ ଉତର ଓଡିଶା ଏବଂ ତାର ପାର୍ଶ୍ୱବର୍ତୀ ଅଂଚଳରେ ଏକ ଲଘୁଚାପ କ୍ଷେତ୍ର ସୃଷ୍ଟି ହେବାର ସମ୍ଭାବନା ରହିଛି। ଲଘୁଚାପ ପ୍ରଭାବରେ ଆସନ୍ତା ୪ରୁ ୫ ଦିନ ପର୍ଯ୍ୟନ୍ତ ରାଜ୍ୟର ବିଭିନ୍ନ ଜିଲ୍ଲାରେ ପ୍ରବଳରୁ ଅତି ପ୍ରବଳ ବର୍ଷା ହେବାର ସମ୍ଭାବନା ରହିଛି। ଭୁବନେଶ୍ୱର ସ୍ଥିତ ଆଂଚଳିକ ପାଣିପାଗ କେନ୍ଦ୍ର ପକ୍ଷର ଜାରି ସତର୍କ ସୂଚନା ଅନୁଯାୟୀ ଆଗାମୀ ୨୪ଘଂଟା ମଧ୍ୟରେ ସମଗ୍ର ରାଜ୍ୟରେ ବର୍ଷାର ସମ୍ଭାବନା ରହିଥିବା ବେଳେ ରାଜ୍ୟର ୫ଟି ଜିଲ୍ଲାରେ ଅତିପ୍ରବଳ ବର୍ଷା ଏବଂ ୧୭ଟି ଜିଲ୍ଲାରେ ପ୍ରବଳ ବର୍ଷାର ସମ୍ଭାବନା ରହିଛି। ସୋମବାର ମଧ୍ୟାହ୍ନ ସୁଦ୍ଧା ରାଜ୍ୟର କେନ୍ଦୁଝର, ସୁନ୍ଦରଗଡ଼, ବରଗଡ଼, ସମ୍ବଲପୁର ଓ ବଲାଙ୍ଗୀର ଜିଲ୍ଲାରେ ଅତିପ୍ରବଳ ବର୍ଷାର ସମ୍ଭାବନା ରହିଛି। ସେଥିପାଇଁ ଏହି ୫ଟି ଜିଲ୍ଲାକୁ ଅରେଞ୍ଜ ୱାର୍ଣ୍ଣିଂ ଜାରି କରିଛି ପାଣିପାଗ ବିଭାଗ। ଏହି ସମୟ ମଧ୍ୟରେ ବୌଦ୍ଧ, କଳାହାଣ୍ଡି, ନୂଆପଡା, କନ୍ଧମାଳ, ମାଲକାନଗିରି, କୋରାପୁଟ, ସୋନପୁର, ନବରଙ୍ଗପୁର, ଭଦ୍ରକ, ଯାଜପୁର, କଟକ, ଦେବଗଡ, ଢେଙ୍କାନାଳ, ମୟୂରଭଞ୍ଜ, ଝାରସୁଗୁଡା, ବାଲେଶ୍ୱର ଓ ଅନୁଗୁଳ ପ୍ରଭୃତି ୧୭ ଜିଲ୍ଲାର ଗୋଟିଏ କିମ୍ବା ଦୁଇଟି ସ୍ଥାନରେ ପ୍ରବଳ ବର୍ଷା ହେବାର ସମ୍ଭାବନା ରହିଛି। ଏହି ଜିଲ୍ଲାଗୁଡ଼ିକ ପାଇଁ ୟେଲୋୱାର୍ଣ୍ଣିଂ ଜାରି କରିଛି ପାଣିପାଗ ବିଭାଗ।

## ୪ରେ କିସ୍ ବିଶ୍ୱବିଦ୍ୟାଳୟର ଦ୍ୱିତୀୟ ସମାବର୍ତ୍ତନ

ଭୁବନେଶ୍ୱର, ୩।୭: ଆସନ୍ତା କାଲି କିସ୍ ବିଶ୍ୱବିଦ୍ୟାଳୟର ଦ୍ୱିତୀୟ ସମାବର୍ତ୍ତନ ଉତ୍ସବ ଅନୁଷ୍ଠିତ ହେବ। ଏହି ସମାବର୍ତ୍ତନ ସମାରୋହରେ ବୌଦ୍ଧ ଗୁରୁ ତଥା ରିପା ଇଣ୍ଟରନ୍ୟାସନାଲର ଆଧ୍ୟାତ୍ମିକ ନିର୍ଦ୍ଦେଶକ ଗେତୃଲ୍ ଜିଗମେ ରିପୋଞ୍ଚେ ଦୀକ୍ଷାନ୍ତ ଭାଷଣ ପ୍ରଦାନ କରିବେ। ଏହି ସମାବର୍ତ୍ତନ ଉତ୍ସବରେ ବିଭିନ୍ନ କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ନିମନ୍ତେ ଗ୍ରୀନ୍ ବେଲ୍ଟ ଆଣ୍ଡ ରୋଡ୍ ଇନ୍‌ଷ୍ଟିଚ୍ୟୁଟ୍‌ର ଅଧ୍ୟକ୍ଷ, ଗ୍ଲୋବାଲ୍ ଆଲିଏନ୍‌ସ ଫର୍ ସଷ୍ଟେନେବଲ୍ ପ୍ଲାନେଟ୍‌ର ଲିଡରସିପ୍ କାଉନ୍‌ସିଲ୍ (ଜିଏଏସ୍‌ପି) ସଦସ୍ୟ ଏରିକ୍ ସୋଲେମ୍, ୟୁଏନ୍‌ଇପିର ଗ୍ରୀନ୍ ଇକୋନମି ଇନିସିଏଟିଭ୍‌ର ମୁଖ୍ୟ ତଥା ସ୍ୱତନ୍ତ୍ର ପରାମର୍ଶଦାତା ବିଶିଷ୍ଟ ପରିବେଶ ଅର୍ଥନୀତିଜ୍ଞ ପବନ ଶୁକଦେବ, ନିତି ଆୟୋଗର ପ୍ରାକ୍ତନ ଉପାଧ୍ୟକ୍ଷ ଡ. ରାଜୀବ କୁମାର, ଦୁଇଦୁଇ ଥର ଗ୍ରାମୀ ପୁରସ୍କାରପ୍ରାପ୍ତ ଅନ୍ତର୍ଜାତୀୟ ଖ୍ୟାତି ସମ୍ପନ୍ନ ଭାରତୀୟ ସଂଗୀତକାର ଡ. ରିକି ଜି. କେଜ୍‌ଙ୍କୁ ସମ୍ମାନସୂଚକ ଡକ୍ଟୋରେଟ୍ ଡିଗ୍ରୀ ପ୍ରଦାନ କରାଯିବ। ଏହା ବ୍ୟତୀତ ୪ଶହ ଛାତ୍ରଛାତ୍ରୀଙ୍କୁ ସ୍ନାତକୋତ୍ତର ଓ ଏମ୍‌ଫିଲ୍ ଡିଗ୍ରୀ ପ୍ରଦାନ କରାଯିବ। ଏହି ଅବସରରେ ବିଶ୍ୱବିଦ୍ୟାଳୟରେ ଉତ୍କର୍ଷତା ପ୍ରତିପାଦନ କରିଥିବା ଛାତ୍ରଛାତ୍ରୀଙ୍କୁ ପ୍ରତିଷ୍ଠାତା ସ୍ୱର୍ଣ୍ଣପଦକ, କୁଳାଧିପତି ସ୍ୱର୍ଣ୍ଣପଦକ ଏବଂ କୁଳପତି ରୌପ୍ୟ ପଦକ ପ୍ରଦାନ କରାଯିବ। ସୂଚନାଯୋଗ୍ୟ, ଶିକ୍ଷା କ୍ଷେତ୍ରରେ ଏକ ନିଜସ୍ୱ ରେକର୍ଡ ସୃଷ୍ଟି କରିବାରେ ସକ୍ଷମ ହୋଇଥିବା କିସ୍‌କୁ ୨୦୧୭ ମସିହାରେ ଭାରତ ସରକାରଙ୍କ ତତ୍‌କାଳୀନ ମାନବ ସମ୍ବଳ ମନ୍ତ୍ରାଳୟର ଅନୁମୋଦନ କ୍ରମେ କିସ୍‌କୁ ବିଶ୍ୱବିଦ୍ୟାଳୟର ସ୍ୱୀକୃତି ପ୍ରଦାନ କରାଗଲା। କିସ୍ ଏହାର ବିଭିନ୍ନ କ୍ଷେତ୍ରରେ ଅଭିବୃଦ୍ଧି ମାଧ୍ୟମରେ ସଦା ସର୍ବଦା ଏକ ବିଶ୍ୱବିଦ୍ୟାଳୟର ମାନ୍ୟତା ପାଇବା ପାଇଁ ଚେଷ୍ଟିତ ଥିଲା। କାରଣ ଏହି ଅନୁଷ୍ଠାନରୁ ଜନଜାତି ଛାତ୍ରଛାତ୍ରୀଙ୍କ ଦ୍ୱାରା ଗବେଷଣା ମାଧ୍ୟମରେ ଜନଜାତି ଗବେଷକ ସୃଷ୍ଟି କରିବା ଏହା ଲକ୍ଷ୍ୟ ଥିଲା। ବିଶିଷ୍ଟ ଶିକ୍ଷାବିତ୍ ଓ ଅଭିଜ୍ଞ ପ୍ରଶାସନିକ ଦକ୍ଷତା ଥିବା ବ୍ୟକ୍ତିମାନଙ୍କ ଦ୍ୱାରା କିଛି ନୂତନ ଓ ଅଭିନବ ଶୈକ୍ଷିକ ପ୍ରଣାଳୀ ଦ୍ୱାରା ଏହା ହାସଲ କରିବାକୁ କିସ୍ ବର୍ତ୍ତମାନ ୨୩ଜଣ ଶିକ୍ଷାବିତ୍‌ଙ୍କୁ ଏମିରେଟସ୍ ପ୍ରଫେସର ଭାବେ ନିଯୁକ୍ତି ପ୍ରଦାନ କରି ବିର୍ସା ମୁଣ୍ଡା ଓ ଲକ୍ଷ୍ମଣ ନାଏକଙ୍କ ନାମରେ ଗବେଷଣା ଚେୟାର ପ୍ରତିଷ୍ଠା କରିଛି।

## ଧାନ ଖାଉ ଖାଉ ବିଷ ଖାଇଦେଲା ଦନ୍ତାହାତୀ



ବାରିପଦା,୩।୭(ପି.ଏନ): ଧାନ ଖାଇବାକୁ ଆସି ବାଇଗଣ ବିଷ ଖାଇଦେଲା ଦନ୍ତା ହାତୀ। ଏକଥା ଜାଣି ବେଫିକର ବନ ବିଭାଗ! ହାତୀର ସ୍ୱାସ୍ଥ୍ୟ ଅବସ୍ଥା ଯାଞ୍ଚ କରୁନାହିଁ! ବିଷ ପ୍ରଭାବରେ ହାତୀର ପାଟିରୁ ନାଳ ବାହାରୁଛି! ବିଷ ଜ୍ୱାଳାରେ ହାତୀଟି ଜଙ୍ଗଲ ଘୁରି ବୁଲୁଥିବା ଗାଁ ଲୋକେ ଅଭିଯୋଗ କରିଛନ୍ତି।ମୟୂରଭଞ୍ଜ ଜିଲ୍ଲା ବେତନଟୀ ରେଞ୍ଜ ଅଧୀନ ବୈଶିଙ୍ଗା ଥାନା ପୁରୁଣିଆ ପଞ୍ଚାୟତର ବଙ୍ଗାଳୀଡାହୀ ଗାଁରେ ଗୋଟିଏ ଦନ୍ତାହାତୀ ପଶିଥିଲା। ହାତୀଟି କାର୍ତ୍ତିକ ଚ଼ନ୍ଦ୍ର ମନ୍ତ୍ରୀଙ୍କ ଘର ପିଣ୍ଡାରେ ଥିବା ଧାନ ଟାଣି ଆଣି ଖାଇଥିଲା। ହାତୀଟି ଧାନ ବସ୍ତା ପାଖରେ ଥିବା ବାଇଗଣ ବିଷ ପ୍ୟାକେଟ୍ ? ଖାଇଯାଇଥିଲା। ହାତୀ ବିଷ ଖାଉଥିବା ଦେଖି ଗାଁ ଲୋକେ ହୋ-ହଲ୍ଲା କରିଥିଲେ। ହେଲେ ହାତୀ ଲୋକଙ୍କ ହୋ-ହଲ୍ଲାକୁ ଶୁଣିନଥିଲା।ଧାନ ସହିତ ୫ରୁ୬ ପ୍ୟାକେଟ୍ ? ବାଇଗଣ ବିଷ ଖାଇଦେଇଥିଲା ହାତୀ। ପରେ ଜଙ୍ଗଲ ଅଭିମୁଖେ ଚ଼ାଲି ଯାଇଥିଲା। ହାତୀ ଗଲା ବେଳେ ତା' ପାଟିରୁ ନାଳ ବାହାରୁଥିବା ଗାଁ ଲୋକେ ଦେଖିବାକୁ ପାଇଥିଲେ। ଶନିବାର ହାତୀ ପାଟିରୁ ନାଳ ବାହାରୁଥିବା ଦେଖି ଗାଁ ଲୋକେ ବନ ବିଭାଗକୁ ଖବର ଦେଇଥିଲେ। ହେଲେ ବନ ବିଭାଗ ହାତୀ ଚ଼ିକିତ୍ସା ପ୍ରତି ଧ୍ୟାନ ଦେଉନଥିବା ଗାଁ ଲୋକେ ଅଭିଯୋଗ କରିଛନ୍ତି। ହାତୀଟି ଗତ କିଛି ଦିନ ହେଲା ବୈଶିଙ୍ଗା ଅଞ୍ଚଳରେ ବୁଲାବୁଲି କରୁଥିବା ବେଳେ ଆଜି ବାଲକା ଖୁରିପଦା ଜଙ୍ଗଲରେ ଥିବା ଜଣାପଡିଛି।ଗାଁର ବର୍ଷା ପ୍ରିୟଦର୍ଶିନୀ ଦାସ କହିଛନ୍ତି, ରାତିରେ ହାତୀଟି ଆସି ଗଛରେ ଝୁଲିଥିବା ପଣସ ଖାଇଥିଲା। ତା'ପରେ ପିଣ୍ଡାରେ ଥିବା ଧାନ ଖାଇଥିଲା। ଧାନ ଖାଇଲା ବେଳେ ବାଇଗଣ ବିଷ ଖାଇବା ପାଇଁ ଖୋଲିଥିଲା। ମାତ୍ର ବିଷର ସ୍ମେଲ ଜାଣିପାରି ଫିଙ୍ଗି ଦେଇଥିଲା ବୋଲି ବର୍ଷା କହିଛନ୍ତି।ଗାଁର ଆଉ ଜଣେ କହିଛନ୍ତି, "ହାତୀଟି ବାଡିରେ ପଶି ଗଛରୁ ୩ରୁ ୪ଟି ପଣସ ଖାଇଥିଲା। ତା'ପରେ ଧାନ ସହିତ ବିଷ ଖାଇଦେଇଥିଲା। ୨ରୁ ୩ଟି ବିଷ ପକେଇ ଖାଇଦେଇଥିଲା। ଆମେ ଯେତେ ଗୋଡାଇଲେ ମଧ୍ୟ ସେ ଯାଇନଥିଲା।"ଅନ୍ୟପକ୍ଷରେ ବନ ବିଭାଗ କହିଛନ୍ତି, ହାତୀ ଗତିବିଧି ଉପରେ ନଜର ରଖାଯାଇଛି। ବର୍ତ୍ତମାନ ସୁଦ୍ଧା ହାତୀର ସ୍ୱାସ୍ଥ୍ୟ ଅବସ୍ଥା ଠିକ୍ ? ରହିଛି ବୋଲି ବନ ବିଭାଗ କହିଛି।

## ଭକ୍ତଙ୍କୁ ଆଡ଼ପ ମଣ୍ଡପରେ ଦର୍ଶନ ଦେଉଛନ୍ତି ଚତୁର୍ଦ୍ଧାମୂର୍ତି

ପୁରୀ, ୩।୭(ପି.ଏନ): ଭକ୍ତଙ୍କୁ ଆଡ଼ପ ମଣ୍ଡପରେ ଦର୍ଶନ ଦେଉଛନ୍ତି ଚତୁର୍ଦ୍ଧାମୂର୍ତି । ରଥାରୁଢ ଶ୍ରୀଜୀଉମାନେ ଗତକାଲି ରାତିରେ ଗୋଟି ପହଣ୍ଡିରେ ଶ୍ରୀଗୁଣ୍ଡିଚା ମନ୍ଦିର ଆଡ଼ପ ମଣ୍ଡପକୁ ବିଜେ କରିଥିଲେ । ଆଜି ସକାଳୁ ଦ୍ୱାରଫିଟା ଯିବା ପରେ ଭିତର ଶୋଧ ଓ ମଙ୍ଗଳ ଆଳତୀ କରାଯାଇଥିଲା । ପରେ ମଇଲମ, ତଡ଼ପଲାଗି, ଅବକାଶ ପରେ ସର୍ବସାଧାରଣ ସାହାଣମେଳା ଦର୍ଶନ ଆରମ୍ଭ ହୋଇଥିଲା । ଭକ୍ତମାନେ ଶୃଙ୍ଖଳିତ ଭାବେ ଧାଡିରେ ବ୍ୟାରିକେଡ୍ ଦେଇ ଯାଇ ଶ୍ରୀଜୀଉଙ୍କୁ ଜନ୍ମବେଦିରେ ଦର୍ଶନ କରି ନାକଚଣା ଦ୍ୱାର ଦେଇ ପ୍ରସ୍ଥାନ କରୁଛନ୍ତି । ଶ୍ରଦ୍ଧାଳୁମାନେ କିପରି ସୁରକ୍ଷିତ ଓ ସୁବିଧାରେ ଦର୍ଶନ କରିପାରିବେ ସେଥିପାଇଁ ଗୁଣ୍ଡିଚା ମନ୍ଦିର ଭିତରେ ଓ ବାହାରେ ବ୍ୟାପକ ପୋଲିସ ବ୍ୟବସ୍ଥା କରାଯାଇଛି । ଆଡ଼ପ ମଣ୍ଡପରେ ଚତୁର୍ଦ୍ଧାମୂର୍ତିଙ୍କୁ ଦର୍ଶନ କଲେ ମହାପୂଣ୍ୟ ମିଳିଥାଏ ବୋଲି ବିଶ୍ୱାସ ରହିଛି । ହଜାରେ ବର୍ଷ ଶ୍ରୀମନ୍ଦିର ରତ୍ନ ସିଂହାସନରେ ଦର୍ଶନ କଲେ ଯେତିକି ପୂର୍ଣ୍ଣ୍ୟ ମିଳିଥାଏ, ଶ୍ରୀଗୁଣ୍ଡିଚା ମନ୍ଦିରରେ ଥରେ ଆଡ଼ପ ଦର୍ଶନ କଲେ ସମାନ ପୂର୍ଣ୍ଣ୍ୟ ମିଳିଥାଏ ବୋଲି କଥିତ ଅଛି । ଭକ୍ତ ଇନ୍ଦ୍ରଦ୍ୟୁମ୍ନ ପୁଷ୍କରିଣୀରେ ସ୍ନାନ କରି ଆଡ଼ପ ଦର୍ଶନ ଓ ଆଡ଼ପ ଅବଢ଼ା ସେବନ, ବ୍ରାହ୍ମଣଙ୍କୁ ଭୋଜନ ଓ ଦକ୍ଷିଣା ଦେଲେ ଅଧିକ ଧର୍ମ ଫଳ ମିଳିଥାଏ ବୋଲି ବିଶ୍ୱାସ ରହିଛି ।

## ବେକାର ଯୁବକ ତଥା ପ୍ରବାସୀ ଶ୍ରମିକ ମାନଙ୍କୁ କାମ ଯୋଗାଇବା ପାଇଁ ରାଜ୍ୟ ବଜେଟରେ ବ୍ୟବସ୍ଥା ନାହିଁ




ଭୁବନେଶ୍ୱର ,୩।୭(ପି.ଏନ): ବେକାର ଯୁବକ ତଥା ପ୍ରବାସୀ ଶ୍ରମିକ ମାନଙ୍କର ନିଯୁକ୍ତି ପାଇଁ ରାଜ୍ୟ ବଜେଟରେ ବ୍ୟବସ୍ଥା ନାହିଁ । କେନ୍ଦ୍ର ସରକାର ପରିସଂଖ୍ୟାନ ବିଭାଗର ରିପୋର୍ଟ ଅନୁଯାୟୀ ଦେଶରେ ବେକାର ସଂଖ୍ୟା ୪.୨ ପ୍ରତିଶତ ଥିବାବେଳେ ରାଜ୍ୟରେ ଏହା ୫.୩ ପ୍ରତିଶତ ଅଛନ୍ତି। ରାଜ୍ୟରୁ ୬୫ ଲକ୍ଷ ଲୋକ ପ୍ରବାସୀ ଦାଦନ ଶ୍ରମିକ ଭାବେ ରାଜ୍ୟ ଓ ଦେଶ ବାହାରକୁ ଯାଉଥିବାବେଳେ ସେମାନଙ୍କୁ ରାଜ୍ୟରେ କର୍ମନିଯୁକ୍ତି ଦେବା ପାଇଁ ରାଜ୍ୟ ସରକାର ସଂପୂର୍ଣ୍ଣ ବିଫଳ ହୋଇଛନ୍ତି ବୋଲି ରାଷ୍ଟ୍ରୀୟ ମଜଦୁର କଂଗ୍ରେସର ଜାତୀୟ ଉପସଭାପତି, ରାଜ୍ୟ ସଭାପତି ତଥା ପ୍ରାକ୍ତନ ସାଂସଦ ଡକ୍ଟର ରାମଚନ୍ଦ୍ର ଖୁଣ୍ଟିଆ ଆଜି ରାଷ୍ଟ୍ରୀୟ ମଜଦୁର କଂଗ୍ରେସର କାର୍ଯ୍ୟକାରୀ କମିଟିରେ ଉଦ୍‌ବୋଧନ ଦେଇ କହିଛନ୍ତି।

ଏହି କାର୍ଯ୍ୟକାରୀ କମିଟିରେ ରାଜ୍ୟରେ ୩୦ ଜିଲ୍ଲାରେ ଦୀର୍ଘ ଦିନଧରି ପଡ଼ି ରହିଥିବା ନିର୍ମାଣ ଶ୍ରମିକଙ୍କ ପଞ୍ଜିକୃତ ପାଇଁ କାର୍ଡ଼, କାର୍ଡ଼ ନବୀକରଣ, ଶିକ୍ଷା, ସ୍ୱାସ୍ଥ୍ୟ ପାଇଁ ଅନୁଦାନ ଓ ମୃତ ଶ୍ରମିକମାନଙ୍କ ପାଇଁ କ୍ଷତିପୁରଣ ଦରଖାସ୍ତ ଗୁଡ଼ିକ ତୁରନ୍ତ ଆଗାମୀ ୧ ମାସ ମଧ୍ୟରେ ମଞ୍ଜୁର କରିବା ପାଇଁ ଏବଂ ଅସଂଗଠିତ କ୍ଷେତ୍ରରେ କାମ କରୁଥିବା ଶ୍ରମିକ ମାନଙ୍କ ଚିକିତ୍ସା ଓ ସ୍ୱାସ୍ଥ୍ୟ ତଥା ଚିକିତ୍ସା ଓ ସାମାଜିକ ସୁରକ୍ଷା ପାଇଁ ରାଜ୍ୟ ବଜେଟରେ ଅନ୍ୟୁନ୍ୟ ୫୦୦୦ କୋଟି ମଂଜୁର କରିବା ଓ ରାଜ୍ୟ ସରକାର ସର୍ବନିମ୍ନ ଟ. ୩୨୬ ହୋଇଥିଲା।ବେଳେ ଏମ୍.ଜି.ଏନ୍.ଆର.ଇ.ଜି.ଏ ରେ କାର୍ଯ୍ୟକରୁଥିବା ଶ୍ରମିକଙ୍କ ସର୍ବନିମ୍ନ ମଜୁରୀ ଟ.୨୨୨ ହେଉଥିବାରୁ ନରେଗାରେ କାର୍ଯ୍ୟ କରିବା ପାଇଁ ଉତ୍ସାହିତ ହେଉନାହିଁ। ଏଣୁ ନରେଗାରେ କାର୍ଯ୍ୟକରୁଥିବା ଶ୍ରମିକମାନଙ୍କ ମଜୁରୀ ମଧ୍ୟ ସର୍ବନିମ୍ନ ଟ ୩୨୬ କରିବା ପାଇଁ ଦାବୀ କରାଯାଇ ସାଧାରଣ କମ୍ପାନୀରେ କାର୍ଯ୍ୟରତ କର୍ମଚାରୀ ଦରମା ବୃଦ୍ଧି ଦାବୀ ଓ କେନ୍ଦ୍ର ସରକାର ସରକାରୀ ଉଦ୍ୟୋଗ ଘରୋଇକରଣ ବିରୁଦ୍ଧରେ ପ୍ରସ୍ତାବ ଗୃହିତ ହୋଇଛି। ଏହି ବୈଠକରେ ସାଧାରଣ ସଂପାଦକ ଶ୍ରୀ କିଶୋର ଜେନା ସ୍ୱାଗତ ଭାଷଣ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ମଦନ ମୋହନ ଧଳ, ପ୍ରଶାନ୍ତ ମହାପାତ୍ର, ଶ୍ୟାମ ସୁନ୍ଦର ମହାପାତ୍ର, ବିଦ୍ୟାଧର ମହାନ୍ତି, ଶିବାନନ୍ଦ ରାୟ, ଧରଣି ସ୍ୱାଇଁ, ପରେଶ ଜେନା, କ୍ଷୀରୋଧ ଓଝା, ସଭାନେତ୍ରୀ- ପ୍ରଣତି ମିଶ୍ର, ଯୁବ ସଭାପତି - ସତ୍ୟବ୍ରତ ନାୟକ, କୃଷ୍ଣଚନ୍ଦ୍ର ସାହୁ, ଇକ୍‌ୱାଲ ମଲ୍ଲିକ, ଅଜୟ ପାଇକରାୟ, ଭୁବନ ସାହୁ, ଘନ ସବର, ସୁରେଶ ବେହେରା, ମୁକ୍ତାର ଖାଁ, ଭୋକାଲୀ ସେଠୀ, ପିତବାସ ପଣ୍ଡା, ବିକାଶ ଦାସ, ପ୍ରଭାତ ମୋଟାଲି, ବାସନ୍ତି ସାମଲ, ଯବାମଣି ଟୁଡୁ, ସିଲି ସେଠୀ, ଆଶା ମିଞ୍ଜ, ଜଗବନ୍ଧୁ ପ୍ରଧାନ, ବଳବନ୍ତ ବେହେରା, ତପତି ଦତ୍ତ, ବିଷ୍ଣୁ ମୋହନ ରଥ, ଖଗେଶ୍ୱର ସ୍ୱାଇଁ, ମାନସ ପାତ୍ର, ରଶ୍ମିରଞ୍ଜନ ପରିଡ଼ା, ଉଦୟନାଥ ରାଉତ, ବିଘ୍ନରାଜ ନାୟକ, କର୍ଣ୍ଣରାଜ ପ୍ରଧାନ, କିଶୋର ସ୍ୱାଇଁ, ସୁଶାନ୍ତ ବେହେରା ପ୍ରମୁଖ ବକ୍ତବ୍ୟ ପ୍ରଦାନ କରିଥିଲେ ଏବଂ ପରିଶେଷରେ ସୁକୁମାର ଦେଓ ଧନ୍ୟବାଦ ଅର୍ପଣ କରିଥିଲେ।

## ଅପାରଗ ବଜେଟ୍ : ପିସିସି ସଭାପତି



ଭୁବନେଶ୍ୱର,୩।୭(ପି.ଏନ): ଓଡିଶା ବଜେଟ୍ କୃଷକ, ଶ୍ରମିକ ଓ ବଞ୍ଚିତ ବିଭାଗର ଲୋକଙ୍କୁ ନିରାଶ କରିଛି । ଆମ ଲୋକଙ୍କର ଉନ୍ନତି ପାଇଁ ପ୍ରକୃତ ଉଦ୍ଦେଶ୍ୟ ଅପେକ୍ଷା ବଜେଟ୍ ଏକ ପରିସଂଖ୍ୟାନିକ ଜଗଲାରୀ ପରି ଦେଖାଯାଉଛି ।ଲୋକଙ୍କ ଆବଶ୍ୟକତା ଏବଂ ଆକାଂକ୍ଷା ସହିତ ଆମେ ବଜେଟ୍ ବ୍ୟବସ୍ଥାରେ ମିଳିତ ବୃଦ୍ଧି ଦେଖୁନାହୁଁ । ଦୁର୍ଭାଗ୍ୟବଶତ ଓଡିଶାର ସହରାଞ୍ଚଳ କିମ୍ବା ଗ୍ରାମାଞ୍ଚଳରେ ଦାରିଦ୍ର, ଅସମାନତା ଏବଂ ଭିତ୍ତିଭୂମି ଅଭାବରେ ପରିପୂର୍ଣ୍ଣ ହୋଇ ରହିଛି। ଆମେ ଆଶା କରିଥିଲୁ ଯେ ବଜେଟ୍ ଲୋକଙ୍କ ଆକାଂକ୍ଷାକୁ ସମାଧାନ କରିବ କିନ୍ତୁ ଏହା କରିବାରେ ବିଫଳ ହେଇଛି। ସ୍ଥାନୀୟ ସଂସ୍ଥାଗୁଡ଼ିକ ପାଇଁ ଉଦ୍ଦିଷ୍ଟ ପରିମାଣର ଏକ ଛୋଟ ବୃଦ୍ଧି ହେବା ନିଶ୍ଚିତ ଯେ ଆମେ ମୌଳିକ ସୁବିଧା ପାଇଁ ସଂଗ୍ରାମ ଜାରି ରଖିବା ଯାହା ଲୋକଙ୍କ ସମ୍ମାନଜନକ ଜୀବନ ପାଇଁ ଜରୁରୀ ଅଟେ। ଲୋକମାନେ ଯୋଜନାର ବର୍ଷା ଆଶା କରୁଥିବାବେଳେ ଓଡିଶାର ବଜେଟ୍ ଏକ ଚ଼ତୁରତା ଭାବରେ ଆସିଛି। ଭାରତୀୟ ଜାତୀୟ କଂଗ୍ରେସ ଲୋକଙ୍କ ଅଭାବ ଏବଂ ମୌଳିକ ଆବଶ୍ୟକତା ପ୍ରସଙ୍ଗ ଉଠାଇବ। ସରକାର ନିଶ୍ଚୟ କାର୍ଯ୍ୟ କରିବେ, ଏବଂ କେବଳ ଘୋଷଣା କରିବେ ନାହିଁ! ପିସିସି ସଭାପତ ଶରତ ପଟ୍ଟନାୟକ ତାଙ୍କ ବଜେଟ୍ ପ୍ରତିକ୍ରିୟାରେ ଏହା ପ୍ରକାଶ କରିଛନ୍ତି ।

KISS

Kalinga Institute of Social Sciences
Deemed to be University
(Established U/S 3 of UGC Act, 1956), Bhubaneswar, Odisha, India

2nd Annual Convocation

Date : 4th July 2022 (Monday)

Convocation Address by

His Holiness Gyetrul Jigme Rinpoche
Master of Tibetan Buddhism and Spiritual Director of the Ripa International Center

Conferment of Honoris Causa Degrees on:

Dr. Rajiv Kumar
Chancellor, Gokhale Institute of Politics and Economics, Pune

Mr. Pavan Sukhdev
UNEP Goodwill Ambassador, Founder and CEO of GIST Advisory Switzerland SA

Dr. Ricky G. Kej
Internationally Renowned Indian Music Composer and 2 Times Grammy Award Winner

Mr. Erik Solheim
President, Green Belt and Road Institute

Mr. Satya S. Tripathi
Chancellor, KISS-DU
will preside over the ceremony

Venue: KISS Convention Centre, Campus - 6, Bhubaneswar
Watch live on Kalinga TV from 10.30 a.m. to 11.30 a.m.
Only University in the World Exclusively for Tribal Students








# ଟି ଟାଇମ୍

## ଭୂତଙ୍କ ମେଳା

ମେଳା ତ ଅନେକ ରହିଥାଏ। ମେଳାକୁ ଆକର୍ଷଣୀୟ କରିବା ପାଇଁ କେତେକ ସ୍ଥାନରେ ଗୋରୁଗାଈ ତ ଆଉ କେଉଁଠି କଣ୍ଢେଇ, ଖେଳନାମାନ ବିକ୍ରି କରାଯାଇଥାଏ। ହେଲେ ଭୂତମାନଙ୍କୁ ନେଇ କେବେ କୌଣସି ମେଳା ହେଉଥିବା ବିଷୟରେ ଶୁଣିଛନ୍ତି। କିନ୍ତୁ ଏପରି ଏକ ମେଳା ମିର୍ଜାପୁରର କୋହରୋରାର ବରହି ଗ୍ରାମରେ ବେଚୁବୀର ବାବାଙ୍କ ସମାଧି ଉପରେ ହୋଇଥାଏ। ଏହି ମେଳାରେ ଭୂତ, ପ୍ରେତ ଏବଂ ଡାହାଣୀମାନଙ୍କର ମେଳା ହୋଇଥାଏ। ଅନ୍ଧବିଶ୍ୱାସ ସହିତ ଜଡ଼ିତ ଏହି ମେଳାରେ ଭୂତ-ପ୍ରେତଙ୍କ ପ୍ରକୋପରୁ ଲୋକମାନଙ୍କୁ ମୁକ୍ତି ଦିଆଯାଇଥାଏ। ଅନ୍ଧବିଶ୍ୱାସର ଏ ସମସ୍ତ ଖେଳ ସ୍ଥାନୀୟ ପୋଲିସ କର୍ମଚାରୀମାନଙ୍କ ସାମ୍ନାରେ ହୋଇଥାଏ। ଏହି ମେଳା ୩୫୦ବର୍ଷରୁ ହୋଇଆସିଲାଣି। ଅନ୍ଧବିଶ୍ୱାସର ଏହି ମେଳାରେ ଅଭିଯୋଗ ନେଇ ମଣିଷମାନେ ଆସିଥାନ୍ତି। ଯଦି କୌଣସି ବ୍ୟକ୍ତିଙ୍କ ଉପରେ ଭୂତ କିମ୍ବା ପ୍ରେତଙ୍କର ପ୍ରଭାବ ରହିଥାଏ ତେବେ ତାଙ୍କୁ ଏହି ସଂକଟରୁ କେବଳ ବେଚୁବିର ବାବା ହିଁ ମୁକ୍ତ କରିପାରିବେ। ଏଠାକୁ ଅନେକ ଦୂର ଦୂରାନ୍ତରୁ ଲୋକମାନେ ଚିକିତ୍ସା କରିବା ପାଇଁ ଆସିଥାନ୍ତି। ବେଚୁ ବାବାଙ୍କ ସମାଧିର ଦେଖାଶୁଣା ତାଙ୍କର ଏହି ଛଅ ବଶଂଜ କରିଥାନ୍ତି। ଏଠାରେ ଭୂତ-ପ୍ରେତଙ୍କ ବ୍ୟତୀତ ନିଃସନ୍ତାନ ଲୋକମାନେ ମଧ୍ୟ ଆସିଥାନ୍ତି।

## ୧୦୬୮ଟଙ୍କାର କିଟ୍‌କାଟ୍

ଯଦି ଆପଣ ଚକୋଲେଟ୍ ଖାଇବାର ସୌଖୀନ୍ ତେବେ ଆପଣଙ୍କ ପାଇଁ ଏକ ବଡ଼ ଖୁସି ଖବର। ପ୍ରସିଦ୍ଧ କମ୍ପାନୀ ନେସ୍‌ଲେ ଜାପାନରେ ଗୋଟିଏ ନୂଆ ପ୍ରଡ଼କ୍ଟ ଲଞ୍ଚ କରିଛନ୍ତି । ଏହି ପ୍ରଡ଼କ୍ଟ ହେଉଛି ଗୋଟିଏ ଚକୋଲେଟ୍। କିନ୍ତୁ ଏହା ଏକ ସାଧାରଣ ଚକୋଲେଟ୍ ନୁହେଁ। ସୁନାରେ ପ୍ରସ୍ତୁତ ଚକୋଲେଟ୍। ନେସ୍‌ଲେ ଏହି ଚକୋଲେଟ୍‌ର ଉତ୍ପାଦନ କମ୍ପାନୀର ଚକଲେଟ୍ରୀ ବୁଟିକ୍ ପାଇଁ କରିଛନ୍ତି । ଏହାକୁ ଖାଇବା ଯୋଗ୍ୟ କରିବା ପାଇଁ ସେଥିରେ ସୁନାରେ ପତଳା କୋର୍ଟ ଦିଆଯାଇଛି । ଏବେ ଚକୋଲେଟ୍‌କୁ ଓ୍ୱାନ୍ ଫିଙ୍ଗର କିଟ୍‌କାଟ୍ ଚକୋଲେଟ୍ ଆକାରରେ ଲଞ୍ଚ କରାଯାଇଛି । ମିଳିଥିବା ସୂଚନା ଅନୁଯାୟୀ କମ୍ପାନୀ ଡିସେମ୍ବରର ଶେଷ ଆଡ଼କୁ ୫୦୦ ଚକୋଲେଟ୍‌କୁ ଜାପାନ୍‌ର ୮ଟି କିଟ୍‌କାଟ୍ ବୁଟିକ୍‌ରେ ବିକ୍ରି କରିବେ



। ସୁନାର ପରସ୍ତ ପଡ଼ିଥିବା ଏହି ଚକୋଲେଟ୍‌ର ଜାପାନ ମୂଲ୍ୟ ୨,୦୧୬ୟେନ୍(୧୬ଡଲାର) ଦାମରେ ବିକ୍ରି କରାଯିବ । ଯାହାର ଭାରତୀୟ ମୂଲ୍ୟ ୧.୦୬୮ଟଙ୍କା ହେବ । ଜାପାନରେ ନେସଲେ ୩୦ପ୍ରକାରର କିଟ୍‌କାଟ୍ ବିକ୍ରି କରିଥାଏ ।

## ଖରିଫ୍ ଧାନ ସଂଗ୍ରହ ପାଇଁ ଚାଷୀ ନାମପଂଜୀକରଣରେ ୧୩ ପ୍ରତିଶତ ବୃଦ୍ଧି

ଭୁବନେଶ୍ୱର,(ପିଏନ)-୨୦୨୦-୨୧ ଖରିଫ୍ ବିପଣନ ଋତୁରେ ମୂଲ୍ୟ ସହାୟକ ଯୋଜନାରେ ଖରିଫ୍ ଧାନ ସଂଗ୍ରହ ନିମନ୍ତେ ଚାଷୀ ନାମ ପଂଜୀକରଣ ଗତବର୍ଷ ତୁଳନାରେ ଉଲ୍ଲେଖନୀୟ ୧୩ ପ୍ରତିଶତ ବୃଦ୍ଧି ପାଇଛି । ୨୦୨୦-୨୧ ଖରିଫ୍ ଧାନ ସଂଗ୍ରହ ପାଇଁ ଅଦ୍ୟାବଧି ମୋଟ ୧୪ ଲକ୍ଷ ୨ ହଜାର ୨୦୫ ଜଣ ଚାଷୀ ଅନ୍ ଲାଇନ୍ ଜରିଆରେ ସେମାନଙ୍କ ନାମ ପଂଜୀକରଣ କରିଛନ୍ତି। ଗତବର୍ଷ ୨୦୧୯-୨୦ ଖରିଫ୍ ଧାନ ନିମନ୍ତେ ୧୨ ଲକ୍ଷ ୩୫ ହଜାର ୯୦୮ ଜଣ ଚାଷୀ ନାମ ପଂଜୀକରଣ କରିଥିଲେ ।

କୋଭିଡ୍-୧୯ ସ୍ଥିତିରେ ସରକାରଙ୍କ ସମସ୍ତ ମାର୍ଗଦର୍ଶିକା ଓ ସାମାଜିକ ଦୂରତ୍ୱ ଅନୁପାଳନ କରି ବିଭାଗ ଦ୍ୱାରା ପ୍ୟାକ୍ସ ଓ ଲ୍ୟାମ୍ପସ୍ ମାଧ୍ୟମରେ ଚାଷୀ ନାମ ପଂଜୀକରଣ କାର୍ଯ୍ୟ ସୁରୁଖୁରୁରେ କରାଯାଇପାରିଛି ଏବଂ ଗତବର୍ଷ ତୁଳନାରେ ୧ ଲକ୍ଷ ୬୬ ହଜାର ୨୯୭ ଜଣ ଅଧିକ ଚାଷୀ ସେମାନଙ୍କ ଖରିଫ୍ ଧାନ ବିକିବା ନିମନ୍ତେ ନାମ ପଂଜୀକରଣ କରିଥିବାରୁ ଖାଦ୍ୟଯୋଗାଣ ଓ ଖାଉଟି କଲ୍ୟାଣ, ସମବାୟ ମନ୍ତ୍ରୀ ଶ୍ରୀ ରଣେନ୍ଦ୍ର ପ୍ରତାପ ସ୍ୱାଇଁ ସମସ୍ତ କୃଷକ ଭାଇ ଏବଂ ବିଭାଗୀୟ ଅଧିକାରୀ ଓ କର୍ମଚାରୀଙ୍କୁ ସାଧୁବାଦ ଜଣାଇଛନ୍ତି। ରାଜ୍ୟର ୩୦ଟି ଜିଲ୍ଲାରେ ଖରିଫ୍ ଧାନ ସଂଗ୍ରହ ନିମନ୍ତେ ୨୮୫୨ଟି ପ୍ୟାକ୍ସ ଜରିଆରେ ନାମ ପଂଜୀକରଣ କାର୍ଯ୍ୟ କରାଯାଉଛି। ୨୦୨୦-୨୧ ଖରିଫ୍ ଧାନ ସଂଗ୍ରହ ନିମନ୍ତେ ରାଜ୍ୟର ପ୍ରାୟ ପ୍ରତିଟି ଜିଲ୍ଲାରେ ଗତବର୍ଷ ତୁଳନାରେ ନାମ ପଂଜୀକରଣ ସଂଖ୍ୟା ବୃଦ୍ଧି ପାଇଥିବାବେଳେ ନୂଆପଡ଼ା ଜିଲ୍ଲାରେ ଉଲ୍ଲେଖନୀୟ ୩୫ ପ୍ରତିଶତ ବୃଦ୍ଧି ପାଇଛି । ଏତଦ୍ ବ୍ୟତୀତ ବଲାଙ୍ଗୀର ଓ ଯାଜପୁର ଜିଲ୍ଲାରେ ୨୯ ପ୍ରତିଶତ ବୃଦ୍ଧି ପାଇଥିବାବେଳେ ମୟୂରଭଞ୍ଜ ଜିଲ୍ଲାରେ ୨୮ ପ୍ରତିଶତ, ଝାରସୁଗୁଡ଼ାରେ ୨୩ ପ୍ରତିଶତ, ଦେବଗଡ଼ରେ ୨୨ ପ୍ରତିଶତ, ଭଦ୍ରଖରେ ୨୦ ପ୍ରତିଶତ, ଢେଙ୍କାନାଳରେ ୧୯ ପ୍ରତିଶତ, ଅନୁଗୋଳ, ଜଗତସିଂହପୁର ଓ କୋରାପୁଟରେ ୧୮ ପ୍ରତିଶତ ଲେଖାଏଁ ନାମ ପଂଜୀକରଣ ବୃଦ୍ଧି ପାଇଛି। ସେହିପରି କଟକ ଜିଲ୍ଲାରେ ଚାଷୀ ନାମ ପଂଜୀକରଣ ୧୭ ପ୍ରତିଶତ, ସମ୍ବଲପୁରରେ ୧୬ ପ୍ରତିଶତ, ବାଲେଶ୍ୱର ୧୫ ପ୍ରତିଶତ, ବରଗଡ଼ରେ ୧୫ ପ୍ରତିଶତ ଏବଂ ସୁନ୍ଦରଗଡ଼ରେ ୧୩ ପ୍ରତିଶତ ବୃଦ୍ଧି ପାଇଛି।

## ପୁରାଣ କାହାଣୀ

## ହଜିଯାଇଥିବା ଜିନିଷ ଖୋଜି ଆଣିବ ସୁଦର୍ଶନ ଚକ୍ର



ଜୀବନରେ କୌଣସି ଜିନିଷ ହଜିଯିବା, କେଉଁଠି ରଖି ଭୁଲିଯିବା, ହଜିଯାଇଥିବା ଜିନିଷ ଖୋଜିଲେ ନ ମିଳିବା ଆଦି ସମସ୍ୟା ସ୍ୱାଭାବିକ୍ ଭାବେ ଘଟିଥାଏ । ଯାହା ମନକୁ ଭାରାକ୍ରାନ୍ତ କରିଦିଏ। ଏଭଳି ପରିସ୍ଥିତିରେ କାର୍ତ୍ତବିର୍ଯ୍ୟାର୍ଜୁନ୍ ରାଜା ଯିଏ ହେୟ ବଂଶର ତଥା ଭଗବାନ ବିଷ୍ଣୁଙ୍କ ସୁଦର୍ଶନ ଚକ୍ରର ଅବତାର ବୋଲି କୁହାଯାଇଥାଏ। ତାଙ୍କର ସାଧନା କରିବା ଦ୍ୱାରା ଏହି ସବୁ ସମସ୍ୟାରୁ ତୁରନ୍ତ ମୁକ୍ତି ମିଳିଥାଏ। ପୁରାଣରେ ବର୍ଣ୍ଣିତ ହୋଇଛି ଯେ ସୁଦର୍ଶନ ଚକ୍ର ଯେ କୌଣସି ଦିଗକୁ ଯାଇ ହଜିଥିବା ଜିନିଷ ଖୋଜି ଆଣିବାରେ ସାହାଯ୍ୟ କରିଥାଏ। ଏହାର ସାଧନା ପାଇଁ ଦୀପ ଜଳାଇ ପୂର୍ବ ଅଥବା ଉତ୍ତର ଦିଗ ପଟକୁ ମୁହଁ କରି ବସନ୍ତୁ। ହଜିଯାଇଥିବା ଜିନିଷକୁ ଭାବନାରେ ଆଣି ଭଗବାନ ବିଷ୍ଣୁଙ୍କର ସୁଦର୍ଶନ ରୂପକୁ ସ୍ମରଣ କରି ଧ୍ୟାନ କରନ୍ତୁ ।

## ନ୍ୟୁଡ ସେଲଫି ବଦଳରେ ମିଳୁଛି ଋଣ

ବେଙ୍କିଂ ସାଧାରଣତଃ ଋଣ ପ୍ରଦାନ ସମୟରେ ବ୍ୟାଙ୍କ କର୍ତ୍ତୃପକ୍ଷ ଘର କିମ୍ବା ଜମି ପଟ୍ଟାକୁ ବନ୍ଧକ ରଖିଥାନ୍ତି। ହେଲେ ଚୀନର ଏକ ବ୍ୟାଙ୍କ ଗ୍ୟାରେଣ୍ଟି ବାବଦରେ ଝିଅଙ୍କ ଅଶ୍ଳୀଳ ଫଟୋକୁ ଗ୍ରହଣ କରୁଛି। ସର୍ତ୍ତ ରହିଛି ଯଦି ସଠିକ ସମୟରେ ଋଣ ପରିଶୋଧ କରାନଯାଏ ତେବେ ଏହି ଫଟୋକୁ ସାର୍ବଜନୀନ କରାଯିବ। ଚୀନରେ ଜିଏଦାଇବାଓ ନାମକ ଏକ କମ୍ପାନୀ ଲୋକଙ୍କୁ ବ୍ୟବସାୟ ଏବଂ ଆବଶ୍ୟକୀୟ ସାମଗ୍ରି କ୍ରୟ ପାଇଁ ଅନଲାଇନରେ ଋଣ ପ୍ରଦାନ କରୁଛି। ତେବେ ଋଣ ପାଇଁ ଗ୍ୟାରେଣ୍ଟର ଭାବେ ଝିଅ



ପିଲାଙ୍କୁ ଅନଲାଇନରେ ନ୍ୟୁଡ ଫଟୋ ଦେବାକୁ କୁହାଯାଉଛି। ଏଥିରେ ଝିଅମାନେ ନିଜ ପରିଚୟ ପତ୍ର ସହ ଫଟୋ ଦେଉଛନ୍ତି। କୁହାଯାଇଛି ଯେ ଯଦି ସଠିକ ସମୟରେ ଋଣ ଅର୍ଥ ପୈଠ ନହୁଏ ତେବେ ଏହି ଫଟୋ ପରିବାର ଏବଂ ପରିଚିତ ଲୋକମାନଙ୍କୁ ପଠାଇବା ସହ ସୋସିଆଲ ସାଇଟରେ ମଧ୍ୟ ସେୟାର କରାଯିବ। କମ୍ପାନୀଟି ୩୦% ସାପ୍ତାହିକ ସୁଧରେ ଏହି ଅର୍ଥ ଆବଶ୍ୟକୀୟ ଲୋକଙ୍କୁ ପ୍ରଦାନ କରୁଛି। ମିଳିଥିବା ସୂଚନା ଅନୁସାରେ ଏହି କମ୍ପାନୀଟି ଅଦ୍ୟାବଧି ୧୬୦ଜଣ ଝିଅଙ୍କ ଫଟୋକୁ ସୋସିଆଲ ସାଇଟରେ ଛାଡି ସାରିଲେଣି। ଘଟଣାକୁ ନେଇ ବିଶ୍ୱବ୍ୟାପୀ ତୀବ୍ର ପ୍ରତିକ୍ରିୟା ଆରମ୍ଭ ହୋଇଥିଲା ବେଳେ କମ୍ପାନୀକୁ ବନ୍ଦ କରିବା ପାଇଁ ଦାବି ତେଜିଲାଣି।

## ଖାତାକୁ ଆସିଲା ୩୧କୋଟି, ଗହଣା ଏବଂ କପଡ଼ା ପାଇଁ କରିଦେଲେ ଖର୍ଚ୍ଚ

ସିଡନୀ ଭାରତରେ ନୋଟବନ୍ଦ ନିଷ୍ପତ୍ତି କାରଣରୁ ଅନେକ କଳାଧନକୁ ଧଳା କରିବା ପାଇଁ ଅନ୍ୟମାନଙ୍କ ଆକାଉଣ୍ଟରେ ଅର୍ଥ ଜମା କରୁଥିବା ଘଟଣା ଏବେ ଦେଖିବାକୁ ମିଳୁଛି। ସେହିପରି ଭୁଲରେ ମଧ୍ୟ ବ୍ୟାଙ୍କ







ଅଧିକାରୀମାନେ ଜଣଙ୍କ ସ୍ଥାନରେ ଅନ୍ୟଜଣଙ୍କ ଆକାଉଣ୍ଟରେ ଟଙ୍କା ଜମା କରିଦେଉଛନ୍ତି। ବ୍ୟାଙ୍କର ଏହି ତ୍ରୁଟି ଯୋଗୁ ଜଣେ ଛାତ୍ରଙ୍କୁ କୋର୍ଟର ଚକ୍କର କାଟିବାକୁ ପଡିଛି। ମାମଲାଟି ୨୦୧୨ ମସିହାର। ବ୍ୟାଙ୍କ ପକ୍ଷରୁ ଭୁଲରେ ମାଲେସିଆର ଜଣେ ୨୧ବର୍ଷୀୟ ଛାତ୍ରୀ କ୍ରିଷ୍ଟିନାଙ୍କ ଖାତାକୁ ଆସିଥିଲା ୩୧କୋଟି ଟଙ୍କା। ୨୦୧୪ ଜୁଲାଇ ମାସରେ ଏ ସମ୍ପର୍କରେ କ୍ରିଷ୍ଟିନା ଜାଣିପାରିଥିଲେ। ପରେ ଏହି ଟଙ୍କାରେ ସେ ଗହଣା,ପ୍ରଶାଧନ ସାମଗ୍ରିଓ ଅନ୍ୟାନ୍ୟ ଅତ୍ୟାବଶ୍ୟକ ଜିନିଷ କ୍ରୟ କରିଥିଲେ। ଏପରିକି ଗୋଟିଏ ଦିନ ସେ ଦେଢକୋଟି ଟଙ୍କାର କିଣାବିକା କରିଥିଲେ। ଗତବର୍ଷ ଏହି ତ୍ରୁଟି ସମ୍ପର୍କରେ ବ୍ୟାଙ୍କ କର୍ତ୍ତୃପକ୍ଷ ଅବଗତ ହେବାପରେ କ୍ରିଷ୍ଟିନାଙ୍କୁ ଫୋନ କରି ତୁରନ୍ତ ଟଙ୍କା ଫେରାଇବା ପାଇଁ ଅନୁରୋଧ କରିଥିଲେ। ହେଲେ କ୍ରିଷ୍ଟିନା କହିଥିଲେ ଯେ ମୁଁ ଭାବିଥିଲି ଏହି ଟଙ୍କା ମୋତେ ମୋ ବାପା ପଠାଇଛନ୍ତି। ପରେ ଘଟଣାଟି କୋର୍ଟରେ ପହଞ୍ଚିଥିଲା। ଗତ ମଙ୍ଗଳବାର ଦିନ ଡାଉନିଂ ସେଣ୍ଟର କୋର୍ଟରେ କ୍ରିଷ୍ଟିନା ଉପସ୍ଥିତ ହୋଇ ନିଜ ଯୁକ୍ତି ରଖିଥିଲେ। ପରେ ଏହି ମାମଲାରେ କୋର୍ଟ ତାଙ୍କୁ ସମ୍ମାନର ସହ ମୁକ୍ତି କରିଛି।

## ସନ୍ତାନ ଓ ଚାକିରି ଛାଡ଼ି ଆଇଏସ ବିରୋଧରେ ବନ୍ଧୁକ ଉଠାଇଲେ ମହିଳା

ସିରିୟାର ବେବିଲୋନିଆ ତାଙ୍କର ଦୁଇ ସନ୍ତାନ



ଓ ହେୟାର ଡ୍ରେସର ଚାକିରି ଛାଡି ଦୁର୍ଦ୍ଧର୍ଷ ଆତଙ୍କବାଦୀ ସଂଗଠନ ଆଇଏସଆଇଏସ ବିରୋଧରେ ବନ୍ଧୁକ ଉଠାଇଛନ୍ତି। ସେ ଆଇଏସ ବିରୋଧରେ ଲଢୁଥିବା ଖ୍ରୀଷ୍ଟିଆନ ଫିମେଲ ପ୍ରୋଟେକସନ ଗ୍ରୁପରେ ସାମିଲ ହୋଇଛନ୍ତି। ୩୬ ବର୍ଷୀୟା ବେବିଲୋନିଆ ସିରିୟାର ଉତ୍ତର-ପୂର୍ବରେ ହଶକାହ ପ୍ରଦେଶରେ ଖ୍ରୀଷ୍ଟିଆନ ସଂଖ୍ୟାଲଘୁ ସଂପ୍ରଦାୟର ମହିଳା। ଏହି ଗ୍ରୁପରେ ୫୦ ମହିଳା ଅଛନ୍ତି ଏବଂ ଏମାନଙ୍କ ପ୍ରଶିକ୍ଷଣ ଶିବିର ସିରିୟାର ଅଲ-କହତନିଏ ସହରରେ ରହିଛି। ବେବିଲୋନିଆ କହିଛନ୍ତି ପିଲାଙ୍କ ଭବିଷ୍ୟକୁ ସୁରକ୍ଷିତ କରିବା ପାଇଁ ସେ ଆଇଏସଆଇଏସ ବିରୋଧରେ ଅସ୍ତ୍ର ଉଠାଇଛନ୍ତି। ସିରିୟାରେ ୮୯ହଜାର ଖ୍ରୀଷ୍ଟିଆନ ବସବାସ କରୁଥିଲେ ହେଁ ଆଇଏସ ଆତଙ୍କବାଦୀଙ୍କ ଭୟରେ ଏମାନଙ୍କ ସଂଖ୍ୟା ଦ୍ରୁତ ହ୍ରାସ ପାଉଛି।

## ଆଜିର ଭାଗ୍ୟ

**ମେଷ** – କାର୍ଯ୍ୟ ହାସଲ କ୍ଷେତ୍ରରେ ଜଣେ ପୂର୍ବତନ ବନ୍ଧୁ ସାହାଯ୍ୟ କରିବେ। ଆନୁଷ୍ଠାନିକ କାମରେ ସଫଳତା ପାଇବେ। ବ୍ୟବସାୟରେ ସାମାନ୍ୟ କ୍ଷତି ହୋଇପାରେ। ପରିବହନରେ ଉନ୍ନତି କରିବେ। ମହିଳାଙ୍କ ଭାତୃ ସମ୍ପର୍କ ବୃଦ୍ଧି ପାଇବ।

**ବୃଷ** – ଅନ୍ୟମାନଙ୍କୁ ନିଜ ଆଡକୁ ଆକର୍ଷିତ କରିବା ପାଇଁ ବିଭିନ୍ନ ପ୍ରକାର ଚେଷ୍ଟା କରିବେ। ବନ୍ଧୁଙ୍କର ସହାନୁଭୂତି ଲାଭ କରିପାରନ୍ତି। ସ୍ଥଗିତ କାମକୁ ତ୍ୱରାନିତ କରିବେ। ମହିଳାମାନେ ସାଥିଙ୍କ ବାଟକୁ ଚାହିଁ ବସିବେ। ଦୂର ସ୍ଥାନକୁ ଭ୍ରମଣ ଯୋଗ ରହିଛି।

**ମିଥୁନ** – କର୍ମକ୍ଷେତ୍ରରେ କେତେକ ଦିଗରୁ ଚାପର ସମ୍ମୁଖୀନ ହୋଇପାରନ୍ତି। ଧୈର୍ଯ୍ୟ ହରାନହୋଇ ପରିସ୍ଥିତିର ସାମ୍ନା କରିବେ। ସାମ୍ବାଦିକତା କ୍ଷେତ୍ରରେ ପ୍ରତିବନ୍ଧକର ସମ୍ମୁଖୀନ ହେବେ। ବ୍ୟବସାୟରେ ବନ୍ଧୁ ସମ୍ପର୍କ ପ୍ରେ ଓ ପ୍ରଣୟ କ୍ଷେତ୍ରରୁ ଅନୁକୂଳ ଫଳ ମିଳିବ।

**କର୍କଟ** – ବନ୍ଧୁଙ୍କ ନିକଟୁ ସାହାଯ୍ୟ ପଅତିଶୃତି ପାଇ ଆସ୍ୱସ୍ତି ଅନୁଭବ କରିବେ। ପାରିବାରିକ ଅସ୍ଥିରତା ଓ ଅର୍ଥାଭାବ ପାଇଁ ମାନସିକ ଦ୍ୱନ୍ଦ ଭିତରେ ସମୟ କଟାଇବେ। ଆତ୍ମିୟମାନଙ୍କ ପରାମର୍ଶ ନେଇ କାର୍ଯ୍ୟ କ୍ଷେତ୍ରରେ ଉପକୃତ ହେବେ।

**ସିଂହ** – ସମସ୍ୟାର ସମାଧାନ ପାଇଁ ବନ୍ଧୁଙ୍କ ଉପରେ ନିର୍ଭର କରିବାକୁ ପଡିପାରେ। କର୍ମକ୍ଷେତ୍ରରେ ନୂତନ ଯୋଜନା ଆରମ୍ଭ କରିପାରନ୍ତି। ବକେୟା ଟଙ୍କା ମିଳିବାର ଯୋଗ ରହିଛି। ପ୍ରତିଷ୍ଠିତ ବ୍ୟକ୍ତିଙ୍କ ପରୋକ୍ଷରେ ସାହାଯ୍ୟ ପ୍ରାପ୍ତି ହୋଇପାରେ।

**କନ୍ୟା** – ହଠାତ୍ ଅର୍ଥ ସମ୍ପର୍କକୁ ନେଇ ଭାତୃ ବିବାଦ ଦେଖାଦେଇପାରେ। ପ୍ରେମରେ ପ୍ରତାରଣା ପାଇ କର୍ମକ୍ଷେତ୍ରରେ ପରିସ୍ଥିତିର ଚାପ ବୃଦ୍ଧି ପାଇବ। ସାମାନ୍ୟ ଶାରୀରିକ ଅସୁସ୍ଥତା ଅନୁଭବ କରିବେ। ମହିଳାଙ୍କ କ୍ଷେତ୍ରରେ ବିଭିନ୍ନ ପ୍ରକାରର ଶତ୍ରୁମାନେ କଟୁ କଥା କହିବେ।

**ତୁଳା** – ଇଚ୍ଛା ନଥିଲେ ମଧ୍ୟ ସମୟ ଓ ପରିସ୍ଥିତିକୁ ନେଇ ବନ୍ଧୁଙ୍କ ସହ ବିତର୍କ ସୃଷ୍ଟି ହୋଇପାରେ। ନିଜ ଲୋକମାନେ ଇର୍ଷା ପରାୟଣ ହୋଇ ପରିସ୍ଥିତିକୁ ଜଟିଳ ରୂପ ଦେବାରେ ସମର୍ଥ ହେବେ। ଅର୍ଥ ସଂଗ୍ରହରେ ତତ୍ପରତା ପ୍ରକାଶ କରିବେ।

**ବିଛା** – ପଡୋଶୀଙ୍କ ସହ ସମ୍ପର୍କ ମଧୁର ରଖିବାକୁ ଚେଷ୍ଟା କରିବେ। ବନ୍ଧୁଙ୍କ ସହ ସୌହାର୍ଦ୍ଦ୍ୟପୂର୍ଣ୍ଣ ଆଲୋଚନାରୁ ମନ ଖୁସି ରହିବ। ବିବାଦୀୟ ପରିସ୍ଥିତିର ଦୃଢ଼ ମୁକାବିଲା କରିବେ। ମହିଳାମାନେ ଭାବ ପ୍ରବଣତା ପ୍ରକାଶ କରିବେ।

**ଧନୁ** – ସୁନ୍ଦର ମଧୁର କଥା କହି ଅନ୍ୟମାନଙ୍କୁ ଆକର୍ଷିତ କରି କାର୍ଯ୍ୟ ହାସଲ କରିବେ। ଶାରୀରିକ ଅସୁସ୍ଥତା ଫେରି ପାଇବ। ପାରିବାରିକ କ୍ଷେତ୍ର, ଯାତ୍ରା ଓ ଦାମ୍ପତ୍ୟ ଜୀବନରୁ ସୁଫଳ ପାଇବେ। ଦୂର ସ୍ଥାନକୁ ଯାତ୍ରା କରିପାରନ୍ତି। ମହିଳାଙ୍କ ମନୋବଳ ଦୃଢ଼ ରହିବ।

**ମକର** – କୌଣସି ଅପରିଚିତ ବ୍ୟକ୍ତିଙ୍କ ଦ୍ୱାରା ଗୁରୁତ୍ୱ ପୂର୍ଣ୍ଣ କାର୍ଯ୍ୟ ହସଲ କରିବେ। ଭାବୁଥିବା କାମଟିକୁ ସମ୍ପୂର୍ଣ୍ଣ କରିବା ପାଇଁ ବନ୍ଧୁଙ୍କର ସାହାଯ୍ୟ ଭିକ୍ଷ୍ୟା କରିବେ। ଦାମ୍ପତ୍ୟ ଜୀବନରେ ତିକ୍ତତା ଦେଖାଦେଇପାରେ। ମହିଳାମାନେ ଅଶାନ୍ତି ରହିବେ।

**କୁମ୍ଭ** – ଯେତେ ତ୍ୟାଗ ସ୍ୱିକାର କଲେ ମଧ୍ୟ ବନ୍ଧୁ ସହକର୍ମୀ ଓ ପଡୋଶୀଙ୍କର ଭୁଲ୍ ଧାରଣାକୁ ବଦଳାଇ ପାରିବେ ନାହିଁ। ଆୟ ଅପେକ୍ଷା ବ୍ୟୟ କ୍ରମଶଃ ବୃଦ୍ଧି ପାଇବ। ସ୍ତ୍ରୀଙ୍କ ସ୍ୱାସ୍ଥ୍ୟ ପାଇଁ ଚିନ୍ତିତ ରହିବେ। ଆକସ୍ମିକ ଭାବେ ଉପହାର ଦ୍ରବ୍ୟ ଲାଭ ହୋଇପାରେ।

**ମୀନ** – କର୍ମକ୍ଷେତ୍ରରେ ସହଜ ସୁବିଧରେ କାମ ହାସଲ କରିବେ। ବନ୍ଧୁଙ୍କର ଆଦର ମନକୁ ଖୁସି ରଖିବ। ସଭା, ସମିତି, ରାଜନୀତି କ୍ଷେତ୍ରରେ ପ୍ରଶଂସିତ ହେବେ। ମହିଳାମାନେ ଅନ୍ୟଙ୍କ ସେବାରେ ବ୍ୟସ୍ତ ରହିବେ।

## ସୁନ୍ଦର ଆଖି

ମଣିଷ ଶରୀରରେ ଆଖି ହେଉଛି ସବୁଠାରୁ ସୁନ୍ଦର ଭାଗ । ଯାହା ଆପଣଙ୍କ ସୁନ୍ଦରତାକୁ ଆହୁରି ବଢାଇ ଦେଇଥାଏ । ଯଦି ଆପଣ ଆପଣଙ୍କ ଆଖିକୁ ସୁନ୍ଦର କରିବାକୁ ଚାହାନ୍ତି ତେବେ, ସ୍ମୋକିକ ଆଇଜ୍ ପାଇଁ ସର୍ବଦା ଗ୍ରେ ଏବଂ କଳା ରଙ୍ଗର ଆଇସ୍ୟାଡୋର ମିଶ୍ରଣକୁ କଳା ସହିତ ଲଗାନ୍ତୁ । ଏଥିପାଇଁ ସର୍ବପ୍ରଥମେ ଆଇବ୍ରୋର ତଳ ଭାଗରେ ରହିଥିବା ହାଡରୁ ଟିକେ ତଳକୁ ଆଖିପତାରେ ଗ୍ରେ ରଙ୍ଗର ଆଇସ୍ୟାଡେ ଲଗାନ୍ତୁ । ଏହାପରେ ଆଖିର ତଳ ଏବଂ ଉପର ଦୁଇ ଭାଗରେ କଳା ଲଗାନ୍ତୁ । ଏହା ଆଖିର ସୁନ୍ଦରତା ବଢେଇ ଦେଇଥାଏ ।

## କ୍ଲୋରାମିନ୍ ଯୁକ୍ତ ଖାଦ୍ୟ ହାନିକାରକ

ଆପଣଙ୍କ ଶରୀର ପାଇଁ କ୍ଷତିକାଚ୍ ସାବ୍ୟସ୍ତ ହୋଇପାରେ। ନିକଟରେ କରାଯାଇଥିବା ଏକ ଗବେଷଣାରୁ ଜଣାଯାଇଛି କ୍ଲୋରାମିନ୍ ଯୁକ୍ତ ଖାଦ୍ୟ ଓ ଲୁଣ ପ୍ରତିକ୍ରିୟା କରି ଏଭଳି ଏକ ହାନିକାରକ ରସାୟନ ନିର୍ମାଣ କରୁଛନ୍ତି, ଯାହା ଆପଣଙ୍କୁ ଡାକ୍ତରଖାନାରେ ପହଞ୍ଚାଇଦେବ। ଗବେଷକମାନେ ଅନେକ ଅଣୁମାନଙ୍କର ସନ୍ଧାନ କରିଛନ୍ତି, ଯାହା ସମ୍ପୂର୍ଣ୍ଣ ନୂଆ ଓ କ୍ଲୋରାମିନ୍ ଯୁକ୍ତ ପାଣି ଓ ଖାଦ୍ୟରେ ଥିବା ଆୟୋଡ଼ିନ୍ ଯୁକ୍ତ ଲୁଣ ମଧ୍ୟରେ



ପ୍ରତିକ୍ରିୟାରୁ ସୃଷ୍ଟି ହୋଇଛନ୍ତି। ପାଣିକୁ ସ୍ୱଚ୍ଛ କରିବା ପାଇଁ ସେଥିରେ କ୍ଲୋରିନ୍ କିମ୍ବା କ୍ଲୋରୋଏମିନ୍‌ର ଅଣୁ ମିଶାଯାଇଥାଏ। ଗବେଷକଙ୍କ ମତରେ ପାଇପ୍ ପାଣିରେ ଉପସ୍ଥିତ ଥିବା କ୍ଲୋରିନ୍ କିମ୍ବା କ୍ଲୋରୋଏମିନ୍ସ ଆୟୋଡ଼ିନ୍ ଲୁଣ ସହ ପ୍ରତିକ୍ରିୟା କରି ହାଇପୋଆୟୋଡ଼ସ୍ ଏସିଡ଼ ନିର୍ମାଣ କରିଥାଏ। ଯାହା ସାଧାରଣତଃ ହାନିକାରକ ନୁହେଁ। କିନ୍ତୁ ଯେତେବେଳେ ଏସିଡ଼ ଖାଦ୍ୟ ରାନ୍ଧିବା ସମୟରେ ପାଇପ୍ ପାଣିରେ ଉପସ୍ଥିତ ଅଣୁ ଓ ଅନ୍ୟ କାର୍ବନିକ୍ ପଦାର୍ଥ ସହିତ ପ୍ରତିକ୍ରିୟା କରିଥାଏ। ସେତେବେଳେ ସେଥିରେ ହାନିକାରକ ଆୟୋଡ଼ିନ୍ ଯୁକ୍ତ ଜୀବାଣୁ ନାଶକ ତିଆରି ହୋଇଥାଏ।

## ଥକ୍କାପଣ ଦୂର କରିବ ପ୍ରୋଟିନ୍ ଖାଦ୍ୟ

ଅଧିକାଂଶ ସମୟ ଲୋକଙ୍କର ଅଭିଯୋଗ ରହିଆସିଛି ଯେ, ସେମାନେ ଅଳ୍ପ କାମ ରେ ଜଲଦି ଥକିପଡ଼ନ୍ତି । କିଛି ବ୍ୟକ୍ତି ଏଭଳି ବି ଅଛନ୍ତି ଯିଏ କିଛି କାମ ନ କରି ମଧ୍ୟ ଥକ୍କା ଅନୁଭବ କରିଥାନ୍ତି। ଶରୀରରେ ଶକ୍ତିର କମି ଫଳରେ ଜଣେ ବ୍ୟକ୍ତି ଥକ୍କା ଅନୁବବ କରିଥାଏ । ତେଣୁ ଶରୀରକୁ ଶକ୍ତିଶାଳୀ ବନାଇବାପାଇଁ ଆପଣ ଆପଣଙ୍କ ଖାଦ୍ୟରେ ଦିନଚର୍ଯ୍ୟାରେ ପ୍ରୋଟିନ୍ ଯୁକ୍ତ ଖାଦ୍ୟ ସାମିଲ କରନ୍ତୁ । ପୂରା ଦିନ ପାଣି କିମ୍ବା କିଛି ତରଳ ପଦାର୍ଥ ପିଇବା ଉଚିତ୍ ।



ପାଣି ଶରୀରର ହାନୀକାରକ ତତ୍ତ୍ୱକୁ ବାହାରକୁ ବାହାର କରି ଶାରୀରିକ ପ୍ରଣାଳୀରେ ନୂତନ ଶକ୍ତି ସୃଷ୍ଟି କରିଥାଏ । ସର୍ବତ, ଫଳରସ, ନଡ଼ିଆ ପାଣି ଭଳି ପାଣି ଜିନିଷ ପିଇବା ଉଚିତ୍ । ଶାରୀରିକ ସତେଜ ରହିବା ପାଇଁ ପ୍ରୋଟୀନ୍ ଯୁକ୍ତ ଖାଦ୍ୟ ନିଜ ଖାଦ୍ୟରେ ଗ୍ରହଣ କରିବା ଉଚିତ୍ । କାବ୍ରୋହାଇଡ୍ରେଟ୍ରୁ ଶରୀରକୁ ଶକ୍ତି ମିଳିଥାଏ। ଫଳମାନଙ୍କ ମଧ୍ୟରେ କମଳା, ଆତାବି, ଲିଚି ଆଦି ଖାଇବା ଉଚିତ୍ । ଏଥିରେ ପ୍ରଚୁର ମାତ୍ରାରେ ଗ୍ଲୁକୋଜ ରହିଥାଏ । କ୍ଷୀରରେ ମହୁ ମିଶାଇ ଓ କଦଳୀର ସେକ୍ ପିଇଲେ ଶରୀରକୁ ଭଲ ଶକ୍ତି ମିଳିଥାଏ । ସବୁଠାରୁ ମହତ୍ତ୍ୱପୂର୍ଣ୍ଣ କଥା ହେଉଛି ଆପଣ ପୂରା ଦିନ ଯେତେ କାମ କରିଲେ ମଧ୍ୟ ୭ରୁ ୮ ଘଣ୍ଟାର ନୀଦ ପୂରା କରିବା ଉଚିତ୍ । ଏଭଳି କଲେ ପର ଆପଣଙ୍କୁ ସଠିକ୍ ଶକ୍ତି ମିଳିପାରିବ ।

ସଂ ଗଚ୍ଛଧ୍ୱଂ ସଂ ବଦଧ୍ୱଂ ସଂ ବୋ ମନାଂସି ଜାନତାମ୍ ।
ଦେବା ଭାଗଂ ଯଥା ପୂର୍ବେ ସଂଜାନାନା ଉପାସତେ ।।
ସମାନୋ ମନ୍ତ୍ରଃ ସମିତିଃ ସମାନୀ ସମାନମ୍ ମନଃ ସହ ଚିତ୍ତମେଷାମ୍ ।
ସମାନଂ ମନ୍ତ୍ରମଭି ମନ୍ତ୍ରୟେ ବଃ ସମାନେନ ବୋ ହବିଷା ଜୁହୋମି ।।
ସମାନୀ ବ ଆକୂତିଃ ସମାନା ହୃଦୟାନି ବଃ ।
ସମାନମସ୍ତୁ ବୋ ମନୋ ଯଥା ବଃ ସୁସହାସତି ...
ଋଗ୍ ବେଦ ୧୦/୧୯୧-୨-୪

ପର୍ଯ୍ୟବେକ୍ଷକ
ସମ୍ପାଦକୀୟ
ଭୁବନେଶ୍ୱର, ୨୦୨୨, ଜୁଲାଇ ୦୪

# ପ୍ରକୃତ ସ୍ୱାମୀ





ଗୋଟିଏ ସହରରେ ଜଣେ ସ୍ତ୍ରୀ ଲୋକ ରହୁଥିଲେ। ତାଙ୍କର ନାମ ଥିଲା ସ୍ୱର୍ଣ୍ଣମୟୀ। ପିଲାଦିନୁ ସେ ସ୍ୱର୍ଣ୍ଣ-ଅଳଙ୍କାରରେ ସଜେଇ ହୋଇ ରହିବାକୁ ଭଲ ପାଉଥିଲେ। ବୟସ ବଢ଼ିବା ସଙ୍ଗେ ସଙ୍ଗେ ସ୍ୱର୍ଣ୍ଣମୟୀ ଜଣେ ଅଳଙ୍କାର ବ୍ୟବସାୟୀଙ୍କୁ ବିବାହ କରିଥିଲେ। ସ୍ୱର୍ଣ୍ଣମୟୀ ଦେଖିବାକୁ ଅତ୍ୟନ୍ତ ସୁନ୍ଦରୀ ଥିଲେ ଓ ତାଙ୍କର ସମସ୍ତ ଆଶା ସ୍ୱାମୀ ବିଶ୍ୱରୂପ ପୂରଣ କରିଦେଉଥିଲେ। ସ୍ୱର୍ଣ୍ଣମୟୀ ନିଜ ଘରେ ସୁନ୍ଦରଭାବରେ ଠାକୁର କୃଷ୍ଣ, ଲକ୍ଷ୍ମୀ, ସରସ୍ୱତୀ, ଗଣେଶ, ହନୁମାନ ପ୍ରଭୃତି ଦେବାଦେବୀଙ୍କୁ ରଖି ସ୍ୱର୍ଣ୍ଣପଦ୍ମ ଫୁଲରେ ପୂଜା କରୁଥିଲେ। ପୂଜାଘର ଆଗରେ କଡ଼ା ପହରା ରହୁଥିଲା। ସ୍ୱାମୀ ଓ ସ୍ତ୍ରୀଙ୍କ ବ୍ୟତୀତ ଆଉ କାହାକୁ ଯିବାକୁ ଅନୁମତି ମିଳୁ ନ ଥିଲା। ଏପରିକି ସ୍ୱର୍ଣ୍ଣମୟୀ ଓ ତାଙ୍କର ସ୍ୱାମୀ ପୂଜା ଆଳି ଉପରେ ପୂଜା ପାର୍ବଣ ସମୟରେ ହୀରାଖଚିତ ପୁଷ୍ପାଞ୍ଜଳୀ ଅର୍ପଣ କରୁଥିଲେ। ଦିନେ ବିଶ୍ୱରୂପଙ୍କ ତାଙ୍କର ଜଣେ ବନ୍ଧୁ ସତ୍ୟ ବେଦପୁଷ୍ପାଞ୍ଜଳୀ ବୋଲି ଏକ ପୁସ୍ତକ ଉପହାରରେ ଦେଇଥିଲେ। ବିଶ୍ୱରୂପଙ୍କର ପଢ଼ିବା ପାଇଁ ସମୟ ନଥିବାରୁ ସେ ବହିଟିକୁ ତାଙ୍କ ଧର୍ମପତ୍ନୀ ସ୍ୱର୍ଣ୍ଣମୟୀଙ୍କୁ ଦେଲେ ଓ କହିଲେ ବହିଟି ଭାରି ଉପାଦେୟ, ମୂଲ୍ୟବୋଧଭିତ୍ତିକ। ସମୟ ପାଇଲେ ବହିଟିକୁ ପଢ଼ି ବୁଝିପାରିଲେ ଭଲ। ସ୍ୱର୍ଣ୍ଣମୟୀ ସ୍ୱାମୀଙ୍କ କଥାମାନି ସେ ବହିରୁ କିଛି ଧାଡ଼ି ମନେରଖିବାକୁ ଚେଷ୍ଟା କଲେ ଓ ତାଙ୍କର ସ୍ୱାମୀଙ୍କୁ ଏହାର ଅର୍ଥ କ'ଣ ପଚାରି ବୁଝିବାକୁ ମନସ୍ଥ କଲେ। ସେ ମନେରଖିଥିବା ଧାଡ଼ିଟିମାନ ଏହିପରି ଥିଲା- ***"ସହସ୍ରଶୀର୍ଷା ପୁରୁଷଃ ସହସ୍ରାକ୍ଷଃ ସହସ୍ରପାତ୍, ସ ଭୂମିଂ ବିଶ୍ୱତୋ ବୃତ୍ୱା ଅତ୍ୟତିଷ୍ଠଦଶାଙ୍ଗୁଳମ୍।"*** ଅର୍ଥ ସର୍ବତ୍ର ବିଦ୍ୟମାନ ପରମପୁରୁଷ ସହସ୍ର ଶିର, ସହସ୍ର ଚକ୍ଷୁ ଅଙ୍ଗବିଶିଷ୍ଟ ଅଟନ୍ତି। ସେ ତାଙ୍କ ପୂର୍ଣ୍ଣ ବିଭାବରେ ସମଗ୍ର ବିଶ୍ୱ ମଧ୍ୟରେ ଦଶ ଆଙ୍ଗୁଳି ପରିମିତ ଆକାରରେ ପରିବ୍ୟାପ୍ତ ହୋଇ ରହିଛନ୍ତି।

ଦିନେ ସେ ବିଶ୍ୱରୂପଙ୍କୁ କହିଲେ ତୁମେ ମତେ ଜୀବନରେ ସବୁକିଛି ଦେଇଛ, ହେଲେ ଏ ଉପରୋକ୍ତ ଶ୍ଳୋକର ଅର୍ଥ କ'ଣ? ଓ ମୁଁ ଭଗବାନଙ୍କର ସେ ରୂପକୁ ଦର୍ଶନ କରିବାକୁ ଚାହୁଁଛି, ତୁମେ ଦୟାକରି ମତେ ତା'ର ଉପାୟ ବତାଇ ଦିଅ। ପ୍ରଥମେ ପ୍ରଥମେ ବିଶ୍ୱରୂପ ଏହାକୁ କର୍ଣ୍ଣପାତ କରୁନଥିଲେ। ଦିନେ ତାଙ୍କ ଘର ଆଗରେ ଥିବା ଏକ ଖୋଲା ପଡ଼ିଆରେ ଜଣେ ଧର୍ମଗୁରୁଙ୍କର ଦର୍ଶନ ଲାଭ ପାଇଁ ପ୍ରବଳ ଭିଡ଼ ହୋଇଥାଏ। ସୋରିଷଟିଏ ପକାଇବାକୁ ମଧ୍ୟ ଜାଗା ନଥାଏ। ମାଳ ମାଳ ମୁଣ୍ଡ ଓ ହାତ ଛଡ଼ା ଅନ୍ୟ କିଛି ଦେଖାଯାଉନଥାଏ। ସେଦିନ ସ୍ୱର୍ଣ୍ଣମୟୀ ଶ୍ଳୋକର ରୂପକୁ ଦେଖାଇ ଦେବାକୁ ଜିଦି ଧରିବାରୁ ସେ କହିଲେ ଜଣେ ସ୍ୱାମୀ ଆସିଛନ୍ତି। ତାଙ୍କୁ ସମସ୍ତେ ସ୍ୱାମୀ ସ୍ୱାମୀ ବୋଲି ଡାକୁଛନ୍ତି। ତେଣୁ ତୁମେ ଝରକା ପାଖକୁ ଯାଅ ଝରକା ଖୋଲି ପରଦା ଆଡ଼େଇ ଦେଖିଲେ ତୁମେ ଶ୍ଳୋକର ଅର୍ଥ ଯାହାକି ଭଗବାନଙ୍କର ବିଶ୍ୱରୂପ ତାକୁ ଦର୍ଶନ କରିପାରିବ। ସ୍ୱର୍ଣ୍ଣପ୍ରଭା ସ୍ୱାମୀଙ୍କ କଥା ମାନି ଝରକା ଖୋଲି ଦେଖନ୍ତି ତ' କେବଳ ମୁଣ୍ଡମାଳ। ସେଦିନ ଉକ୍ତ ଧର୍ମଗୁରୁ ବିଶ୍ୱରୂପଙ୍କର ଅନୁରୋଧକ୍ରମେ ତାଙ୍କ ବାସଭବନକୁ ଆସିଥିଲେ ଓ ସ୍ୱାମୀ-ସ୍ତ୍ରୀ ଘର ଭିତରର ମନ୍ଦିରକୁ ତାଙ୍କୁ ଦର୍ଶନ କରାଇଥିଲେ। ସେଦିନ ସ୍ୱାମୀ-ସ୍ତ୍ରୀ ଉଭୟେ ତାଙ୍କୁ ସ୍ୱାମୀ ସ୍ୱାମୀ ବୋଲି ସମ୍ବୋଧନ କରୁଥିଲେ ଓ ତାଙ୍କର ଆତିଥ୍ୟରେ ସନ୍ତୁଷ୍ଟ ହୋଇ ଧର୍ମଗୁରୁ ତାଙ୍କୁ ଶୁଭେଚ୍ଛା ବାବଦ କିଛି ବିଭୂତି ପ୍ରଦାନ କରିଥିଲେ।

ଏହି ଘଟଣାର କିଛିଦିନ ପରେ ବିଶ୍ୱରୂପଙ୍କର ଦେହାନ୍ତ ହୋଇଥିଲା। ସବୁ ଆଶା ପୂରଣ କରି ପାଉଥିବା ବିଶ୍ୱରୂପଙ୍କର ମୃତ୍ୟୁରେ ସ୍ୱର୍ଣ୍ଣମୟୀ ଅତ୍ୟନ୍ତ ମର୍ମାହତ ହୋଇଥିଲେ। ଯେଉଁ ସ୍ୱାମୀଙ୍କ ପାଇଁ ସେ ଭଗବାନଙ୍କୁ ପ୍ରାର୍ଥନା କରୁଥିଲେ ତାଙ୍କ ଅନୁପସ୍ଥିତିରେ ଭଗବାନଙ୍କର ଆଉ ପୂଜା ଲୋଡ଼ା ନାହିଁ ଭାବି ସେ ଘରେ ଥିବା ମନ୍ଦିର ଗୃହକୁ ପ୍ରବେଶ କଲେନାହିଁ। ଏକ ଶୃଙ୍ଗାରର ନାରୀକୁ ବ୍ୟବସାୟ ବାଣିଜ୍ୟ, ସଂସାରର ଚାପ ମର୍ମାହତ କରୁଥିଲା। ସେ ନିଜର ଶୃଙ୍ଗାର ମଧ୍ୟ ଆଉ କଲେନାହିଁ। ସବୁବେଳେ ଭାବୁଥିଲେ ଏ ଜୀବନର ଆଉ କି ମୂଲ୍ୟ! ଦିନେ ପ୍ରାତଃ ସମୟରେ ଉକ୍ତ ଧର୍ମଗୁରୁ ସ୍ୱର୍ଣ୍ଣମୟୀଙ୍କ ବାସଭବନକୁ ତାଙ୍କର କେତେକ ଶିଷ୍ୟଙ୍କୁ ଧରି ହଠାତ୍ ଆଗମନ କଲେ। ଏପରି ଜଣେ ଅତି ବିଶିଷ୍ଟ ଗୁରୁଙ୍କୁ ଘରେ ଅଚାନକ ପଦାର୍ପଣ କରିଥିବାର ଦେଖି ସ୍ୱର୍ଣ୍ଣମୟୀ ବିମୋହିତ ହୋଇଯାଇଥିଲେ ଓ ସ୍ୱାମୀ ସ୍ୱାମୀ କହି ପାଦତଳେ ପଡ଼ି ଲୋତକ ଝରାଇଥିଲେ। ଗୁରୁ (ସ୍ୱାମୀ) ଖୁବ ସ୍ୱଳ୍ପ ସମୟ ସ୍ୱର୍ଣ୍ଣପ୍ରଭାଙ୍କ ସହ ବାର୍ତ୍ତାଳାପ କରି ସେଠାରୁ ଚାଲିଯାଇଥିଲେ। ସେ କହିଥିଲେ-"ବିଶ୍ୱରୂପର ଦେହାନ୍ତ ଓ ମୋ' ସହିତ ମିଶ୍ରଣ କଥା ମୁଁ ଜାଣେ। ଭଗବାନ ଏ ବିଶ୍ୱରେ ଅଦୃଶ୍ୟ ରୂପରେ ଥାଆନ୍ତି। ଯେପରି ହୀରାଖଚିତ ହାରକୁ ସ୍ୱର୍ଣ୍ଣରୂପକ ତାର ଲୁକ୍କାୟିତ ଭାବେ ଧରି ରଖିଥାଏ। ସେହିପରି ଭଗବାନ ସାରା ବିଶ୍ୱରେ ପରିବ୍ୟାପ୍ତ ହୋଇ ମଣିଷ ମଧ୍ୟରେ ଆତ୍ମଶକ୍ତି ଭାବେ ବିଦ୍ୟମାନ ଥାଆନ୍ତି। ତୁମେ ଝରକା ଖୋଲି ସେଦିନ ବିଶ୍ୱରୂପଙ୍କୁ ଦର୍ଶନ କରିଥିଲ। ଗୋପୀକାମାନେ କୃଷ୍ଣଙ୍କୁ ସ୍ୱାମୀ ରୂପେ ଗ୍ରହଣ କରିଥିବାରୁ ଉଦ୍ଧବଙ୍କର କଥାକୁ ଗ୍ରହଣ କରିବାପାଇଁ ସେମାନଙ୍କର ହୃଦୟରେ ଜାଗା ନଥିଲା। ସାରା ପୃଥିବୀ ଗୋପୀକାମାନଙ୍କ ପାଇଁ ବିଷ୍ଣୁମୟ ଜଗତ ହୋଇଥିବାରୁ ଗଛ, ଫୁଲ, ଫଳ, ଲତା ସମସ୍ତଙ୍କୁ ଧରି କୃଷ୍ଣପ୍ରେମରେ ବିହ୍ୱଳ ହୋଇ ସେମାନେ କ୍ରନ୍ଦନ କରୁଥିଲେ। ଭଗବାନ ହିଁ ତୁମର ସ୍ୱାମୀ ଯେ କି ତୁମ ମଧ୍ୟରେ ତୁମର ମୃତ୍ୟୁ ପର୍ଯ୍ୟନ୍ତ ରହି ସମସ୍ତ କଥା ବୁଝୁଛନ୍ତି ବୁଝିବେ ମଧ୍ୟ।" ଏ କଥା ଶୁଣି ସେହିଦିନଠାରୁ ସ୍ୱର୍ଣ୍ଣମୟୀ ପୁଣି ମନ୍ଦିର ଖୋଲି ପୂଜାର୍ଚ୍ଚନା କରିବା ସହିତ ଜନସେବାରେ ନିଜକୁ ଓ ତାଙ୍କର ଅର୍ଥକୁ ନିୟୋଜିତ କଲେ।

**ଅନୀତା ପଟ୍ଟନାୟକ**, ଅବସରପ୍ରାପ୍ତ ପ୍ରାଧ୍ୟାପିକା, ସିଡ଼ିଏ, କଟକ, ଦୂରଭାଷ: ୯୬୯୨୯୮୦୦୨୬

# ମତଦାତା, ରାଜନେତା ଓ ମନ୍ତ୍ରୀ ଟୁକୁନି ସାହୁ !

ଶରତ କୁମାର ରାଉତ



ସାମ୍ପ୍ରତି ଭାରତୀୟ ରାଜନୀତିରେ ଅପରାଧ ଓ ଭ୍ରଷ୍ଟାଚାର ଏତେ ଅଧିକ ବଢିଯାଇଛି ଯେ, ଦେଶ ପାଇଁ ଯେଉଁ ଗୁରୁତ୍ୱପୂର୍ଣ୍ଣ ବିଷୟଗୁଡ଼ିକର ବିକାଶ ଆଶା କରାଯାଉଥିଲା, ତାହା ଏବେ ସ୍ୱପ୍ନ ପାଲଟିଯାଇଛି। ସ୍ୱାଧୀନତାକୁ ନେଇ ବିକାଶର ଉଚ୍ଚ ପାହାଚ ପର୍ଯ୍ୟନ୍ତ ଗତିକରି ଆସିଥିବା ଭାରତୀୟ ଗଣତନ୍ତ୍ର କେତେକ ତଥାକଥିତ ରାଜନୀତିଜ୍ଞଙ୍କର ଅକ୍ତିଆରରେ ରହିଥିବାରୁ ଭାରତୀୟମାନେ ମଧ୍ୟ ଅନ୍ଧ ଭଳି ସେମାନଙ୍କୁ ସମର୍ଥନ କରିଆସୁଛନ୍ତି। ଗଣତନ୍ତ୍ରର ଏହି ମନ୍ଦିରଗୁଡ଼ିକୁ ଆମେ ଯେଉଁ ବ୍ୟକ୍ତିମାନଙ୍କୁ ନିର୍ବାଚିତ କରି ପଠାଉଛୁ, ସେମାନେ ଆମର ପ୍ରତିନିଧି ଓ ପ୍ରବକ୍ତା ମଧ୍ୟ। ଯଦିଓ ଆମ ପ୍ରତିନିଧିଙ୍କ ଭିତରେ ଗଣତାନ୍ତ୍ରିକ ସଂସ୍କାର ଥିବ, ତେବେ ସଂସଦ ବା ବିଧାନସଭାରେ ଲୋକଙ୍କ ଆଶା-ଆକାଂକ୍ଷା, ସୁଖ-ଦୁଃଖ ଏବଂ ଦୃଷ୍ଟିକୋଣ ଗଣତାନ୍ତ୍ରିକ ଢଙ୍ଗରେ ଉପସ୍ଥାପିତ ହୋଇପାରିବ। ମାତ୍ର ବାହୁବଳ, ଅର୍ଥବଳ, ମାଫିଆବଳ ଓ କେତେକ କ୍ଷେତ୍ରରେ ମିଡ଼ିଆ ବଳର ବ୍ୟବହାର କରି କେହିଜଣେ ଅତି ସହଜରେ ପ୍ରତିନିଧିତ୍ୱ ହାସଲ କରିପାରୁଛନ୍ତି। ସେହି ପ୍ରତିନିଧିଙ୍କ ଠାରୁ ଗଣତାନ୍ତ୍ରିକ ସଂସ୍କାରବାଦୀ କାର୍ଯ୍ୟ ପ୍ରଣାଳୀର ଆଶା କରାଯିବା ସ୍ୱପ୍ନ ସହ ସମାନ। ଏଥିରେ ମତଦାତା-ମାନଙ୍କର ମଧ୍ୟ କିଛି ଭୁଲ୍ ରହିଛି। ସେମାନେ ନିର୍ବାଚନ ସମୟରେ ସହଜରେ ପ୍ରଭାବିତ ହୋଇଯାଆନ୍ତି। ଯଦ୍ୱାରା ଅଯୋଗ୍ୟ, ଅପରାଧୀ, ଦୁର୍ନୀତିଗ୍ରସ୍ତ ବ୍ୟକ୍ତି ପ୍ରତିନିଧିଭାବେ ନିର୍ବାଚିତ ହୋଇ ଯାଉଛନ୍ତି। ଆମ ଓଡ଼ିଶାରେ ବର୍ତ୍ତମାନର ବିଧାୟକ ଓ ସାଂସଦମାନଙ୍କ ମଧ୍ୟରେ ହୁଏତ କେତେକ ଉପଯୁକ୍ତ ଓ ଲୋକପ୍ରିୟ ଥିବାବେଳେ ଆଉ କେତେକ ଅଯୋଗ୍ୟ, ଅପରାଧୀ ଓ ଦୁର୍ନୀତିଗ୍ରସ୍ତ ହୋଇଥାଇପାରନ୍ତି। ଏ ବାବଦରେ ବ୍ୟାପକ ଆଲୋଚନାର ଆବଶ୍ୟକତା ରହିଛି।

ଏହି ସ୍ତମ୍ଭରେ ଓଡ଼ିଶାର ବିଧାୟକ ଓ ସାଂସଦ ସାଧାରଣ ଲୋକଙ୍କ ସୁଖ-ଦୁଃଖ ସହିତ କେତେ ଜଡ଼ିତ ଅଛନ୍ତି ବା ତାଙ୍କର କାର୍ଯ୍ୟକଳାପ ସଂପର୍କରେ ଆଲୋଚନା କରିଆସୁଛୁ। କେତେକ ଦେଶରେ ଲୋକପ୍ରତିନିଧିମାନଙ୍କ କାର୍ଯ୍ୟକଳାପ ସଂପର୍କରେ ସେଠାକାର ମିଡ଼ିଆ ସପ୍ତାହରେ ବା ଅତି ବେଶୀରେ ମାସରେ ଥରେ ଲୋକମାନଙ୍କୁ ସୂଚନା ଦେଇଥା'ନ୍ତି। ଯଦ୍ୱାରା ଲୋକେ ନିଜର ପ୍ରତିନିଧିଙ୍କ ସଂପର୍କରେ ଜାଣନ୍ତି ଓ ସଚେତନ ହୁଅନ୍ତି। ହେଲେ ଆମ ଦେଶର ମିଡ଼ିଆ ଏଥିପ୍ରତି ବିଶେଷ ଗୁରୁତ୍ୱ ଦିଏ ନାହିଁ।

ବଲାଙ୍ଗୀର ଜିଲ୍ଲା ଅନ୍ତର୍ଗତ ଟିଟିଲାଗଡ଼ ବିଧାନସଭା କ୍ଷେତ୍ରର ବିଧାୟିକା ତଥା ବାଣିଜ୍ୟ, ପରିବହନ ଓ ଜଳସଂପଦ ବିଭାଗ ମନ୍ତ୍ରୀ ଟୁକୁନି ସାହୁଙ୍କ ସଂପର୍କରେ ଆମର ଏଥରର ଆଲୋଚନା। ରାଜନୀତିକ ପରିବାରରୁ ଆସିଥିବା ମନ୍ତ୍ରୀ ଟୁକୁନି ସାହୁ ଜଣେ ପ୍ରଗତିଶୀଳ ମଣିଷ ଭାବେ ବିଭିନ୍ନ ସାମାଜିକ ଓ ଗଣଆନ୍ଦୋଳନ ସହିତ ନିଜକୁ ସାମିଲ କରିଛନ୍ତି ତଥା ବଲାଙ୍ଗୀର ଜିଲ୍ଲା ରାଜନୀତି କ୍ଷେତ୍ରରେ ନିଜର ଏକ ସ୍ୱତନ୍ତ୍ର ସ୍ଥାନ ସୃଷ୍ଟି କରିପାରିଛନ୍ତି। ବିଜୁ ପଟ୍ଟନାୟକ, ନବୀନ ପଟ୍ଟନାୟକ ଓ ନିଜ ସ୍ୱାମୀଙ୍କ ଆଦର୍ଶରେ ଅନୁପ୍ରାଣିତ ହୋଇ ମନ୍ତ୍ରୀ ଟୁକୁନି ସାହୁ ସକ୍ରିୟ ରାଜନୀତିରେ ପାଦ ଦେଇଥିଲେ ଓ ୨୦୧୪ ବିଧାନସଭା ନିର୍ବାଚନରେ ପ୍ରଥମ ଥର ପ୍ରତିଦ୍ୱନ୍ଦ୍ୱିତା କରି ଟିଟିଲାଗଡ଼ ବିଧାନସଭା ଆସନରୁ ବିଜୟୀ ହୋଇଥିଲେ। ଏହି ନିର୍ବାଚନରେ ମୋଟ ୧୨ ଜଣ ପ୍ରାର୍ଥୀ ନିର୍ବାଚନ ରଣାଙ୍ଗନରେ ଅବତୀର୍ଣ୍ଣ ହୋଇଥିଲେ। ମନ୍ତ୍ରୀ ଟୁକୁନି ସାହୁ ୭୧,୮୫୮ (୪୨%) ଭୋଟ ପାଇଥିବା ବେଳେ ସୁରେନ୍ଦ୍ର ସିଂହଭୋଇ ୫୭,୮୩୬ ଭୋଟ (୩୩.୮୬%), ମହେନ୍ଦ୍ର କୁମାର ଠାକୁର ୨୫,୬୧୭ (୧୫.୦%) ଓ ଯଜ୍ଞେଶ୍ୱର ୩,୮୦୫ ଭୋଟ ପାଇଥିଲେ। ଏହି ନିର୍ବାଚନରେ ମନ୍ତ୍ରୀ ଟୁକୁନି ସାହୁ ତାଙ୍କର ନିକଟତମ ପ୍ରତିଦ୍ୱନ୍ଦ୍ୱୀ ସୁରେନ୍ଦ୍ର ସିଂହଭୋଇଙ୍କୁ ୧୪,୦୨୨ ଭୋଟ ବ୍ୟବଧାନରେ ପରାସ୍ତ କରିଥିଲେ। ସେହିପରି ୨୦୧୯ ବିଧାନସଭା ନିର୍ବାଚନରେ ପୁଣି ମନ୍ତ୍ରୀ ଟୁକୁନି ସାହୁ ଦ୍ୱିତୀୟ ଥର ପାଇଁ ବିଜୟୀ ହୋଇଥିଲେ। ଏଥର ଏହି ଆସନରେ ଟୁକୁନି ସାହୁ, ସୁରେନ୍ଦ୍ର ସିଂହଭୋଇ, ଅଶୋକ ଦୋରା, ବିଭିଷଣ ନାଗ ଓ ମଧୁସୁଦନ ବାରିକ ପ୍ରତିଦ୍ୱନ୍ଦ୍ୱିତାରେ ଥିଲେ। ମନ୍ତ୍ରୀ ଟୁକୁନି ସାହୁ ୭୩,୧୭୨ (୩୯..୭୯%) ଭୋଟ ପାଇଥିବା ବେଳେ ସୁରେନ୍ଦ୍ର ସିଂହଭୋଇ ୫୩,୫୮୫ (୨୯.୧୪%) ଓ ଅଶୋକ ଦୋରା ୪୭,୩୪୧ (□୨୫.୭୫%) ଭୋଟ ପାଇଥିଲେ। ତେବେ ଏହି ନିର୍ବାଚନରେ ମନ୍ତ୍ରୀ ଟୁକୁନି ସାହୁ ତାଙ୍କର ନିକଟତମ ପ୍ରତିଦ୍ୱନ୍ଦ୍ୱୀ ସୁରେନ୍ଦ୍ର ସିଂହଭୋଇଙ୍କୁ ୧୯,୫୮୭ ଭୋଟ ବ୍ୟବଧାନରେ ପରାସ୍ତ କରିଥିଲେ।

ତେବେ ମନ୍ତ୍ରୀ ଟୁକୁନି ସାହୁ ରାଜ୍ୟ ମନ୍ତ୍ରୀମଣ୍ଡଳରେ ସ୍ଥାନ ପାଇଥିଲେ ୨୯ ମଇ ୨୦୧୯ରେ। ସେବେଠାରୁ ସେ ୨୦୨୨ ମସିହା ଜୁନ୍ ୫ ତାରିଖ ପର୍ଯ୍ୟନ୍ତ ମହିଳା ଓ ଶିଶୁ କଲ୍ୟାଣ ମନ୍ତ୍ରୀ (ମିସନ୍ ଶକ୍ତି) ଭାବରେ ଅବସ୍ଥାପିତ ହୋଇଥିଲେ। କିନ୍ତୁ ଏଇ ନିକଟରେ ମନ୍ତ୍ରୀମଣ୍ଡଳ ଅଦଳ ବଦଳ ହେବାପରେ ମନ୍ତ୍ରୀ ଟୁକୁନି ସାହୁଙ୍କ ବିଭାଗ ବଦଳି ଯାଇଛି। ଏବେ ସେ ଗୁରୁତ୍ୱପୂର୍ଣ୍ଣ ବାଣିଜ୍ୟ, ପରିବହନ ଓ ଜଳସଂପଦ ବିଭାଗର ମନ୍ତ୍ରୀ ଭାବରେ ଦାୟିତ୍ୱ ତୁଲାଉଛନ୍ତି। ତେବେ ମନ୍ତ୍ରୀ ଟୁକୁନି ସାହୁ ମହିଳା



ଓ ଶିଶୁ କଲ୍ୟାଣ ମନ୍ତ୍ରୀ (ମିସନ୍ ଶକ୍ତି) ଭାବରେ ବ୍ୟାପକ ସଂସ୍କାର ଆଣିବାରେ ସକ୍ଷମ ହୋଇଥିଲେ।

ସେହିପରି ରାଜ୍ୟରେ ଜଳସଂପଦ, ବାଣିଜ୍ୟ ଓ ପରିବହନ ବ୍ୟବସ୍ଥାର ସୁଦୃଢ଼ୀକରଣର ଆବଶ୍ୟକତା ରହିଛି। ଜଳସଂପଦ ରାଜ୍ୟ ସରକାରଙ୍କର ଏକ ଗୁରୁତ୍ୱପୂର୍ଣ୍ଣ ବିଭାଗ। ଏହି ବିଭାଗର ସଫଳ ପରିଚାଳନା ନିହାତି ଆବଶ୍ୟକ। ରାଜ୍ୟରେ ପରିବହନ ବ୍ୟବସ୍ଥା ଓ ବସ୍‌ଷ୍ଟାଣ୍ଡଗୁଡ଼ିକର ଆଧୁନିକୀକରଣ ଆବଶ୍ୟକ। ବାଣିଜ୍ୟ ଓ ପରିବହନ ବିଭାଗରେ ବ୍ୟାପକ ସଂସ୍କାର ଅଣାଯିବାର ଆବଶ୍ୟକତା ରହିଛି। କିଛିବର୍ଷ ତଳେ ଓଡ଼ିଶା ପରିବହନ ନିଗମ ମାଧ୍ୟମରେ କିଛି ନୂଆ ବସ୍ କିଣାଯାଇ ମୁଖ୍ୟତଃ ଆଦିବାସୀ ଓ ମାଓ ଅଧ୍ୟୁଷିତ ଅଞ୍ଚଳରେ ସେଗୁଡ଼ିକୁ ଚାଲୁ କରିବାର ବ୍ୟବସ୍ଥା ହୋଇଥିଲା। ଏବେ ଏହାର ଆହୁରି ଉନ୍ନତିକରଣ ଆବଶ୍ୟକ। ଓଡ଼ିଶା ରାଜ୍ୟ ପରିବହନ ନିଗମ ଅଧୀନରେ ଥିବା ବସ୍‌ଷ୍ଟାଣ୍ଡଗୁଡ଼ିକର ଉନ୍ନତିକରଣ ପାଇଁ ପଦକ୍ଷେପ ନିଆଯିବା ଉଚିତ। ସେହିପରି ବହୁ ଲୋକେ ବନ୍ଦର କ୍ଷେତ୍ରରେ ପୁଞ୍ଜି ବିନିଯୋଗ କରିବାକୁ ଚାହୁଁଛନ୍ତି। ଧାମରା ବନ୍ଦର ନିଗମ ଭଳି ଓଡ଼ିଶାର ପ୍ରମୁଖ ବନ୍ଦରଗୁଡ଼ିକୁ ସ୍ୱତନ୍ତ୍ର ଅର୍ଥନୈତିକ ଅଞ୍ଚଳ ଭାବେ ଘୋଷଣା କରିବା ପାଇଁ ରାଜ୍ୟ ସରକାର ଉଦ୍ୟମ କରିବା ଆବଶ୍ୟକ। ରାଜ୍ୟରେ ଅଧିକରୁ ଅଧିକ ବନ୍ଦର ସ୍ଥାପନ ସରକାରଙ୍କର ଲକ୍ଷ୍ୟ। ଏହାଦ୍ୱାରା ବିଦେଶକୁ କଞ୍ଚାମାଲ୍ ରପ୍ତାନୀ ବୃଦ୍ଧି ପାଇବା ସହ ରାଜ୍ୟ ସରକାରଙ୍କୁ ଅଧିକ ରାଜସ୍ୱ ମିଳିପାରିବ।

ବିଧାନସଭା ଅଧିବେଶନରେ ମନ୍ତ୍ରୀ ଟୁକୁନି ସାହୁଙ୍କର କାର୍ଯ୍ୟଶୈଳୀ, ପ୍ରଭାବୀ ବକ୍ତୃତା, ରାଜ୍ୟସ୍ତରୀୟ ବିଭିନ୍ନ ଗୁରୁତ୍ୱପୂର୍ଣ୍ଣ ଆଲୋଚନାରେ ଅଂଶଗ୍ରହଣ ତଥା ଗୃହ ବାହାରେ, ବିଭିନ୍ନ ଜିଲ୍ଲାରେ ତାଙ୍କର ଲୋକାଭିମୁଖୀ କାର୍ଯ୍ୟ ଉଲ୍ଲେଖନୀୟ। ମୁଖ୍ୟତଃ ବିଧାନସଭା ଅଧିବେଶନରେ ପ୍ରଶ୍ନ-ଉତ୍ତର, ବଜେଟ୍, ବିଧେୟକ, ଧ୍ୟାନାକର୍ଷଣ, ଚର୍ଚ୍ଚା ଭଳି ମହତ୍ତ୍ୱପୂର୍ଣ୍ଣ ଆଲୋଚନାରେ ସକ୍ରିୟ ଭାଗନେଇ ସେ ଓଡ଼ିଶାର ମୌଳିକ ସମସ୍ୟା ସଂପର୍କରେ ସରକାରଙ୍କର ଦୃଷ୍ଟିଆକର୍ଷଣ କରିଛନ୍ତି। ରାଜ୍ୟରେ ଦାରିଦ୍ର୍ୟ, ଅନାହାର, ପୁଷ୍ଟିହୀନତା, ମାତୃ ଓ ଶିଶୁମୃତ୍ୟୁ, ଦାଦନ ଭଳି ବିଭିନ୍ନ ସାମାଜିକ ଓ ପ୍ରଶାସନିକ ସମସ୍ୟା ସମାଧାନ ପାଇଁ ସେ ନିୟମିତ କାର୍ଯ୍ୟ କରି ଆସିଛନ୍ତି। ଜଣେ ଅଭିଜ୍ଞ ମନ୍ତ୍ରୀ ଭାବରେ ଓଡ଼ିଶାର ସାମଗ୍ରୀକ ବିକାଶ ଓ ବିଭିନ୍ନ ସମସ୍ୟା ସମାଧାନ କରି ଅବହେଳିତ ଓଡ଼ିଆମାନଙ୍କୁ ସମାଜର ମୁଖ୍ୟସ୍ରୋତରେ ସାମିଲ୍ କରିବାର ଲକ୍ଷ୍ୟ ରଖିଛନ୍ତି ମନ୍ତ୍ରୀ ଟୁକୁନି ସାହୁ।

ସେହିପରି ଜଙ୍ଗଲ ଜମିର ସୁରକ୍ଷା, ଗ୍ରାମ୍ୟ ଉନ୍ନତି, ବେକାରୀ, ପାନୀୟ ଜଳ, ପରିବେଶ, ସାକ୍ଷରତା ଆଦି ମନ୍ତ୍ରୀ ଟୁକୁନି ସାହୁଙ୍କ ସାମାଜିକ କାର୍ଯ୍ୟର ମୂଳଲକ୍ଷ୍ୟ। ଜଣେ ସୁଦକ୍ଷା ବିଧାୟିକା ତଥା ମନ୍ତ୍ରୀ ଭାବେ ଟିଟିଲାଗଡ଼ ବିଧାନସଭା କ୍ଷେତ୍ରର ସାମଗ୍ରୀକ ବିକାଶ ସହିତ ବଲାଙ୍ଗୀର ଜିଲ୍ଲାର ବିଭିନ୍ନ ସମସ୍ୟା ସମାଧାନ କରି ଅବହେଳିତ ବାସିନ୍ଦାମାନଙ୍କୁ ସମାଜର ମୁଖ୍ୟସ୍ରୋତରେ ସାମିଲ୍ କରିବାର ଲକ୍ଷ୍ୟ ରଖିଛନ୍ତି ମନ୍ତ୍ରୀ ଟୁକୁନି ସାହୁ। ଆହୁରି ମଧ୍ୟ ଆଦିବାସୀ ଉନ୍ନୟନ କାର୍ଯ୍ୟ କରୁଥିବା ବହୁ ଅନୁଷ୍ଠାନ ସହିତ ସେ ଜଡ଼ିତ ରହିଛନ୍ତି।

ସବୁଠୁ ବଡ଼ କଥା ହେଲା, ମନ୍ତ୍ରୀ ଟୁକୁନି ସାହୁ ଅଧିକାଂଶ ସମୟରେ ସାଧାରଣ ଲୋକଙ୍କ ଗହଣରେ ବିତାଇ ସେମାନଙ୍କ ସୁଖ-ଦୁଃଖରେ ଭାଗୀ ହେଉଛନ୍ତି। କାହାର ଡାକରା ପାଇଲେ, ସେ ତତ୍‌କ୍ଷଣାତ୍ ପହଞ୍ଚି ଯାଆନ୍ତି ତାଙ୍କ ପାଖରେ ଓ ନିଜକୁ ଏକାକାର କରି ଦିଅନ୍ତି ସେମାନଙ୍କ ସୁଖ-ଦୁଃଖ ସହିତ। ପ୍ରତି ମଣିଷକୁ ଆପଣାର କରିବାର କଳାରେ ସେ ନିପୁଣ। ସମସ୍ତଙ୍କୁ ସେ ସହଯୋଗର ହାତ ବଢାନ୍ତି। ଦଳମତ ନିର୍ବିଶେଷରେ ସବୁ ନେତା ଓ ସାଧାରଣ ମଣିଷକୁ ସେ ବନ୍ଧୁ ଭାବରେ ଗ୍ରହଣ କରନ୍ତି। ବାସ୍ତବରେ ତାଙ୍କର ଅମାୟିକ ବ୍ୟବହାର, ସରଳତା, ଆକର୍ଷଣୀୟ ଲୋକପ୍ରିୟତା, ଉତ୍ସର୍ଗୀକୃତ ଜନସେବା ଓ ପରୋପକାରୀ ମନୋଭାବ ଆଦି ମାନବୀୟ ଗୁଣ ପାଇଁ ସେ ସମସ୍ତଙ୍କର ପ୍ରିୟପାତ୍ର।

*-ପଟ୍ଟାମୁଣ୍ଡାଇ, କେନ୍ଦ୍ରାପଡ଼ା, ମୋ- ୯୩୩୭୩୬୯୪୪୮*

# ଆଭିଜାତ୍ୟ ଓ ଅଭିମାନ

ବ୍ରହ୍ମଚାରୀ ସତ୍ୟଚୈତନ୍ୟ



ଅନ୍ୟମାନଙ୍କୁ ଦେଖେଇହେବା ପାଇଁ ଆମେ ଅନେକ କାମ କରୁ। ଦାମୀ ପୋଷାକଟିଏ ପିନ୍ଧୁ। କେହି ସେ ପୋଷାକକୁ ପ୍ରଶଂସା କଲେ ଖୁସିହେଉ। କେହି ନିନ୍ଦାକଲେ ଦୁଃଖକରୁ। ଆମେ ଚଳାଉଥିବା ଗାଡ଼ି, ତୋଳିଥିବା ଘର, କିଣିଥିବା ଜମି, ପାଇଥିବା ପୁରସ୍କାର, ପାଠ, ଚାକିରି ଓ ଆମ ଅର୍ଜିତ ଅନେକ ଚିଜ ଉପରେ ଅନ୍ୟମାନଙ୍କ ଟିପ୍ପଣୀ ଆସିଲେ ଆମ ଭିତରେ ପ୍ରତିକ୍ରିୟା ହୁଏ। ତେବେ ଏଥିରୁ ସ୍ପଷ୍ଟ ଯେ ଆମେ ଅଧିକାଂଶ କାମ ଅନ୍ୟମାନଙ୍କ ପାଇଁ କରୁ। ସେଥିପାଇଁ କୁହାଯାଏ ନିଜ ରୁଚିରେ ଭୋଜନ; ପର ରୁଚିରେ ବସନ। ତେବେ ନିଜ ଆଡ଼କୁ ଅନ୍ୟମାନଙ୍କ ଦୃଷ୍ଟି ଆକର୍ଷଣ କରିବାକୁ ଆମେ ବେଳେବେଳେ ବ୍ୟଗ୍ର ହୋଇଉଠୁ। 'ସମସ୍ତେ ମତେ ଭଲ କୁହନ୍ତୁ, ମୁଁ ଧନୀଲୋକ, ମୋର ସମ୍ପର୍କର ପରିସୀମା ଏତେ ଲମ୍ବା'-ଏମିତି କିଛି ଅବାଞ୍ଛିତ ପରିଚୟ ସୃଷ୍ଟିକରିବାକୁ ଆମେ ବିକଳ ହଉ। ସେଥିପାଇଁ ନିଜ ଚଳଣିରେ ଆଭିଜାତ୍ୟର ଚିହ୍ନ ଫୁଟେଇବାକୁ ଚେଷ୍ଟାକରୁ। ବଜାରରେ ଜିନିଷ କିଣିଲାବେଳେ ସବୁଠାରୁ ଦାମିକା ଜିନିଷ କିଣୁ। ସେଇ ଦାମିକା ଜିନିଷ ବିଷୟରେ ଅନ୍ୟମାନଙ୍କୁ ଶୁଣାଉ। ସାଧାରଣ ଔଷଧରେ ଦେହ ଭଲହୁଏ, କିନ୍ତୁ ଆଭିଜାତ୍ୟର ଅହଂକାର ହେତୁ ଆମ ମନ ବୁଝେନା। ମନ ସୁସ୍ଥ ହେଇପାରେନା। ତେଣୁ କହୁ, ଯଦି ମରିବା ବଡ଼ ଡାକ୍ତର ହାତରେ ମରିବା। ଭୋଜନ ପାନୀୟରେ ମଧ୍ୟ ଆଭିଜାତ୍ୟର ନିଶା ଆମକୁ ଘାରିଥାଏ। ଘରେ ଲେମ୍ବୁ, ମିଶ୍ରି ଥିଲେ ମଧ୍ୟ ଥଣ୍ଡାପାନୀୟକୁ ଗୁରୁତ୍ୱ ଦେଉ। ସାଧାରଣ ଭୋଜନ ପେଟପୂରିବା ପାଇଁ ଆଉ ଆଭିଜାତ୍ୟର ଭୋଜନ ଜିଭ ଓ ମନ ପୂରିବା ପାଇଁ। ଏ ଖାଦ୍ୟ ସୁସ୍ଥ ବଦଳରେ ଅସୁସ୍ଥ କରାଏ। ଆବଶ୍ୟକତାଠାରୁ ଅଧିକ ଖାଦ୍ୟ ନେବା ଓ ଭୋଜନ ପରେ ବଳକା ଖାଦ୍ୟକୁ ଫିଙ୍ଗିବା ମଧ୍ୟ ଆଭିଜାତ୍ୟର ଗୋଟିଏ ନମୁନା ପାଲଟିଲାଣି। ଆଭିଜାତ୍ୟ ଯେତିକି ବିପଦଜନକ ନୁହେଁ, ବେଶୀ ବିପଦ ହେଉଛି ଆଭିଜାତ୍ୟକୁ ନେଇ ଆମ ଭିତରେ ଜନ୍ମ ନେଉଥିବା ଅହଂକାର। ଆମ ଅହଂକୁ ପରିପୁଷ୍ଟ କରିବା ଓ ପ୍ରାଚୁର୍ଯ୍ୟ ଦେଖାଇବାକୁ ଯାଇ ନିଜର ବଡ଼ ପଣକୁ ଅନ୍ୟ ଆଗରେ ଗପୁ। ଏ କଥା ଶୁଣିବାକୁ ପ୍ରସ୍ତୁତ ନଥିଲେ ବି ବାଧକରି ଶୁଣାଉ। ସମାଜରେ ସମସ୍ତେ ସମ୍ପତ୍ତିବାନ ନୁହନ୍ତି। ତଥାପି କିଛି ଚତୁର ବ୍ୟକ୍ତି ଅଛନ୍ତି, ଶସ୍ତା, ସୁନ୍ଦର ମଜଭୁତକୁ ପସନ୍ଦ କରନ୍ତି। ବଳକା ଖର୍ଚ୍ଚକୁ ନିଜ ପାଇଁ ନୁହେଁ; ସମାଜ ପାଇଁ ବ୍ୟୟକରନ୍ତି। ସେମାନେ ବୁଝନ୍ତି ସମ୍ପତ୍ତିକୁ ଉପଭୋଗ କଲେ ଓ କ୍ଷମତାକୁ ଅଯଥା ପ୍ରୟୋଗ କଲେ ପ୍ରତିଷ୍ଠା ବଢ଼େନା। ମାତ୍ର ସମ୍ପତ୍ତି ଓ କ୍ଷମତାର ସଦୁପଯୋଗ କଲେ ପ୍ରତିଷ୍ଠା ବଢ଼େ। ଦୁରୁପଯୋଗ କଲେ ପ୍ରତିଷ୍ଠାରେ କଳଙ୍କ ଲାଗେ। ସମ୍ପତ୍ତିକୁ ଦେଖେଇ ହେବା ଲୋକ ଧନୀନୁହେଁ, କୃପଣ। ତା'କୁ ଅନ୍ୟର ଉପକାରରେ ଲଗାଇପାରିଲେ ଧନୀ ଓ ଦାନୀ। ଏବେ ବି ସମୟ ଅଛି। ନିରୋଳାରେ ଥରେ ଅନନ୍ତ ଆକାଶ କିମ୍ବା ଦୂର ଦିଗ୍‌ବଳୟକୁ ଚାହିଁବା। ତା'ରି ଭିତରେ ପୃଥିବୀର ଅସ୍ତିତ୍ୱକୁ ଖୋଜିବା। ପୃଥିବୀ ପରେ ଆସିବା ଭାରତବର୍ଷକୁ କ୍ରମଶଃ ନିଜେ ଠିଆହୋଇଥିବା ଭୂଇଁକୁ ମନରେ ମାପିବା। ପରେ ନିଜର ଅସ୍ତିତ୍ୱକୁ ଖୋଜିବା। ଦେଖାଯିବ ସୀମାହୀନ ଆକାଶ ତୁଳନାରେ ନିଜର ସୀମିତ ଶରୀରର ଅସ୍ତିତ୍ୱ ହିଁ ନାହିଁ। ପୁଣି ଥରେ ମହାକାଳର ସମୟର ପୃଷ୍ଠାକୁ ଲେଉଟାଇବା। କୋଟିକୋଟି ବର୍ଷ ଧରି ସୃଷ୍ଟି ହୋଇଥିବା ସୂର୍ଯ୍ୟ, ଚନ୍ଦ୍ର, ତାରାଙ୍କ ଭିତରେ ନିଜ ଜୀବନର ଅବଧିକୁ ଖୋଜିବା। ଶେଷରେ ପାଇବା ସୃଷ୍ଟି ଆଦି ଓ ଅନ୍ତ ବିଷୟ ଆମକୁ ଅଜଣା। ନିଜକୁ ପ୍ରଶ୍ନ କରିବା-ତେବେ 'ମୁଁ'? ବୁଝିପାରିବା 'ମୁଁ' ଆଉ କିଛି ନୁହେଁ; ଅଭିମାନ ବୋଲା ଛୋଟିଆ ଶବ୍ଦଟିଏ ମାତ୍ର। ଆଉ ମୋର ଅସ୍ତିତ୍ୱ? ଅସ୍ତିତ୍ୱ ହିଁ ନାହିଁ। ତାହା ହେଲେ ମୋ' ସମ୍ପତ୍ତି, ପ୍ରତିଷ୍ଠା, ପ୍ରତିପତ୍ତି, ବଡ଼ପଣ? ଉତ୍ତର ଆସିବ-'ତୁମେ ମହାସାଗର ଭିତରେ ବିନ୍ଦୁଏ ଜଳ। ମରୁଭୂମିର ଗୋଟିଏ ବାଲି। ଧୂଳିକଣାର ଗୋଟିଏ କ୍ଷୁଦ୍ରକଣିକା। ମହାକାଳର ଅନନ୍ତ ଗର୍ଭରେ ପାହାନ୍ତି ତାରା ପରି ଲୀନ ହୋଇଯାଉଛ।' ସତରେ ଆମେ ଟସରପୋକ ଭଳି ନିଜ ଚାରିପାଖରେ ଅଭିମାନର ଖୋସାଟିଏ ତିଆରି କରିଛେ। ନିଜକୁ ଅହଂକାରୀ ସଜେଇଛେ। ଇତିହାସର ବ୍ୟକ୍ତିମାନଙ୍କ ସହ ନିଜକୁ ତଉଲିନାହୁଁ। ଥରୁଟିଏ ବି ନିଜ ଆଡ଼କୁ ଚାହିଁଲେ ଦେଖିବା ନିଜର କୌଣସି ଅସ୍ତିତ୍ୱ ହିଁ ନାହିଁ। ଆମେ କ୍ରମଶଃ ଧୂଳିକଣାଠାରୁ ଆହୁରି ସାନ ହୋଇଯାଉଛେ। ଆମ ଅଭିମାନର ରଙ୍ଗ କ୍ରମଶଃ ଫିକା ପଡ଼ିଯାଉଛି। ସେହି ଫିକାପଣ ହିଁ ଅଭିମାନଶୂନ୍ୟ ଅବସ୍ଥା। ଆଉ ତାହା ହିଁ ପ୍ରକୃତ ଜୀବନ।

*-ଅସୀମାଲୋକ, ବିଡ଼ାନାସୀ, କଟକ-୧୪*

# ଅବକ୍ଷୟମୁଖୀ ପ୍ରାଚୀନତମ ଲୋକକଳା



ଭୁନାଟ୍ୟଶାଳାର ଝୁମ୍‌ଝୁମ୍ ନୂପୁରର ନିକ୍ୱଣ ନୀରବିବାକୁ ବସିଲାଣି। କେନ୍ଦେରା ଗୀତର ଭଜୁ କିନା ରାମ ନାମରେ ଗୋବିନ୍ଦ....ର କରୁଣ ସ୍ୱରର ମୂର୍ଚ୍ଛନା ଆଉ ଆଗପରି ଶୁଭୁନି। ପିଢ଼ୀ ପିଢ଼ୀର ନିଜ ଜନ୍ମ ଗାଁ ମାଟିର ମେଳଣ ପଡ଼ିଆରେ ଆଉ ପାଲାଗାୟକଙ୍କ ଝାଞ୍ଜ ଖୋଳର ଶବ୍ଦ ବି ଆଉ ଶୁଭୁନି। ଗାଁ ମୁଣ୍ଡର ତେଲ ଦୀପର ବଇଠି ପାଖର ଭାଗବତ ପଢ଼ା କାଁ ଭାଁ କେଉଁଠି କି ଛାଡ଼ିଦେଲେ ଆଉ କାନରେ ପଡୁନି। ସମୟ ଓ ରୁଚି ସତେ ଯେପରି ସବୁକିଛିକୁ ବଦଳି ନେଇଯାଇଛି। ସାଇବର ପାଖରେ ଚାର୍ଟିଂର ଭିଡ଼ ଓ ଟେଲିଭିଜନର ରିଅଲିଟି ସୋ ଭିତରେ ପରିବର୍ତ୍ତିତ ଏହି ସମୟ ଯେପରି ଲୋକକଳାକୁ ପୋଛି ନେଇଯାଇଛି। କଳାସମୃଦ୍ଧ ଓଡ଼ିଶାର ଲୋକକଳା କେବଳ ମନୋରଞ୍ଜନ ନୁହେଁ ବରଂ ଖାଣ୍ଟି ଓଡ଼ିଆ ଜନଜୀବନର ସୁଖଦୁଃଖ ଓ ସାମାଜିକ ସମସ୍ୟା ତଥା ଚଳଣିର ଥିଲା ଜୀବନ୍ତ ପ୍ରତିବିମ୍ବ ହେଲେ ଆଉ ନାହିଁ ସେ ଦିନ। ଗଞ୍ଜାମ ଜିଲ୍ଲାର ବାଘନାଚ ହେଉଛି ବେଶ୍ ପ୍ରସିଦ୍ଧ। ମୁଣ୍ଡରେ ବାଘର ମୁଖା ପିନ୍ଧି ଶବରବେଶୀ କଳାକାରମାନେ ବେଶ୍ ଚିତ୍ତାକର୍ଷକ ଭାବରେ ବାଘ ଶିକାରର ଅଭିନୟ କରିଥାନ୍ତି। ଏହାକୁ ଯଦିଓ ପ୍ରାୟତଃ ଆଦିବାସୀ ନୃତ୍ୟ ବୋଲି କୁହାଯାଏ କିନ୍ତୁ ଏଥିରେ ଚାଙ୍ଗୁବାଦ୍ୟ ସହ ଲୁପ୍ତପ୍ରାୟ ଶିକାର ବାଦ୍ୟ ବାଦନ କରାଯାଇଥାଏ। କିନ୍ତୁ ଆଉ ପୁରୁଣା ଦିନ ନାହିଁ କି ଏହାକୁ ଖୋଜୁଥିବା ଲୋକ ବି ଆଉ ନାହାନ୍ତି। କେବଳ ବାଘନାଚ ନୁହେଁ ଗଞ୍ଜାମର ବାରମାସୀ ଦଣ୍ଡ ହେଉ ବା ଘଟକଳସୀ ନାଟ କିମ୍ବା ଦାସକାଠିଆ ବା ପ୍ରହ୍ଲାଦ ନାଟକ, ଲୋକକଳାର ଏନ୍ତୁଡ଼ିଶାଳ କୁହାଯାଉଥିବା ଗଞ୍ଜାମ ଜିଲ୍ଲାର ଏହି ଲୁପ୍ତପ୍ରାୟ କଳା ପ୍ରଥମେ ରାଜାରାଜୁଡ଼ାଙ୍କ ପୃଷ୍ଠପୋଷକତା ପାଉଥିଲା। ବର୍ତ୍ତମାନ ଆଗଭଳି ଆଦର ନଥିବାରୁ କଳାକାରଟି ନିରୁତ୍ସାହିତ ହେଉଛି। ରାଜ୍ୟର ପୁରପଲ୍ଲୀରେ ବେଶ୍ ଆଦର ପାଇଥିବା ଦାସକାଠିଆ ଏବେ ସମୟ ସୁଅରେ ହଜିବାକୁ ବି ବସିଲାଣି। କୁହାଯାଉଛି ଆଧୁନିକ ଯୁଗରେ ପାରମ୍ପରିକ ରାଗ, ଗୀତ, ଛନ୍ଦ ଓ ନୃତ୍ୟ ପ୍ରତି ଆଗ୍ରହର ଅଭାବ ରହୁଥିବାବେଳେ ଏହି ଲୋକନୃତ୍ୟକୁ ପେଷା କରି ବଞ୍ଚିପାରୁନି ଆଉ କଳାକାରଟି। ଯାହାଦ୍ୱାରା ଅଭିବ୍ୟକ୍ତ ଗଞ୍ଜାମ ଜିଲ୍ଲାର ବେଶ୍ ଲୋକପ୍ରିୟ ପ୍ରହ୍ଲାଦ ନାଟକ ନିଜ ଲୋକପ୍ରିୟତା ହରାଇବାକୁ ବସିଲାଣି। ସେହିପରି ସ୍ୱତନ୍ତ୍ର ମର୍ଯ୍ୟାଦା ପାଇଥିବା ଲୋକକଳାର ଅନ୍ୟତମ ଶ୍ରେଷ୍ଠ ନିଦର୍ଶନ ରାଧାକୃଷ୍ଣ ପ୍ରେମଲୀଳା ମଧ୍ୟ ମୁମୂର୍ଷୁ ଅବସ୍ଥାରେ ରହିଛି। ଏହା ଏକ



ସଙ୍ଗୀତଧର୍ମୀ ନୃତ୍ୟନାଟିକା ହୋଇଥିବାରୁ ସଙ୍ଗୀତର ଗୁରୁତ୍ୱ ମଧ୍ୟ ଏଥିରେ ରହିଥାଏ। ଭକ୍ତି ରସାତ୍ମକ ଏହି ଲୋକନୃତ୍ୟ କେବଳ ଲୋକଙ୍କ ମନରେ ଆଧ୍ୟାତ୍ମିକ ଚେତନା ସୃଷ୍ଟି କରେନି ବରଂ ଜାତି, ଧର୍ମ, ବର୍ଣ୍ଣ ନିର୍ବିଶେଷରେ ସମସ୍ତଙ୍କୁ ଗୋଟିଏ ସୂତ୍ରରେ ବାନ୍ଧି ରଖିଥାଏ। ହେଲେ ସମୟର ଉଜାଣି ସୁଅରେ ହଜିଯାଇଥିବା ଏହି କଳା ଏବେ ନିଜେ ନିଜର ଇତିହାସ ପାଲଟିବାକୁ ଯାଉଛି। ଲୋକଚଳଣି ତଥା ଲୋକଭାବନାର ପରିବର୍ତ୍ତନ ଯୋଗୁଁ ଏହି ଲୋକନୃତ୍ୟର ସ୍ଥିତି ଉଦ୍‌ବେଗଜନକ। ତେବେ ରଣପା, ଘୁଡୁକୀ, ଭାରତଲୀଳା, ସଖୀନାଚ, ଯୋଡ଼ିଶଙ୍ଖ ଓ ପଶୁନୃତ୍ୟ ପରି କେତେକ ଲୋକନୃତ୍ୟ ଯାହା ବଞ୍ଚିରହି ନିଜ ଅସ୍ତିତ୍ୱ ପାଇଁ ସଂଗ୍ରାମ କରିଚାଲୁଛନ୍ତି। ସବୁଠାରୁ ଦୁଃଖଦ ପ୍ରସଙ୍ଗ ହେଉଛି ନିଜ ରାଜ୍ୟରେ ଏହା ମୃତପ୍ରାୟ ସ୍ଥିତିରେ ଥିଲେ ବି ରାଜ୍ୟ ବାହାରେ ଏପରିକି ବିଦେଶରେ ଏହା ବେଶ୍ ଲୋକପ୍ରିୟ। ପଶ୍ଚିମ ଓଡ଼ିଶାର ଡାଲ୍‌ଖାଇକୁ କିଏ ବା ଭୁଲିପାରିବ? ପଶ୍ଚିମ ଓଡ଼ିଶାର ଲୋକଜୀବନରେ ପରମ୍ପରାର କାଳରୁ ବଜାଇ ଆସିଥିବା ଡାଲଖାଇ ହେଉଛି ଗୀତ ଓ ଲୋକନୃତ୍ୟର ଏକ ସମ୍ମିଳିତ ପରମ୍ପରା। ତେବେ ସମୟର ସ୍ରୋତ ଏହି ବିରଳ ନୃତ୍ୟକୁ ହଜାଇବାକୁ ବସିଥିଲା ସମୟରେ ଏହି ଡାଲ୍‌ଖାଇର ନୃତ୍ୟ ଓ ଗୀତକୁ ଏହାର କଳାକାରମାନେ କେବଳ ମଞ୍ଚ ଓ ଉତ୍ସବରେ ଯାହା ବଞ୍ଚାଇ ରଖିବାପାଇଁ ସଂଗ୍ରାମ କରିଚାଲିଛନ୍ତି। କୁହାଯାଏ ପରମ୍ପରା ସମୟ ଓ ସଭ୍ୟତାର ପ୍ରବାହରେ ଏହା ହଜିଯାଇଛି। ସେହିପରି କଳାହାଣ୍ଡିର ଘୁମୁରା ହେଉଛି ଏକ ଯୁଦ୍ଧ ବାଦ୍ୟ। ରାଜତନ୍ତ୍ରର ବିଲୟ ପରେ ଯୁଦ୍ଧବାଦ୍ୟ ମଧ୍ୟ ଏକପ୍ରକାର ନୀରବି ଯାଇଛି। ଏହି ରଣବାଦ୍ୟ ଯଥାର୍ଥରେ ଗଣବାଦ୍ୟର ପରିଚୟ ସୃଷ୍ଟି କରିପାରିଛି। ଘୁମୁରା ନାଚର ତାଳେ ତାଳେ କଳାକାରମାନେ ନିଜ ପୂର୍ବସୁରୀଙ୍କ ପରମ୍ପରା, ସଂସ୍କୃତି ଓ ଐତିହ୍ୟର ସ୍ମୃତିକୁ ଉଜ୍ଜୀବିତ କରିଥାନ୍ତି। ଓଡ଼ିଶାର ଲୋକକଳାରେ ଆଦିବାସୀ ବାଦ୍ୟ ଓ ନୃତ୍ୟର ସ୍ଥାନ ସ୍ୱତନ୍ତ୍ର। ପତରସୌରା, ଧୁଡୁକି, ଶିଙ୍ଗବାଦ୍ୟ ସହ ଡୁଙ୍ଗଡୁଙ୍ଗା ଓ କେଳାକେଳୁଣୀ ଏବେ ହଜିବାକୁ ବି ବସିଲାଣି। କୋରାପୁଟ ଜିଲ୍ଲାର ଦୁରୁଆ ସମ୍ପ୍ରଦାୟର ଏହି ଶିଙ୍ଗବାଦ୍ୟ ସମୟ ସ୍ରୋତରେ ହଜିଗଲାଣି। ସେହିପରି ପରଜା ସମ୍ପ୍ରଦାୟର ପାରମ୍ପରିକ ଡୁଙ୍ଗଡୁଙ୍ଗା ବାଦ୍ୟ ଜନମାନସରେ ଯେଉଁ ଆଦୃତି ପାଇଥିଲା ତାହା ଏବେ ବଞ୍ଚାଇ ରଖିବା ପାଇଁ ସଂଘର୍ଷ କରୁଛି। କେନ୍ଦୁଝର ଜିଲ୍ଲାର କଣ୍ଢେଇ ନାଚ ହେଉଛି କୋମଳ କଣ୍ଠରେ ରାଣୀଙ୍କ ବୀଣାଜିଣା ରାଗୀଣିର ଅପୂର୍ବ ସମାହାର। ହଜାର ହଜାର ବର୍ଷ ତଳର ପ୍ରାଚୀନ ଲୋକକଳାର ଏହି କଣ୍ଢେଇ ନାଚ ଏବେ ନିଜ ଲୋକପ୍ରିୟତା ହରାଇଲାଣି। ଆଧୁନିକ ସଭ୍ୟତାର କୋଳାହଳ ଭିତରେ ଆଜି ହଜିଯାଇଛି କଣ୍ଢେଇନାଚ। ପୁନରୁଦ୍ଧାର ପାଇଁ ଏହାର ପ୍ରୋତ୍ସାହନ ନାହିଁ। ତେବେ ଅବକ୍ଷୟମୁଖୀ ଲୋକକଳାର ପୁନରୁଦ୍ଧାର ପାଇଁ ଯୁଗ ରୁଚିର ପରିବର୍ତ୍ତନ ଜରୁରୀ। ଉତ୍କୃଷ୍ଟ କଳାର ରାଜ୍ୟ ଭାବେ ପରିଚିତ ଉତ୍କଳର ଏହି ଲୋକକଳା ଯେ ନିଜ ଜାତିର ପରିଚୟ ଏହାକୁ ଭୁଲିବା ଅନୁଚିତ। ପରିବର୍ତ୍ତିତ ଜୀବନ ଶୈଳୀ ଭିତରେ ଏହି ଲୋକକଳା ପ୍ରତି ଆଦର ନରଖିଲେ ଏହାସବୁ ଯେ ଦିନେ ସମାଧି ନପାଇବ ସମ୍ଭବତଃ ସେ ସମୟ ଆଉ ବେଶୀ ଦୂର ନୁହେଁ !!

**ଡଃ. ଅରୁନ୍ଧତୀ ଦେବୀ**
*ଶୋଭନୀୟ ଆନ୍ଦୋଳନ, ଭୁବନେଶ୍ୱର, ଦୂରଭାଷ: ୯୯୩୭୧୭୨୮୧୦*




# ଜୀ ସାର୍ଥକରେ ଜୁଲାଇ ୩ରେ ମେଗାଷ୍ଟାରଙ୍କ 'ସିନେ ମହାମିଳନ'



ଭୁବନେଶ୍ୱର,୩।୭(ପି.ଏନ): ଜୀ ସାର୍ଥକ ଓଡିଆ ଦର୍ଶକଙ୍କୁ ଭେଟି ଦେବାକୁ ଯାଉଛି ସିନେ ମହାମିଳନ । ଏଇ ରବିବାର ସଂଧ୍ୟା ୬ଟା ୩୦ରେ ଏହାର ପ୍ରସାରଣ ହେବ । ଏହି ମେଗାମଞ୍ଚରେ ଓଡିଶାର ସବୁ ମେଗାଷ୍ଟାରମାନେ ଦେଖିବାକୁ ମିଳିବେ । ଯେଉଁମାନେ ଦର୍ଶକଙ୍କୁ ଭରପୁର ମନୋରଂଜନ ଯୋଗାଇବେ । ସିଦ୍ଧାନ୍ତ, ବାବୁସାନ, ଅରିନ୍ଦମ, ସବ୍ୟସାଚ୍ଚୀ, ବୁଦ୍ଧାଦିତ୍ୟ, ସ୍ୱରାଜ, ଜ୍ୟୋତି, ଦେବାଶୀଷ, ଆକାଶ, ପୁପିନ୍ଦର ଓ ରାକେଶଙ୍କ ସହ ମହାଶ୍ୱେତା ରାୟ, ଅନୁ ଚୌଧୁରୀ ଓ ଉଷସୀ ମିଶ୍ରଙ୍କୁ ଏକାଠି ଗୋଟିଏ ମଂଚ୍ଚରେ ଦେଖିବାକୁ ପାଇବେ । ଧମାକାଦାର ପରଫମାନ୍ସ ସହ ନାଚ୍‌ଗୀତର ଆସରରେ ଝୁମିବ ପୁରା ଓଡିଶା । ସବୁ ମେଗାଷ୍ଟାରମାନଙ୍କୁ ଏକାଠି ଗୋଟିଏ ମେଗାମଂଚ୍ଚରେ ଦେଖିବାକୁ ସମସ୍ତଙ୍କର ଆଗ୍ରହ ଓ ଉତ୍ସାହ ବଢ଼ିଚାଲିଛି । ଏହି କାର୍ଯ୍ୟକ୍ରମରେ ନାଚ୍‌ଗୀତ ସାଙ୍ଗକୁ ଆହୁରି ବହୁତ କିଛି ମଜାମସ୍ତୀ ଦେଖିବାକୁ ମିଳିବ । ଏହା ଏକ ଭିନ୍ନ ଧରଣର ମନୋରଂଜନର କାର୍ଯ୍ୟକ୍ରମ ଯେଉଁଥିରେ ଓଲିଉଡର ସମସ୍ତ ମେଗାଷ୍ଟାର ମାନେ ଅଂଶଗ୍ରହଣ କରିଛନ୍ତି । ତେଣୁ ଏଭଳି ଏକ କାର୍ଯ୍ୟକ୍ରମ ଦେଖିବାକୁ ଜମା ବି ଭୁଲିବେନି । ଓଡିଆ ମନୋରଂଜନ ଚ୍ୟାନେଲ ଦୁନିଆରେ ପ୍ରଥମ ଥର ପାଇଁ ଏଭଳି ଏକ କାର୍ଯ୍ୟକ୍ରମ ଜୀ ସାର୍ଥକରେ ଦେଖିବାକୁ ମିଳିବ । ରବିବାର ସଂଧ୍ୟା ୬ଟା ୩୦ରେ ନିଶ୍ଚୟ ଦେଖନ୍ତୁ ଜୀ ସାର୍ଥକରେ ମେଗାଷ୍ଟାରଙ୍କ 'ସିନେ ମହାମିଳନ' ।

## ବଲାଙ୍ଗିରର ଛାତ୍ର ଏମଫିଲରେ ପାଇଲେ ଗୋଲ୍ଡ ମେଡାଲ

ବଲାଙ୍ଗିର, (ପି.ଏନ): ଏମଫିଲରେ ପାଇଲେ ଗୋଲ୍ଡ ମେଡାଲ । ବଲାଙ୍ଗିରର ମେଧାବୀ ଛାତ୍ର ବାହାର ରାଜ୍ୟରେ ହାସିଲ କରିଛନ୍ତି ଗୋଲ୍ଡ ମେଡାଲ । ଏବଂ ରାଜ୍ୟ ତଥା ବଲାଙ୍ଗିର ପାଇଁ ଆଣି ଦେଇଛନ୍ତି ଗର୍ବ । ବଲାଙ୍ଗିର ଜିଲ୍ଲା ଟିଟିଲାଗଡର ଛାତ୍ର ମହମ୍ମଦ ଆଲିରାଜା ଏହି ଉପଲବ୍ଧି ହାସଲ କରିଛନ୍ତି । ସେ ୨୦୧୯ -୨୦୨୦ ବର୍ଷ ପାଇଁ ଛତିଶଗଡ଼ ରାଜ୍ୟ ରାୟପୁର ସ୍ଥିତ ରାଓ୍ୱତ ପୁରା ସରକାର ୟୁନଭରସିଟିରେ ଏମଫିଲ ବାଣିଜ୍ୟ ପାଠ୍ୟକ୍ରମରେ ନାମ ଲେଖାଇଥିଲେ । ଏବଂ ଅନ୍ତିମ ପର୍ଯ୍ୟାୟ ପରୀକ୍ଷାରେ ସେ ୮୪ ପ୍ରତିଶତ ମାର୍କ ରଖି ଉତୀର୍ଣ୍ଣ ହୋଇଥିଲେ । ଏବଂ ଗତକାଲି ଏହି ୟୁନିଭରସିଟିରେ ଆୟୋଜିତ ସମାବର୍ତନ ଉତ୍ସବରେ ଛତିଶଗଡ଼ ରାଜ୍ୟପାଳ ସୁଶ୍ରୀ ଅନୁସୁୟା ଉକେଙ୍କ ହାତରୁ ଏଥିପାଇଁ ଗୋଲ୍ଡ ମେଡାଲ ଗ୍ରହଣ କରିଥିଲେ । ତେବେ ଏହି ସମାବର୍ତନ ଉତ୍ସବରେ ଛତିଶଗଡ଼ ରାଜ୍ୟପାଳଙ୍କ ସହିତ କେନ୍ଦ୍ରମନ୍ତ୍ରୀ ଡାକ୍ତର ବିରେନ୍ଦ୍ର କୁମାର, କେନ୍ଦ୍ର ମନ୍ତ୍ରୀ ପ୍ରହଲ୍ଲାଦ ସିଂ ପଟେଲ, ଛତିଶଗଡ଼ ବିଧାନସଭା ବାଚସ୍ପତି ଶ୍ରୀ ଚରଣ ଦାସ ମହନ୍ତ, ଛତିଶ ଗଡ଼ ଶିକ୍ଷା ମନ୍ତ୍ରୀ ଉମେଶ ନନ୍ଦ କୁମାର ପଟେଲ, ଛତିଶଗଡ଼ ଖାଦ୍ୟ ଯୋଗାଣ ଓ ସଂସ୍କୃତି ମନ୍ତ୍ରୀ ଅମରଜିତ୍ ଭଗତ, ଛତିଶଗଡ଼ ସ୍କୁଲ ଶିକ୍ଷା ମନ୍ତ୍ରୀ ପ୍ରେମ ସାଏ ସିଂ ଟେକମଙ୍କ ସହ ଅନ୍ୟ ଗଣ୍ୟମାନ୍ୟ ବ୍ୟକ୍ତି ଉପସ୍ଥିତ ଥିଲେ । ସେପଟେ ବଲାଙ୍ଗୀର ଜିଲ୍ଲାର ଛାତ୍ର ମହମ୍ମଦ ଆଲିରଜାଙ୍କ ଏହି ଉପଲବ୍ଧି ପାଇଁ ତାଙ୍କ ନିକଟକୁ ସବୁଆଡୁ ପ୍ରଶଂସାର ସୁଅ ଛୁଟିଛି ।

# ସମାଜ ସେବା କ୍ଷେତ୍ରରେ ଇଫକୋର ଆଉ ଏକ ନିଦର୍ଶନ

ପାରାଦୀପ,(ପି.ଏନ): ପାରିପାର୍ଶ୍ୱିକ ଉନ୍ନୟନ ଓ ସମାଜ ସେବା କ୍ଷେତ୍ରରେ ନିଜର ପ୍ରସିଦ୍ଧି ଲାଭ କରି ସାରିଛି ଇଫକୋ ପାରାଦୀପ ୟୁନିଟ୍ । ପୁରୀର ଶ୍ରୀମନ୍ଦିରକୁ ଆସୁଥିବା ଦିବ୍ୟାଙ୍ଗ,ବୟସ୍କ ଭକ୍ତମାନଙ୍କ ନିମନ୍ତେ ହାତ ବାଡି ଯୋଗାଇ ସାରିଥିବା ଏହି ସୁନାମଧନ୍ୟ ବୃହତ ସମବାୟଭିତ୍ତିକ ସାର ଉତ୍ପାଦନକାରୀ ସଂସ୍ଥା ଚଳିତ ବର୍ଷର ବିଶ୍ୱ ପ୍ରସିଦ୍ଧ ରଥଯାତ୍ରା ଅବସରରେ ଆଉ ଏକ ପାଦ ଆଗକୁ ବଢିଛି । ଚଳିତ ବର୍ଷ ଶ୍ରୀଜୀୟୁଙ୍କର ବିଶ୍ୱ ପ୍ରସିଦ୍ଧ ରଥଯାତ୍ରା ଅବସରରେ ଲକ୍ଷଲକ୍ଷ ଭକ୍ତମାନଙ୍କୁ ଦୈନିକ ତିନି ବେଳା ମାଗଣାରେ ପ୍ରସାଦ ବଣ୍ଟନର ବ୍ୟବସ୍ଥା କରି ଭକ୍ତମାନଙ୍କ ମହଲରେ ଉଚ୍ଚ ପ୍ରଶଂସିତ ହୋଇଛି । ପୁରୀର ଶରଧାବାଲି ଠାରେ ଇଫକୋ ପକ୍ଷରୁ ଏକ ମାଗଣା ପ୍ରସାଦ ବଣ୍ଟନ ଷ୍ଟଲ୍ ଖୋଲାଯାଇଛି । ମହାପ୍ରଭୁଙ୍କ ଦର୍ଶନ ପାଇଁ ଆସୁଥିବା ଲକ୍ଷ ଲକ୍ଷ ଭକ୍ତ ଏଠାରେ ଦିନକୁ ତିନି ବେଳା ମାଗଣାରେ ପ୍ରସାଦ ଖାଇପାରୁଛନ୍ତି । ଇଫକୋ ପକ୍ଷରୁ ଏହି ସେବା ବାହୁଡା ଯାତ୍ରା ପର୍ଯ୍ୟନ୍ତ ଚାଲୁ ରହିବ ବୋଲି ଇଫକୋର ସହକାରୀ ପ୍ରବନ୍ଧକ(ପ୍ରଶାସନ) ପ୍ରସନ୍ନ କୁମାର ବେଉରା ସୂଚନା ଦେଇଛନ୍ତି । ଏଥି ସହିତ ପୁରୀ ଶ୍ରୀମନ୍ଦିର ପ୍ରଶାସନକୁ ବ୍ୟାଟେରୀ ଚାଳିତ ଯାନ ପ୍ରଦାନ କରାଯାଇଛି । ପୁରୀର ଏକ ପ୍ରତିଷ୍ଠିତ ସ୍ୱେଚ୍ଛାସେବୀ ଅନୁଷ୍ଠାନ ସେଣ୍ଟର ଫର ଆକ୍ସନ ଏହି ଗାଡି ପରିଚାଳିତ ହେବ । ପ୍ରତିଦିନ ଜଗା ଦର୍ଶନ ନିମନ୍ତେ ଆସୁଥିବା ବୟସ୍କ, ଦିବ୍ୟାଙ୍ଗ ଭକ୍ତମାନେ ଏହି ଯାନରେ ବସି ମହାପଭୁଙ୍କ ଦର୍ଶନ ନିମନ୍ତେ ମାଗଣାରେ ଅତି ସୁନ୍ଦର ଭାବେ ଯାଇପାରିବେ । ଏହି ଦୁଇ ଗୋଟି କାର୍ଯ୍ୟକ୍ରମକୁ ଇଫକୋର ନିର୍ଦ୍ଦେଶକ କେ.ଜେ.ପଟେଲ୍ ଉଦଘାଟନ କରିଥିଲେ । ଇଫକୋ ଜ୍ୟୋତି ଲେଡିଜ୍ କ୍ଲବ୍‌ର ସଭାନେତ୍ରୀ ମମତାବେନ୍ ପଟେଲ୍, ଇଫକୋର ବରିଷ୍ଠ ପ୍ରବନ୍ଧକ(ଅର୍ଥ) ସୁରେଶ ଗୋଏଲ୍, ଶଶି ଗୋଏଲ୍,ବଳଭଦ୍ରଙ୍କ ବାଡଗ୍ରାହୀ ବିନାୟକ ଦାସମହାପାତ୍ର, ଦଇତାପତି ଅନନ୍ତ ଦାସମହାପାତ୍ର, ବରିଷ୍ଠ ପୋଲିସ୍ ଅଧିକାରୀ ଯୁଗଳ କିଶୋର ସ୍ୱାଇଁ,ସୁଶୀଲ କୁମାର ପ୍ରଧାନ ପ୍ରମୁଖ ଏହି କାର୍ଯ୍ୟକ୍ରମରେ ଯୋଗ ଦେଇଥିଲେ । କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ ଇଫକୋର ସହକାରୀ ପ୍ରବନ୍ଧକ (ପ୍ରଶାସନ) ପ୍ରସନ୍ନ କୁମାର ବେଉରା ।

## ସଡ଼କ ଦୁର୍ଘଟଣାରେ ୨ ମୃତ

ମାଲକାନଗିରି, (ପି.ଏନ): ମାଲକାନଗିରି ଜିଲ୍ଲା ବାଲିମେଳା - ଗୋବିନ୍ଦପାଲ୍ଲୀ ମୁଖ୍ୟ ରାସ୍ତାର ଚିତପାରି - ୩ ଗ୍ରାମ ନିକଟରେ ଗତକାଲି ରାତ୍ର ପ୍ରାୟ ୧୦ ଟା ସମୟରେ ଏକ ବାଇକ ଦୁର୍ଘଟଣା ଗ୍ରସ୍ତ ହେବାରେ ଦୁଇ ଯୁବକଙ୍କ ମୃତ୍ୟୁ ଘଟିଛି । ମୃତକ ଦୁଇ ଜଣ ହେଲେ କୋରୁକୋଣ୍ଡା ବ୍ଲକ ନାକାମାମୁଡ଼ି ପଚାଂୟତର ପିପଲ ପଦର ଗ୍ରାମର ଦୀପକ ଶୀଶା ( ୧୭ ) ଅନ୍ୟ ଜଣେ ଯୁବକ ହେଲେ ଚିତ୍ରକୋଣ୍ଡା ବ୍ଲକ ପଣସପୁଟ ପଚାଂୟତ ଅନ୍ତର୍ଗତ ଡଙ୍ଗରପଦର ଗ୍ରାମର ଡପୁରୁ ଖିଲ ( ୧୬ ) ବୋଲି ପୋଲିସ ସୂତ୍ରରୁ ଜଣାପଡ଼ିଛି ।ମିଳିଥିବା ସୂଚନା ଅନୁଯାୟୀ, ଏହି ଦୁଇ ଜଣ ଯୁବକ ଗତକାଲି ସନ୍ଧ୍ୟାରେ ଚିତପାରି - ୩ ପଚାଂୟତର ସଦାଶିବପୁର ଗ୍ରାମକୁ ଆସିଥିଲେ । ସେଠାରୁ ରାତି ପ୍ରାୟ ୧୦ ଟା ବେଳେ ବାଲିମେଳା ଅଭିମୁଖେ ଆସୁଥିବା ସମୟରେ ଚିତପାରି - ୩ଗ୍ରାମ କାର୍ଯ୍ୟାଳୟ ଠାରୁ କିଛି ଦୂରରେ ବାଇକଟି ଭାରସାମ୍ୟ ହରେଇ ରାସ୍ତା ପାର୍ଶ୍ୱରେ ଥିବା ତାର ବାଡ଼ ଓ ଗଛରେ ବାଡେଇ ହୋଇଯାଇଥିଲେ । ଫଳରେ ଉକ୍ତ ଦୁଇ ଜଣ ଯୁବକଙ୍କ ଶରୀରର ବିଭିନ୍ନ ଅଙ୍ଗରେ କ୍ଷତ ସୃଷ୍ଟିହେବା ସହ ପ୍ରବଳ ରକ୍ତସ୍ରାବ ହୋଇଥିଲା । ଖବର ପାଇ ଓର୍କେଲ ପୁଲିସ ଘଟଣାସ୍ଥଳରେ ପହଂଚି ଦୁଇ ଜଣଙ୍କୁ ଉଦ୍ଧାର କରି ବାଲିମେଳା ସ୍ୱାସ୍ଥ୍ୟକେନ୍ଦ୍ରକୁ ଆଣିଥିଲେ । ହେଲେ ସେଠାରେ ଡାକ୍ତର ଉଭୟଙ୍କୁ ମୃତ ଘୋଷଣା କରିଥିଲେ । ଏ ନେଇ ଓର୍କେଲ ପୋଲିସ ୧୨୪ / ୨୨ ରେ ଏକ ଦୁର୍ଘଟଣା ମାମଲା ରୁଜୁ କରିବା ସହ ଦୁଇଜଣ ଯୁବକଙ୍କ ମୃତଦେହକୁ ଜବତ କରି ବ୍ୟବଚ୍ଛେଦ ନିମନ୍ତେ ପଠାଇଥିଲେ ।

# ଜେସିବି ଉପରେ ବିଦ୍ୟୁତ ତାର ପଡି ଜଣେ ନାବାଳକ ମୃତ, ୨ ଗୁରୁତର

ମାଲକାନଗିରି, (ପି.ଏନ): ମାଲକାନଗିରି ଜିଲ୍ଲା ଖଇରପୁଟ ବ୍ଲକ ସଦର ମହକୁମାରେ ଘଟିଛି ଏକ ଅଘଟଣ । ନରେନ୍ଦ୍ର ରାଜୁ ନାମକ ବ୍ୟକ୍ତି ଗତ ୨ ମାସ ପୂର୍ବେ ମାଛ ଚାଷ ପାଇଁ ଏକ ପୋଖରୀ ଖନନ କରିଥିଲେ । ଖନନ କାର୍ଯ୍ୟରେ ବ୍ୟବହୃତ ଜେସିବିଟି ଦୀର୍ଘ ଦିନ ହେଲା ସାହିରେ ପଡିରହିଥିଲା । ସକାଳେ ବର୍ଷା ହୋଇ ଛାଡିଯିବା ପରେ ସାହିର ତିନି ଜଣ ନାବାଳକ ଜେସିବି ଉପରେ ଖେଳୁଥିଲେ ହଠାତ ଜେସିବି ଉପରେ ଦେଇ ଯାଇଥିବା ବିଦ୍ୟୁତ ତାର ଛିଣ୍ଡି ପଡିବାରୁ ବିଜୁଳି ସଂପର୍ଶରେ ଆସି ତିନି ନାବାଳକ ଅର୍ଦ୍ଧ ଦଗ୍ଧ ଅବସ୍ଥାରେ ତଳକୁ ଛିଟିକି ପଡ଼ିଥିଲେ । ନିକଟରେ ଛେଳି ଚରାଉଥିବା ଝିଅଟି ପିଲାଙ୍କ ଅବସ୍ଥା ଦେଖି ଭୟରେ ଦୌଡ଼ି ଗାଁ ଲୋକଙ୍କୁ ଖବର ଦେଇଥିଲା । ଗ୍ରାମବାସୀ ଘଟଣାସ୍ଥଳରେ ପହଂଚି ଅଗ୍ନିଶମ ବିଭାଗ ସହାୟତାରେ ତିନି ନାବାଳକଙ୍କୁ ଉଦ୍ଧାର କରି ଖଇରପୁଟ ସ୍ୱାସ୍ଥ୍ୟକେନ୍ଦ୍ରକୁ ନେଇଥିଲେ । ସେଠାରେ ପ୍ରାଥମିକ ଚିକିତ୍ସା ପରେ ଡାକ୍ତର ତିନି ଗୁରୁତର ଶିଶୁଙ୍କୁ ଅଧିକ ଚିକିତ୍ସା ନିମନ୍ତେ କୋରାପୁଟ ପଠାଇଥିଲେ । ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ଜଣେ ଶିଶୁର ମୃତ୍ୟୁ ଘଟିଛି । ବର୍ତମାନ ଅନ୍ୟ ୨ ଶିଶୁଙ୍କ ଅବସ୍ଥା ଗୁରୁତର ଥିବାବେଳେ ସେମାନେ ମୃତ୍ୟୁସହ ସଂଗ୍ରାମ କରୁଛନ୍ତି । ଏ ବାବଦରେ ସ୍ଥାନୀୟ ବାସିନ୍ଦା ଚିକିତ୍ସାରେ ସହାୟତା ପାଇଁ ଜେସିବି ମାଲିକ ଓ ବିଭାଗର ଅଧିକାରୀଙ୍କ ସହ ଯୋଗାଯୋଗ କରିବାରୁ ସେମାନେ ସାହାଯ୍ୟ କରିବା ବଦଳରେ ନାଲିଆଖି ଦେଖାଇଥିଲେ । ଗୁରୁତର ଦୁଇ ନାବାଳକ ଶିଶୁ ହେଲେ ଦଶରଥ ଭୂମିଆ (୧୫), ହରି ମୁଦୁଲି (୧୩) ଏବଂ ମୃତ ନାବାଳକ ଗୋକୁଳ ପାତ୍ର (୧୪) । ବର୍ତମାନ ଏହି ଘଟଣା ପାଇଁ କିଏ ଦାୟୀ ତାକୁ ଦଣ୍ଡବିଧାନ ହେବା ସହ ଉକ୍ତ ପରିବାର ଗୁଡ଼ିକ କିଭଳି ସରକାରୀ ସହାୟତା ପାଇପାଇବେ ସେନେଇ ଅଂଚଳ ବାସୀଙ୍କ ତରଫରୁ ଦାବି ହେଉଛି ।

# ବରିଷ୍ଠ ସାମ୍ବାଦିକ ଅର୍ଦ୍ଧେନ୍ଦୁଙ୍କ ଅନ୍ୟାୟ ଗିରଫଦାରୀ ବିରୋଧରେ କଳାବ୍ୟାଚ ପିନ୍ଧି ପ୍ରତିବାଦ

କନ୍ଧମାଳ , (ପି.ଏନ): ରାଜ୍ୟର ଜଣାଶୁଣା ବରୀଷ୍ଠ ସାମ୍ବାଦିକ ତଥା ବଡ଼ ଖବରର ମୁଖ୍ୟ ସଂପାଦକ ଅର୍ଦ୍ଧେନ୍ଦୁ ଦାସଙ୍କୁ ଜାଣିଶୁଣି ଉଦ୍ଦେଶ୍ୟମୂଳକ ଭାବେ କ୍ରାଇମବ୍ରାଞ୍ଚ ଇଓ ଡବ୍ଲୁ ଗିରଫକରିବା ର ତୀବ୍ର ପ୍ରତିବାଦ କରି ଶନିବାର ଜିଲ୍ଲା ପ୍ରେସକ୍ଲବପକ୍ଷରୁ ସମସ୍ତ ସଦସ୍ୟ କଳାବ୍ୟାଚ ପିନ୍ଧି ପ୍ରତିବାଦ କରାଯାଇଥିଲା ଓ ଫୁଲବାଣୀ ପ୍ରେସ କ୍ଲବ ସଭାପତି ସୁନୀଲ ପଟ୍ଟନାୟକଙ୍କ ନେତୃତ୍ୱ ରେ ପ୍ରେସ କ୍ଲବ କାର୍ଯ୍ୟକାରୀ ସଭାପତି ଅଶୋକ ପରୀଡ଼ା, ଉପ ସଭାପତି ସତ୍ୟ ନାରାୟଣ ବେହେରା, ସୁ ନିଲ ବିଶ୍ୱାଳ,ସହସଂପାଦକ ରମେଶ ପ୍ରଧାନ, ସନ୍ତୋଷ ଡିଗଲ, ପ୍ରଶାନ୍ତ ଜେନା, ଶିବରାମ ନାଏକ, ସୁଧୀର ମହାରଣା , କୁନା ଦିଗଲ, କନ୍ଧମାଳ ମିଡିଆଫରୋମ ସଂପାଦକ ସୂର୍ଯ୍ୟ ବେହେରା, ଆଦିତ୍ୟ ତ୍ରିପାଠି, ବଡ଼ ଖବର ପ୍ରତିନିଧି ବାପି ପଟ୍ଟନାୟକ,ରଂଜିତ ବେହେରା, ସୁଧୀର ମହାରଣା, ଶିବ ରାମ ନାୟକ, ରଞ୍ଜନ ଦାଶ,ବଦ୍ୟନାଥ ବେହେରା, ,ହୂରଞ୍ଜନ ସେଠି, ବ୍ରଜ ନାୟକ, ବ୍ରଜ ନନ୍ଦ, , କାହ୍ନୁ । ପଟନାୟକ,ସଞ୍ଜୟ ପାତ୍ର, ସନ୍ତୋଷ ନାୟକ, ରାଧାମୋହନ ମହାପାତ୍ର, ଅଶୋକ ମହାନ୍ତି, ଶିବାନନ୍ଦ ପଟନାୟକ, ନିବେଦିତା ଖାଡ଼ଙ୍ଗା , ପ୍ରମୁଖ ଘଟଣାରତୀବ୍ର ନିନ୍ଦା କରିବା ସହ ତୁରନ୍ତ ତାଙ୍କୁ ଛାଡିଦେବା ଲାଗି ଦାବୀ କରିଥିଲେ । ସେହିପରି ରାଜ୍ୟପାଳ ଙ୍କ ଉଦେଶ୍ୟରେ ଏକ ସ୍ମାରକ ପତ୍ର ଅତିରିକ୍ତ ଜିଲାପାଳ ବସନ୍ତ କୁମାର ସାହୁ ଙ୍କୁ ପ୍ରଦାନ କରାଯାଇଥିଲା ।ସେହିପରି ଫୁଲବାଣୀ ପୌରାଧ୍ୟକ୍ଷା ପ୍ରକାଶିତ ଦୈନିକ ଭାସ୍କର ଖବରକାଗଜ ରେ ପ୍ରକାଶିତ ଏକ ଖବର ରେ ପ୍ରତିକ୍ରିୟା ପ୍ରକାଶ କରି ଟାଉନ ଥାନାରେ ଏତେଲା ଦେବା ଘଟଣାକୁ ମଧ୍ୟ ସଦସ୍ୟ ମାନେ ନିନ୍ଦା କରିବା ସହ ଶନିବାର ଟାଉନ ଥାନା ଅଧିକାରୀ ସୁଶାନ୍ତ ସେଠି ଙ୍କ ସହ ଆଲୋଚନାକରି ନିରପେକ୍ଷ ଅବଲମ୍ବନ କରିବାକୁ ଦାବୀ କରାଯାଇଥିଲା । ଥାନାଧିକାରୀ ସେଠି ସବୁ ପ୍ରକାର ସହଯୋଗ କରିବେ ବୋଲି ପ୍ରତିଶୃତି ଦେଇଥିଲେ ।

# ନିର୍ବାଚିତ ପ୍ରତିନିଧିଙ୍କୁ ଭଣ୍ଡାରିପୋଖରୀ ବିଡିଓଙ୍କ ଦୁର୍ବ୍ୟବହାର, ଜିଲ୍ଲାପାଳ ଓ ଏସ୍‌ପିଙ୍କୁ ଭେଟିଲେ ବିଜେପି ପ୍ରତିନିଧି ମଣ୍ଡଳୀ

ଭଦ୍ରକ, (ପି.ଏନ): ଭଦ୍ରକ ଜିଲା ଭଣ୍ଡାରିପୋଖରୀ ବ୍ଲକ ଅନ୍ତର୍ଗତ ସରସଦା ପଞ୍ଚାୟତର ନବନିର୍ବାଚିତ ଓ୍ୱାର୍ଡ ସଦସ୍ୟମାନେ ନିଜନିଜ ଓ୍ୱାର୍ଡ ଓ ପଞ୍ଚାୟତର ବିଭିନ୍ନ ସମସ୍ୟା ସମ୍ପର୍କରେ ଲିଖିତ ଭାବେ ଭଣ୍ଡାରିପୋଖରୀ ବିଡିଓଙ୍କୁ ଅବଗତ କରାଇବା ପାଇଁ ଗତ ୨୮ ତାରିଖରେ ଯାଇଥିବା ବେଳେ ବିଡିଓ ସେମାନଙ୍କୁ ଦୁର୍ବ୍ୟବହାର କରିଥିବା ନେଇ ଆଜି ଭଣ୍ଡାରିପୋଖରୀ ବିଜେପି ନେତା ବଦ୍ରିନାରାୟଣ ଧଳଙ୍କ ନେତୃତ୍ୱରେ ଏକ ପ୍ରତିନିଧି ଦଳ ଜିଲ୍ଲାପାଳ ଓ ଏସ୍‌ପିଙ୍କୁ ଭେଟି ଏହାର ତଦନ୍ତ ଓ ବିଡିଓଙ୍କ ବିରୁଦ୍ଧରେ କାର୍ଯ୍ୟାନୁଷ୍ଠାନ ପାଇଁ ଦାବି କରିଛନ୍ତି । ପ୍ରକାଶ ଯେ ଗତ ୨୮ ତାରିଖ ସରସଦା ପଞ୍ଚାୟତର ବିଭିନ୍ନ ଓ୍ୱାର୍ଡର ଓ୍ୱାର୍ଡ ସଭ୍ୟ ସୁବାସ ଚନ୍ଦ୍ର ଜେନା, ପୀତାମ୍ବର ଦାସ, ସୁଶାନ୍ତ ଜେନା, ବୀରେନ୍ଦ୍ର ଚାନ୍ଦ, ରଂଜିତ କୁମାର ଦଳେଇ ଓ ନାଏବ ସରପଞ୍ଚଙ୍କ ପ୍ରତନିଧି ଜୀତେନ୍ଦ୍ର କୁମାର ନାୟକ ନିଜ ଓ୍ୱାର୍ଡ ସମେତ ପଞ୍ଚାୟତର ବିଭିନ୍ନ ସମସ୍ୟା ବିଡିଓଙ୍କୁ ଜଣାଇବା ପାଇଁ ଲିଖିତ ଅଭିଯୋଗପତ୍ର ନେଇ ବିଡିଓଙ୍କୁ ଭେଟିଥିଲେ । ଅଭିଯୋଗପତ୍ର ପାଇବା ପରେ ବିଡିଓ ନିର୍ବାଚିତ ପ୍ରତିନିଧି ମାନଙ୍କୁ ଶାସକ ଦଳର ହାତବାରିସୀ ସାଜି ଦୁର୍ବ୍ୟବହାର ସଦୃଶ ଜାତି ଉଠାଇ ଆକ୍ଷେପ କରିବା ସହ ଅଶାଳୀନ ଭାଷାରେ ରୁକ୍ଷ ସ୍ୱରରେ ଗାଳି ଦେଇଥିଲେ । ଏ ନେଇ ନିର୍ବାଚିତ ପ୍ରତିନିଧିମାନେ ଭଣ୍ଡାରିପୋଖରୀ ଥାନାରେ ଅଭିଯୋଗ କରିବା ପରେ ପୁଲିସ ଏକ ମାମଲା ରୁଜୁ କରିଛି, ମାତ୍ର କୌଣସି ପଦକ୍ଷେପ ଗ୍ରହଣ ନ କରିଥିବାରୁ ଆଜି ବିଜେପି ପ୍ରତିନିଧି ଦଳ ତୁରନ୍ତ କାର୍ଯ୍ୟାନୁଷ୍ଠାନ ଦାବି କରି ଜିଲ୍ଲାପାଳ ସିଦ୍ଧେଶ୍ୱର ବଳିରାମ ବୋନ୍ଦରୋ ଏବଂ ଏସପି ଚରଣ ସିଂ ମୀନାଙ୍କୁ ଭେଟିଛନ୍ତି । ଏହି ପ୍ରତିନିଧି ମଣ୍ଡଳରେ ମଣ୍ଡଳ ସଭାପତି ଗିରିଶ ସାମଲ, ପୂର୍ବତନ ସରପଞ୍ଚଙ୍କ ପ୍ରତିନିଧି ରାମଚନ୍ଦ୍ର ସେନାପତି, ଜୀତେନ୍ଦ୍ର କୁମାର ନାୟକ, ସୁଶାନ୍ତ ଜେନା, ଉମାକାନ୍ତ ପ୍ରଧାନ, ପଞ୍ଚାୟତ ସଭାପତି ନିରାକାର ସାହୁ, ରଂଜିତ କୁମାର ଦଳେଇ, ସୁବାସ ଜେନା, ପୀତାମ୍ବର ଦାସ ପ୍ରମୁଖ ଭେଟିବା କାର୍ଯ୍ୟାନୁଷ୍ଠାନ ଗ୍ରହଣ ନ ହେଲେ ଆନ୍ଦୋଳନ କରିବାକୁ ଓହ୍ଲାଇବେ ବୋଲି ଚେତାବନୀ ଦେଇଛନ୍ତି ।

# ଜୁଲାଇ ୬ ରେ ଓଡ଼ିଶା ଏକାଡେମୀର ବିଭିନ୍ନ ଜିଲ୍ଲାସ୍ତରୀୟ ପ୍ରତିଯୋଗିତା

ବଲାଙ୍ଗୀର , (ପି.ଏନ):ଓଡିଶା ସାହିତ୍ୟ ଏକାଡେମୀର ସ୍ୱନକ୍ଷତ୍ର ଦିବସ ଉପଲକ୍ଷେ ଜିଲ୍ଲାସ୍ତରୀୟ ଓ ରାଜ୍ୟସ୍ତରୀୟ ପ୍ରତିଯୋଗିତା କନିଷ୍ଠ ବର୍ଗ ୬ଷ୍ଠରୁ ୭ମ ଶ୍ରେଣୀ ଏବଂ ବରିଷ୍ଠ ବର୍ଗ ୮ମରୁ ୧୦ମ ଶ୍ରେଣୀ ଛାତ୍ରଛାତ୍ରୀଙ୍କ ମଧ୍ୟରେ ଅନୁଷ୍ଠିତ ହେବ । ଜିଲ୍ଲା ସ୍ତରରେ ପ୍ରଥମ ସ୍ଥାନ ଅଧିକାର କରିଥିବା ଛାତ୍ର /ଛାତ୍ରୀ ରାଜ୍ୟସ୍ତରୀୟ ପ୍ରତିଯୋଗିତାରେ ଭାଗ ନେବା ପାଇଁ ଯୋଗ୍ୟ ବିବେଚିତ ହେବେ । ଜିଲ୍ଲା ସ୍ତରରେ ପ୍ରଥମ, ଦ୍ୱିତୀୟ ,ତୃତୀୟ ସ୍ଥାନ ଅଧିକାର କରିଥିବା ଛାତ୍ର /ଛାତ୍ରୀଙ୍କୁ ପ୍ରମାଣ ପତ୍ର ଓ ପୁରସ୍କାର ଦିଆଯିବ । ଜିଲ୍ଲାସ୍ତରୀୟ ପ୍ରତିଯୋଗିତା ଆସନ୍ତା ତା୦୬/୦୭/୨୦୨୨ରିଖ ଦିନ ପୂର୍ବାହ୍ନ ୧୧ ଘଟିକା ସମୟରେ ବଲାଙ୍ଗିର ସ୍ଥିତ ଟାଉନ୍ ? ବାଳିକା ଉଚ୍ଚ ବିଦ୍ୟାଳୟ ପରିସରରେ ଅନୁଷ୍ଠିତ ହେବ । ଗୋଷ୍ଠୀ ଶିକ୍ଷା ଅଧିକାରୀମାନେ ଉଭୟ କନିଷ୍ଠ ଓ ବରିଷ୍ଠ ବର୍ଗର ପ୍ରତିଯୋଗିତା ସମ୍ପୃକ୍ତ ବ୍ଲକ ସ୍ତରରେ ଏବଂ ତାଙ୍କ ଅଧିନସ୍ଥ ସହରାଞ୍ଚଳରେ ପ୍ରତିଯୋଗିତା କରି ଜିଲ୍ଲାସ୍ତରୀୟ ପ୍ରତିଯୋଗିତା ପାଇଁ ପ୍ରତି ବର୍ଗରୁ ଚୟନ ହୋଇଥିବା ଜଣେ ଲେଖାଏଁ ଛାତ୍ରଛାତ୍ରୀ ଜିଲ୍ଲାସ୍ତରକୁ ପ୍ରେରଣ କରିବେ । ସମସ୍ତ ଗୋଷ୍ଠୀ ଶିକ୍ଷା ଅଧିକାରୀ ତା୦୫.୦୭.୨୦୨୨ରିଖ ସୁଦ୍ଧା ସମସ୍ତ ପ୍ରତିଯୋଗିତା ବ୍ଲକ ଓ ସହରାଞ୍ଚଳରେ ଆୟୋଜନ କରି ପ୍ରତ୍ୟେକ ପ୍ରତିଯୋଗିତାର ଶ୍ରେଷ୍ଠ ପ୍ରତିଯୋଗୀଙ୍କ ନାମ ନିର୍ଦ୍ଧାରିତ ଫର୍ମରେ ଜୁଲାଇ ୫ ତାରିଖ ସୁଦ୍ଧା ଜିଲ୍ଲା ସଂସ୍କୃତି ଅଧିକାରୀଙ୍କୁ ପ୍ରଦାନ କରିବାକୁ ନିର୍ଦ୍ଦେଶ ଦିଆଯାଇଛି । ପ୍ରତିଯୋଗିତାର ବିଷୟ ତଥା ପ୍ରତିଯୋଗିତା ସମ୍ପର୍କିତ ଅନ୍ୟାନ୍ୟ ବିବରଣୀ ସମ୍ପର୍କରେ ଜାଣିବା ପାଇଁ ବିଦ୍ୟାଳୟଗୁଡିକର ପ୍ରଧାନ ଶିକ୍ଷକ ଶିକ୍ଷୟିତ୍ରୀମାନେ ସେମାନଙ୍କ ଗୋଷ୍ଠୀ ଶିକ୍ଷା ଅଧିକାରୀଙ୍କ ସହ ଯୋଗାଯୋଗ କରିବାକୁ ଜିଲ୍ଲା ପ୍ରଶାସନ ପକ୍ଷରୁ ଅନୁରୋଧ କରାଯାଇଛି ।

# ଜି ନ୍ୟୁଜର ରାହୁଲ ଗାନ୍ଧୀଙ୍କ ବିରୋଧରେ ଅପପ୍ରଚାରକୁ ଓଡ଼ିଶା ପ୍ରଦେଶ ମହିଳା କଂଗ୍ରେସର ପ୍ରତିବାଦ ଓ ବିକ୍ଷୋଭ

ଭୁବନେଶ୍ୱର ,(ପି.ଏନ): ଗତ କିଛିଦିନ ଧରି ଏସଏଲ ଗ୍ରୁପ ଦ୍ୱାରା ପରିଚାଳିତ ଜି ନ୍ୟୁଜ ଚ୍ୟାନେଲ ରାହୁଲ ଗାନ୍ଧୀଙ୍କର ଏକ ଭିଡିଓକୁ କଦର୍ଥ କରି ଟିଭି ପରଦାରେ ବାରମ୍ବାର ପ୍ରସାରଣ କରୁଛନ୍ତି । ଶ୍ରୀ ରାହୁଲ ଗାନ୍ଧୀଙ୍କ ସଂସଦୀୟ କ୍ଷେତ୍ର ଓ୍ୱାଇନାର୍ଡ, କେରଳରେ ଏସଏଫଆଇ ଛାତ୍ରମାନଙ୍କ ଦ୍ୱାରା ତାଙ୍କ କାର୍ଯ୍ୟାଳୟରେ ପଶି ଯେଉଁ ଭଙ୍ଗାରୁଜା କରିଥିଲେ ସେହି ପରିପ୍ରେକ୍ଷୀରେ ବିଭିନ୍ନ ଜାତୀୟ ଗଣମାଧ୍ୟମକୁ ଶ୍ରୀ ଗାନ୍ଧୀ ଯେଉଁ ପ୍ରତିକ୍ରିୟା ଦେଇଥିଲେ ଉକ୍ତ ଭିଡିଓକୁ ଉଦୟପୁର ଘଟଣା ସହିତ ଯୋଡ଼ି ଗତ କିଛିଦିନ ଧରି ଜି ନ୍ୟୁଜ ବାରମ୍ବାର ମିଛ ପ୍ରସାରଣ କରୁଥିଲା । କଂଗ୍ରେସ ଦଳ ଜି ନ୍ୟୁଜ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ନେବାପାଇଁ ଦାବି କରିବାପରେ ଏହି ପ୍ରସାରଣ କାର୍ଯ୍ୟରୁ ଓହରି ଯାଇଛି । କିନ୍ତୁ ଏହି ଅପପ୍ରଚାର ଓ ମିଛ ଭିଡିଓକୁ ଭାରତୀୟ ଜନତାପାର୍ଟିର ବହୁ ନେତୃବର୍ଗ ଯଥା ପୂର୍ବତନ ମନ୍ତ୍ରୀ ଏବଂ ସାଂସଦ ରାଜବର୍ଦ୍ଧନ ସିଂ ରାଠୋର, ସାଂସଦ ସୁବ୍ରତ ପାଠକ ଏବଂ ସାଂସଦ ଭୋଲାସିଂ ଜାଣିସୁଣି ସାମାଜିକ ଗଣମାଧ୍ୟମରେ ପ୍ରସାର କରୁଛନ୍ତି । ଖାଲି ସେତିକି ନୁହେଁ ବିଜେପି ଦଳର ଆଇଟିସେଲ ମାଧ୍ୟମରେ ଏହାକୁ ଅଧିକରୁ ଅଧିକ ପ୍ରସାର କରିବାରେ ଲାଗିଛନ୍ତି । ଶ୍ରୀ ରାହୁଲ ଗାନ୍ଧୀ ଏବଂ କଂଗ୍ରେସ ଦଳକୁ ବଦନାମ କରିବା ପାଇଁ ଏହା ଭାରତୀୟ ଜନତା ପାର୍ଟିର ଏହା ଏକ ସୁଚିନ୍ତିତ ଯୋଜନା ଏବଂ ଷଡ଼ଯନ୍ତ୍ର ବୋଲି ଓଡ଼ିଶା ପ୍ରଦେଶ ମହିଳା କଂଗ୍ରେସ ସଭାନେତ୍ରୀ ଶ୍ରୀମତୀ ବନ୍ଦିତା ପରିଡ଼ା କହିଛନ୍ତି । ଶ୍ରୀମତୀ ପରିଡ଼ାଙ୍କ ନେତୃତ୍ୱରେ ରାଜ୍ୟ ମହିଳା କଂଗ୍ରେସର ବହୁ ସଭାନେତ୍ରୀ ଆଜି ନୟାପଲ୍ଲୀରେ ଥିବା ମୋଦି ଗୋଦି ମିଡିଆ ଜି ଓଡ଼ିଶା ନ୍ୟୁଜ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରିଥିଲେ । ଏହି ବିକ୍ଷୋଭରେ ରଶ୍ମି ମହାପାତ୍ର, ନିରୁପମା ଦାସ, ନିରୁପମା ପାତ୍ର, କୁସୁମ ପ୍ରଧାନ, ମୁଶ୍ରୀ କଳ୍ପନା ରାଉତରାୟ, ଚୈତାଳି ପଟ୍ଟନାୟକ, ସ୍ୱାଧୀନବାଳା ଦାସ, ମଧୁମିତା ଆଚାର୍ଯ୍ୟ, ପ୍ରଭାବିତ ପଟ୍ଟନାୟକ, ସୁଭଦ୍ରା ମିଶ୍ର, ଗିତାଳି ମହାନ୍ତି, ଉର୍ବଶୀ ମିଶ୍ର, ଶ୍ରିୟାସ୍ମିତା ପଣ୍ଡା ଓ ଅନ୍ୟମାନେ ଅଂଶଗ୍ରହଣ କରିଥିଲେ । ଭୁବନେଶ୍ୱର ଜିଲ୍ଲା କଂଗ୍ରେସ ସଭାପତି ଶ୍ରୀ ବିଶ୍ୱଜିତ ଦାଶ, ପଦ୍ମାକର ଗୁରୁ, ଅଶୋକ ଦାସ, ମୋହନ ଗାନ୍ଧୀ, ସୁବ୍ରତ ମହାପାତ୍ର, ଆଶିଷ ମଲ୍ଲିକ, ମଂଟୁ ମଲ୍ଲିକ ପ୍ରମୁଖ ଉପସ୍ଥିତ ଥିଲେ ।

# ଅନଭିଜ୍ଞ ରଥ ଚାଳକ ଯୋଗୁଁ ହଜାର ହଜାର ଭକ୍ତ ରଥ ଟଣାରୁ ବଂଚିତ : ପ୍ରଶାସନ ମୁଣ୍ଡରେ ବ୍ୟଥା

କେନ୍ଦ୍ରାପଡା , (ପି.ଏନ): ତୁଳସୀ କ୍ଷେତ୍ର କେନ୍ଦ୍ରାପଡା ର ଆରାଧ ଦବେତା ଶ୍ରୀ ଶ୍ରୀ ବଳଦେବଜୀୟୁ ଙ୍କ ରଥ କରୋନା ମହାମାରୀ ଯୋଗୁଁ ୨ ବର୍ଷ ହେଲା ଅନୁଷ୍ଠିତ ହୋଇପାରି ନଥିଲା । ଏବର୍ଷ ରଥଯାତ୍ରା ଦେଖିବା ପାଇଁ ହଜାର ହଜାର ସଂଖ୍ୟକ ଭକ୍ତ ରଥଦାଣ୍ଡରେ ପହଁଚି ଶ୍ରୀଜୀୟୁଙ୍କ ଦର୍ଶନ କରିବା ସହ ରଥଟଣା ଦେଖିବା ପାଇଁ ଅପେକ୍ଷା କରି ରହିଥିଲେ । ଆଜି ପ୍ରବଳ ବର୍ଷା ସତ୍ତ୍ୱେ ହଜାର ହଜାର ସଂଖ୍ୟକ ଲୋକ ରଥଟଣା ଦେଖିବା ପାଇଁ ଏହି ରଥଦାଣ୍ଡରେ ଉପସ୍ଥିତ ଥିଲେ । ବର୍ଷାକୁ ଖାତିର ନକରି ରଥ ଟାଣିବା ପାଇଁ ଇଚ୍ଛୁକ ଥିବାବେଳେ ଅନଭିଜ୍ଞ ଡାହୁକ ରଥର ଦଉଡି ଭୂଲ ପକାଇ ଦେଇ ଥିବାରୁ ଭକ୍ତମାନେ ରଥକୁ ଟାଣି ନେଇଥିଲେ । ରଥଟି ଯାଇ ଭେରାଇଟି ଷ୍ଟୋର ନିକଟରେ ରାସ୍ତାର ବାମ ପାର୍ଶ୍ୱରେ ଥିବା ପାଥରେ ଲାଗି ଯାଇଥିଲା । ଯାହାଦ୍ୱାରା ରଥ ଆଉ ଟାଣିବା ସମ୍ଭବପର ସନ୍ଧ୍ୟା ୬ଟା ସମୟରେ ହାଇଟେକ ଜରିଆପରେ ପାଥରେ ଲାଗିଥିବା ହାଇମାକ୍ସ ଲାଇଟ ଗୁଡିକୁ ଅପସାରଣ କରାଯାଇ ଥିଲା । ସନ୍ଧ୍ୟା ହୋଇ ଯିବାରୁ ରଥ ଟଣା କାର୍ଯ୍ୟ ବନ୍ଦ ରହିଥିଲା । ପ୍ରଶାସନର ମନମୁଖୀ କାର୍ଯ୍ୟ ଯୋଗୁଁ ଅନଭିଜ୍ଞ ରଥ ଚାଳକଙ୍କୁ ରଥ ଚଳାଇବା ପାଇଁ ଦାୟିତ୍ୱ ଦିଆଯାଇ ଥିବାରୁ ଏପରି ଅଘଟଣ ଘଟି ଭକ୍ତ ମାନଙ୍କ ମନରେ ଆଘାତ ସୃଷ୍ଟି କରିଛି । ଘଟଣାରୁ ପ୍ରକାଶ ଯେ, ପୂର୍ବରୁ ଅଙ୍କୁର ବ୍ରହ୍ମାଚାରୀଙ୍କ ପିତା ମୁଷି ବ୍ରହ୍ମଚାରୀ ରଥ ଚଳାଉଥିଲେ । ତାଙ୍କର ମୃତ୍ୟୁପରେ ଅନ୍ୟଜଣେ ଅଂଶୀଦାର ବାବାଜୀ ବ୍ରହ୍ମଚାରୀ ଏହି କାର୍ଯ୍ୟ ତୁଲାଇ ଆସୁଥିଲେ । କିଛିବର୍ଷ ହେବ ବାବାଜୀ ବ୍ରହ୍ମଚାରୀଙ୍କ ପୁଅ ବାପାଙ୍କୁ ରଥ ଚଳାଇବାରେ ସାହାଯ୍ୟ କରିଥାନ୍ତି । ତାଙ୍କର ରଥ ଚଳାଇବାର ଅଭିଜ୍ଞତା ଅଛି । ବାବାଜୀ ୨୦୨୦ ମସିହାରେ ମୃତ୍ୟୁ ବରଣ କଲାପରେ ଆଉ ରଥଯାତ୍ରା ହୋଇନଥିଲା । ଏବର୍ଷ ୨ ପରିବାରଙ୍କ ମଧ୍ୟରେ ମନମାଳିନ ଥିବାରୁ ଅଙ୍କୁର ବ୍ରହ୍ମଚାରୀ ରଥ ଚଲାଇବା ପାଇଁ ଦେବୋତର ବିଭାଗକୁ କହିଥିଲେ । ଦେବୋତର ବିଭାଗ ତରଫରୁ ଜଣେ ଅନଭିଜ୍ଞ ରଥ ଚାଳକ ହୋଇଥିବାରୁ କେବେ ସେ କୌଣସି ବର୍ଷ ରଥ ଉପରେ ରଥ ଚଲାଇବାର ଅଭିଜ୍ଞତା ନଥିବା ବ୍ୟକ୍ତିଙ୍କୁ ରଥ ଚଲାଇବା ପାଇଁ ଅନୁମତି ପ୍ରଦାନ କରାଯାଇ ଥିବାରୁ ହଜାର ହଜାର ଭକ୍ତଙ୍କ ରଥଟଣା ଦେଖିବାରୁ ବଂଚିତ ରହିଛନ୍ତି । ଦୂର ଦୂରାନ୍ତରୁ ଆସିଥିବା ଭକ୍ତମାନେ ରଥଟଣା ନଦେଖି ନିରାଶ ହୋଇ ଫେରି ଯାଇଛନ୍ତି । ତେବେ ଆସନ୍ତାକାଲି ରଥଟଣା କାର୍ଯ୍ୟକ୍ରମ ଥିବାର ସୂଚନା ମିଳିଛି । ଶ୍ରୀ ବଳଦେବଜୀଉଙ୍କ ସେବାୟତଙ୍କ ତରଫରୁ ଟ୍ରଷ୍ଟବୋର୍ଡ ରେ ନିଯୁକ୍ତି ପାଇଥିବା ଟ୍ରଷ୍ଟିଙ୍କ କଥା ସେବକ ମାନେ ମାନୁ ନାହାନ୍ତି । ଆଜିର ଏହି କାର୍ଯ୍ୟକ୍ରମକୁ ଜିଲ୍ଲାପାଳ ଅମୃତ ଋତୁରାଜ, ଏସପି ସନ୍ଦିପ ମଡକର, ଟ୍ରଷ୍ଟବୋର୍ଡର ସଭାପତି ତଥା ଉପ ଜିଲ୍ଲାପାଳ ନିରଞ୍ଜନ ବେହେରା, ତହସିଲଦାର ହେମଲତା ବାହାଲିଆ, ଦେବୋତର କାର୍ଯ୍ୟ ନିର୍ବାହୀ ଅଧିକାରୀ ବଳଭଦ୍ର ପତ୍ରୀ, ଡିଏସପି ରାଜୀବ ଲୋଚନ ପଣ୍ଡା, ଟାଉନ ଆଇଆଇସି ଗୌରାଙ୍ଗ ପୃଷ୍ଟି, ସଦର ଆଇଆଇସି ପବିତ୍ର ମହାରଣା, ରାଜନଗର, ମାର୍ଶାଘାଇ ଆଇଆଇସି ଙ୍କ ସମେତ ଅନ୍ୟାନ୍ୟ ପୋଲିସ କର୍ମଚାରୀ ମାନେ ଉପସ୍ଥିତ ଥିଲେ । ପୌରସଂସ୍ଥା ତରଫରୁ ଜନ ସାଧାରଣଙ୍କ ପାଇଁ ମାକ୍ସ ଓ ପିଇବା ପାଣି ଯୋଗାଇ ଦିଆଯାଇ ଥିଲା । ଏହି କାର୍ଯ୍ୟକୁ ପୌର ନିର୍ବାହୀ ଅଧିକାରୀ ଦେବ ପ୍ରସାଦ ବଳ ଓ ପୌରସଂସ୍ଥାର ସମସ୍ତ କର୍ମଚାରୀ ଉପସ୍ଥିତ ରହି ସୂଚାରୁ ରୂପେ କାର୍ଯ୍ୟ ପରିଚାଳନା କରିଥିଲେ । ସୂଚନା ଓ ଲୋକ ସଂପର୍କ ତରଫରୁ ଏକ ଷ୍ଟଲ ଖୋଲାଯାଇ ଉତ୍କଳ ପ୍ରସଙ୍ଗ ବିକ୍ରୟ କରାଯାଇ ଥିଲା ।

## ବାଲେଶ୍ୱରରୁ ତିନି ଜଣ ରାଜ୍ୟ ସମାଜସେବୀ ମହାସଂଘକୁ ମନୋନୀତ

ବାଲେଶ୍ୱର,(ପି.ଏନ): ବାଲେଶ୍ୱର ଜିଲ୍ଲାରେ ଥିବା ସାମାଜିକ ସଙ୍ଗଠନ ମାନଙ୍କ ମଧ୍ୟରୁ ସେବା ସଙ୍ଗଠନ ଅଧକ୍ଷ ପ୍ରତିଷ୍ଠାତା କମଳଲୋଚନ ପଣ୍ଡା, ଆର୍ଯ୍ୟ ସେବା ସଂଘର ସଭାପତି ଗଣେଶ କୁମାର ପାଢ଼ୀ ଓ ଗୋପବନ୍ଧୁ ଦୁଃଖସୁଖର ସାଥୀ ଟିମ୍‌ର ପ୍ରତିଷ୍ଠାତା ସଭାପତି ଆକାଶ କୁମାର ନାୟକ ରାଜ୍ୟ ସମାଜସେବୀ ମହାସଂଘ କୁ ମନୋନୀତ ହୋଇଛନ୍ତି । ସୂଚନାଅନୁସାରେ ରାଜ୍ୟ ସମାଜସେବୀ ମହାସଂଘ ର ସଭାପତି ଶ୍ରୀଯୁକ୍ତ ନରୋତ୍ତମ ଦାସ ଙ୍କ ପ୍ରତ୍ୟେକ୍ଷ ତତ୍ତ୍ୱାବଧାନରେ ଅନୁଷ୍ଠିତ ବୈଠକ ରେ ବାଲେଶ୍ୱର ଜିଲ୍ଲାରୁ ଦକ୍ଷ ଓ ଯୁବ ସଂଗଠକ ମାନଙ୍କୁ ଅଗ୍ରାଧିକାର ଦିଆଯାଇ ଉପସଭାପତି, ସହ ସମ୍ପାଦକ ଓ ଯୁଗ୍ମ ସମ୍ପାଦକ ଭଳି ଗୁରୁ ଦାୟିତ୍ୱ ପ୍ରଦାନ କରାଯାଇଅଛି । ଏହି ଖବର ପ୍ରକାଶିତ ହେବା ପରେ ସମଗ୍ର ବାଲେଶ୍ୱର ଜିଲ୍ଲାରେ ଥିବା ସାମାଜିକ କର୍ମୀ ମାନଙ୍କ ମନରେ ଖୁସିର ଲହରୀ ଖେଳିଯାଇଛି । ବିଭିନ୍ନ ମହଲରୁ ଶୁଭେଚ୍ଛା ବାର୍ତ୍ତା ଜଣାଯାଇଅଛି ।

# ରାଜ୍ୟରେ ନାରୀ ଅସୁରକ୍ଷିତ ଓ ଆଇନ୍ ଶୃଙ୍ଖଳା ବିପର୍ଯ୍ୟସ୍ତ : କଂଗ୍ରେସ

ଭୁବନେଶ୍ୱର (ପିଏନ)- ତିର୍ତୋଲ ଅଂଚଳର ଜୈନିକା ନାବାଳିକାକୁ କଟକର ଚାଉଳିଆଗଞ୍ଜ ଥାନା ଅଧିନସ୍ଥ ଗତିରାଉତପାଟଣାର ଏକ ପରିତ୍ୟକ୍ତ ଘରେ ୨୨ ଦିନ କାଳ ବନ୍ଦି କରି ରଖି ଗଣଦୁଷ୍କର୍ମ କରିବା ଘଟଣାରେ ରାଜ୍ୟରେ ଆଇନ୍ ଶୃଙ୍ଖଳା ସଂପୂର୍ଣ୍ଣ ବିପର୍ଯ୍ୟସ୍ତ ଏବଂ ନାରୀ ଅସୁରକ୍ଷିତ ବୋଲି କଂଗ୍ରେସ ଭବନରେ ଆୟୋଜିତ ଏକ ସାମ୍ବାଦିକ ସମ୍ମିଳନୀରେ ସିଧାସଳଖ ରାଜ୍ୟ ସରକାରଙ୍କୁ ଟାର୍ଗେଟ୍ କରିଛନ୍ତି କଂଗ୍ରେସ ମୁଖପାତ୍ର ନିଶିକାନ୍ତ ମିଶ୍ର । ଘଟଣା ସଂପର୍କରେ ପୋଲିସ ପାଖରେ ଅପରାଧିଙ୍କ ସଂପର୍କରେ ନିର୍ଦ୍ଦିଷ୍ଟ ତଥ୍ୟ ଭିତିକ ଅଭିଯୋଗ ହେବାର ୪୮ ଘଂଟା ବିତି ଯାଇଥିଲେ ମଧ୍ୟ ଅପରାଧିଙ୍କୁ ପୋଲିସ ଧରିବାରେ ବିଫଳ । ସମଗ୍ର ଦେଶରେ ଦଣ୍ଡହାର ଠାରୁ ରାଜ୍ୟର ଦଣ୍ଡ ହାର ସର୍ବନିମ୍ନ । ଯେଉଁଥି ପାଇଁ ଅପରାଧିମାନେ ଅପରାଧ ଘଟାଇବା ପାଇଁ ପଛଘୁଂଚା ଦେଉନାହାନ୍ତି ଏବଂ ଅପରାଧିମାନଙ୍କୁ ଦଣ୍ଡ ଦେବା ପାଇଁ ସରକାରଙ୍କର ମାନସିକତା ମଧ୍ୟ ନାହିଁ । କାରଣ ଦୀର୍ଘ ୨୦ ବର୍ଷର ଶାସନ କାଳରେ ଅଧିକାଂଶ ଅପରାଧିକ ଘଟଣାରେ ସରକାରୀ ଦଳର କର୍ମୀ ସଂପୃକ୍ତ ହୋଇଥିବାରୁ ତଦନ୍ତକାରୀ ସଂସ୍ଥା ଅପରାଧିଙ୍କ ପ୍ରତି କୋହଳ ମନୋଭାବ ରଖି ଅଭିଯୋଗ ଫର୍ଦ୍ଦ ଦାଖଲ କରୁଥିବାରୁ ଅପରାଧିମାନେ ଅପରାଧ ଘଟାଇ



ଖସିବାରେ ସଫଳ ହେଉଛନ୍ତି ବୋଲି ଶ୍ରୀ ମିଶ୍ର ଅଭିଯୋଗ କରିବା ସହିତ ରାଜ୍ୟରେ ପିପିଲିର ବେବିନା, ଟିକିରି ଶିକ୍ଷୟତ୍ରୀ ଇତିଶ୍ରୀ ପ୍ରଧାନ ଓ ଆୟୁଷ ଡାକ୍ତରାଣୀ ମାଧବୀଲତା ଘଟଣାକୁ ରାଜ୍ୟ ସରକାର ଯେଭଳି ଭାବେ ତଦନ୍ତ କରାଇଲେ ତାହା ସମସ୍ତ ରାଜ୍ୟବାସୀ ଅବଗତ । ବିଶେଷକରି କୁନ୍ଦୁଲି ଘଟଣାରେ ସରକାରଙ୍କର ତଦନ୍ତ ଏବଂ ମାତ୍ରାଧିକ ଚାପ ସହି ନପାରି କୁନ୍ଦୁଲି ପୀଡିତା ଆତ୍ମହତ୍ୟା କରିଥିଲେ । ତେଣୁ ତିର୍ତୋଲ ପୀଡିତାଙ୍କ କ୍ଷେତ୍ରରେ କୁନ୍ଦୁଲି ଘଟଣାର ଯେଭଳି ପୁନରାବୃତି ନହେଉ, ସେଥିପାଇଁ ରାଜ୍ୟ ସରକାର ଉଚ୍ଚସ୍ତରୀୟ କ୍ରାଇମ୍‌ବ୍ରାଂଚ ତଦନ୍ତ କରାଇବା ସହିତ ପରିବାରକୁ ସୁରକ୍ଷା, ପୀଡିତା ରୋଜଗାରକ୍ଷମ ହେବା ପର୍ଯ୍ୟନ୍ତ ତା'ର ସମସ୍ତ ଭରଣପୋଷଣ ଖର୍ଚ୍ଚ ଓ ମାଗଣା ଶିକ୍ଷା ସହିତ ପୀଡିତାର ପରିବାରକୁ ସରକାରଙ୍କର ଜନମଙ୍ଗଳକାରୀ ଯୋଜନାରେ ସାମିଲ କରି ସାମାଜିକ ସୁରକ୍ଷା ପ୍ରଦାନ, ୨୦ ଲକ୍ଷ ଟଙ୍କା ଅନୁକମ୍ପାମୂଳକ ସହାୟତା ରାଶି ପ୍ରଦାନ କରାଯିବାକୁ ସାମ୍ବାଦିକ ସମ୍ମିଳନୀରେ ଦାବି କରାଯାଇଛି । ଏହି ସାମ୍ବାଦିକ ସମ୍ମିଳନୀରେ ଭୁବନେଶ୍ୱର ଜିଲ୍ଲା କଂଗ୍ରେସ କାର୍ଯ୍ୟକାରୀ ସଭାପତି ଶ୍ରୀମତୀ ରଶ୍ମି ମହାପାତ୍ର, ଜିନେ୍ ଦାସ, ନାରାୟଣ ଜେନା, ଦୀପକ ମହାପାତ୍ର ପ୍ରମୁଖ ଉପସ୍ଥିତ ଥିଲେ ।




## ପ୍ରେରଣା ପକ୍ଷରୁ ସବୁଜ ସୁନ୍ଦର ଭୁବନେଶ୍ୱର ଅଭିଯାନ ଉଦ୍‌ଘାଟିତ

ଖୋର୍ଦ୍ଧା (ପିଏନ୍)- ଭୁବନେଶ୍ୱରକୁ ସବୁଜ ସୁନ୍ଦର ଓ ପ୍ରଦୂଷଣ ମୁକ୍ତ କରିବା ପାଇଁ ପ୍ରେରଣା ପକ୍ଷରୁ ଆରମ୍ଭ ହୋଇଛି ସବୁଜ ସୁନ୍ଦର ଓ ପ୍ରଦୂଷଣ ମୁକ୍ତ ଭୁବନେଶ୍ୱର ଅଭିଯାନ। ସାମାଜିକ ଅନୁଷ୍ଠାନ ପ୍ରେରଣା ଓ ସିଟି କ୍ଲବ୍ ଓ ୩୮ ନମ୍ବର ୱାର୍ଡ଼ର ମିଳିତ ସହଯୋଗରେ ଭୁବନେଶ୍ୱରସ୍ଥିତ ନୟାପଲ୍ଲୀ ଦେବରାୟ କଲେଜ ପରିସରରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଆନ୍ତର୍ଜାତିକ ଖ୍ୟାତିସମ୍ପନ୍ନ ପରିବେଶବିତ୍ ଡ଼କ୍ଟର ଭଗବାନ ପ୍ରକାଶ ଯୋଗ ଦେଇ ବୃକ୍ଷ ରୋପଣ କରିବା ସହିତ ସାମ୍ପ୍ରତିକ ସମୟରେ ବୃକ୍ଷ ରୋପଣ ପୃଥିବୀକୁ ସୁରକ୍ଷିତ ରଖିବା ପାଇଁ ନିତ୍ୟାନ୍ତ ଆବଶ୍ୟକ ବୋଲି ମତବ୍ୟକ୍ତ କରିଥିଲେ। ଏଥିରେ ଭୁବନେଶ୍ୱର ମଧ୍ୟ ବିଧାୟକ ଅନନ୍ତ ନାରାୟଣ ଜେନା, ବୃକ୍ଷ ରୋପଣ କରିବା ସହିତ ଭୁବନେଶ୍ୱରକୁ ସବୁଜ ସୁନ୍ଦର ଓ ପ୍ରଦୂଷଣ ମୁକ୍ତ କରିବା ପାଇଁ ଅଧିକରୁ ଅଧିକ ଗଛ ଲଗାଇବା ଆବଶ୍ୟକ ବୋଲି କହିଥିଲେ। ଏହି କାର୍ଯ୍ୟକ୍ରମରେ ଭୁବନେଶ୍ୱର ମେୟର ସୁଲୋଚନା ଦାସ ଯୋଗଦେଇ ବୃକ୍ଷରୋପଣ କରିବା ସହିତ ମହାନଗର ନିଗମ ପକ୍ଷରୁ ସମସ୍ତ କର୍ପୋରେଟର ମାନଙ୍କୁ ନେଇ ଆଗାମୀ ଦିନରେ ବ୍ୟାପକ ବୃକ୍ଷ ରୋପଣ କରାଯିବ ବୋଲି କହିଥିଲେ। ପ୍ରେରଣାର ସଭାପତି ଡ଼କ୍ଟର ଦିଲ୍ଲୀପ ଶ୍ରୀଚନ୍ଦନଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ରୋଟାରୀ ଗଭର୍ଣ୍ଣନ ଯଜ୍ଞାଶିଷ ମହାପାତ୍ର ଯୋଗ ଦେଇ ବୃକ୍ଷ ରୋପଣ କରିବା ସହିତ ରୋଟାରୀ କ୍ଲବ୍ ପକ୍ଷରୁ ବୃକ୍ଷ ରୋପଣ ଉପରେ ଅଧିକ ଧ୍ୟାନ ଦେବେ ବୋଲି ମତବ୍ୟକ୍ତ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଓଡ଼ିଶା ରାଜ୍ୟ ପାଇକ ଆଖଡ଼ା ମହାସଂଘର ସଭାପତି ଡ଼କ୍ଟର ପ୍ରକାଶ ଶ୍ରୀଚନ୍ଦନ ସମ୍ମାନିତ ଅତିଥି ଭାବରେ ଯୋଗ ଦେଇ ଓଡ଼ିଶର ସମସ୍ତ ପାଇକ ବାହିନି ବୃକ୍ଷ ରୋପଣ କରି ଏହି ମହତ କାର୍ଯ୍ୟରେ ଯୋଗ ଦାନ କରିବେ ବୋଲି କହିଥିଲେ। ଏଥିରେ ଭୁବନେଶ୍ୱର ମହାନଗର ନିଗମ ଡ଼େପୁଟି ମେୟର ମଞ୍ଜୁଲତା କଅଁର, ବିଶିଷ୍ଟ ଚଳଚିତ୍ର ଅଭିନେତ୍ରୀ ଓ ସମାଜ ସେବୀ ତୃପ୍ତି ସାହୁ, ଅତିଥି ରୂପେ ଯୋଗ ଦାନ କରିବା ସହିତ ବୃକ୍ଷରୋପଣ କରିଥିଲେ। ବୃକ୍ଷରୋପଣ କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ପାଇଁ ତାଙ୍କ ସବୁଜ ରାଜକୁମାରୀ ସମ୍ମାନ ପ୍ରଦାନ କରାଯାଇଥିଲା। ମହାବିଦ୍ୟାଳୟର ଅଧ୍ୟକ୍ଷା ଡ଼. ରୀନା ଘଡ଼େଇ, ବିଶିଷ୍ଟ ସମାଜସେବୀ ସମରେନ୍ଦ୍ର ଜେନା, ସିଟି କ୍ଲବ୍‌ର ସମ୍ପାଦକ ପ୍ରଦୀପ ରାଉତରାୟ, ମହାନଗର ନିଗମ ୩୮ ନମ୍ବର ଜୋନର କରପୋରେଟର୍‌ର ପଦ୍ମଜା ପ୍ରୀୟଦର୍ଶନୀ ଜେନା ସମାଜସେବୀ ବୈଜୟନ୍ତ ସାହୁ ପ୍ରମୁଖ ବୃକ୍ଷରୋପଣ କରିବା ସହିତ ଏହି ଅଭିଯାନକୁ ଆଗାମୀ ଦିନରେ ଆହୁରି କ୍ରିୟାଶୀଳ କରାଯିବ ବୋଲି ମତବ୍ୟକ୍ତ କରିଥିଲେ।

## ବ୍ରାଉନ ସୁଗାର ଜବତ, ଦୁଇ ଗିରଫ

ଖୋର୍ଦ୍ଧା (ପିଏନ)- ଖୋର୍ଦ୍ଧା ଜିଲ୍ଲା ଆରକ୍ଷୀ ଅଧିକାରୀଙ୍କ ନିର୍ଦ୍ଦେଶକ୍ରମେ ଏସଡିପିଓ ସୁଶୀଲ କୁମାର ମିଶ୍ରଙ୍କ ନେତୃତ୍ୱରେ ଆଦର୍ଶ ଥାନା ଅଧିକାରୀ ସଂଜୟ କୁମାର ପଟ୍ଟନାୟକଙ୍କ ସହଯୋଗରେ ବ୍ରାଉନସୁଗାର ଜବତ ସହ ଅଭିଯୁକ୍ତକୁ ଗିରଫ କରାଯାଇ ଏକ ବ୍ୟବହୃତ ବାଇକକୁ ଜବତ କରାଯାଇଛି। ସୂଚନା ମୁତାବକ ଖୋର୍ଦ୍ଧା ଆଦର୍ଶ ଥାନା ଅନ୍ତର୍ଗତ ଗୁରୁଜଙ୍ଗ ଗ୍ରାମର ନୃସିଂହ ସିଂହ ଓ ଲିପସା ମହାପାତ୍ର ବ୍ରାଉନ ସୁଗାର ବ୍ୟବସାୟ କରୁଥିବାର ଖବର ପାଇ ପୋଲିସ ଅତର୍କିତ ଭାବରେ ଚଢାଉ କରି ୨୧ ଗ୍ରାମ ବ୍ରାଉନ ସୁଗାର, ୨୫ ହଜାର ୫ ଶହ ୨୦ ଟଙ୍କା ଓ ଗୋଟିଏ ଓଡିଓ୩ଏସି୨୦୦୫ ନମ୍ବର ବିଶିଷ୍ଟ ବାଇକ ଜବତ କରିବା ସହ ଅଭିଯୁକ୍ତକୁ ଗିରଫ କରି କୋର୍ଟ ଚାଲାଣ କରାଯାଇଛି। ଏଥିରେ ଜବତ ହୋଇଥିବା ବ୍ରାଉନ ସୁଗାରର ମୂଲ୍ୟ ୧ ଲକ୍ଷରୁ ଉର୍ଦ୍ଧ୍ୱ ଟଙ୍କା ହେବ ବୋଲି ଆକଳନ କରାଯାଇଛି।

## କେନ୍ଦ୍ର ବନ୍ଦର, ଜାହାଜ ଚଳାଚଳ ଓ ଜଳମାର୍ଗ ମନ୍ତ୍ରଣାଳୟର ଚିନ୍ତନ ବୈଠକ

ପାରାଦୀପ (ପିଏନ୍)-କେନ୍ଦ୍ର ବନ୍ଦର, ଜାହାଜ ଚଳାଚଳ ଓ ଜଳମାର୍ଗ ମନ୍ତ୍ରଣାଳୟ ଆନୁକୂଲ୍ୟରେ ତିନି ଦିନିଆ ଚିନ୍ତନ ବୈଠକ କର୍ଣ୍ଣାଟକଠାରେ ଆରମ୍ଭ ହୋଇଛି। ଦେଶର ନୀଳ ଅର୍ଥନୀତିକୁ ଆଗକୁ ବଢେଇବା ଦିଗରେ ବିଚାର ବିମର୍ଶ ହୋଇଥିବା ନେଇ ପାରାଦୀପ ବନ୍ଦର ଲୋକ ସମ୍ପର୍କ ବିଭାଗ ପକ୍ଷରୁ ସୂଚନା ମିଳିଛି । ବିଭାଗୀୟ ମନ୍ତ୍ରୀ ସର୍ବାନନ୍ଦ ସୋନୋୱାଲଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ରାଷ୍ଟ୍ରମନ୍ତ୍ରୀ ଶ୍ରୀପଦ ନାୟକ, ଶାନ୍ତନୁ ଠାକୁରଙ୍କ ସମେତ ଦେଶର ବୃହତ ବନ୍ଦର ଗୁଡିକର ଅଧ୍ୟକ୍ଷମାନେ ଏହି ଚିନ୍ତନ ବୈଠକରେ ଯୋଗ ଦେଇଥିଲେ। ଏହି ବୈଠକରେ ଶ୍ରୀ ସୋନୋୱାଲ କହିଛନ୍ତି ଉପକୂଳବର୍ତୀ ଅଂଚଳ ଗୁଡିକର ବିକାଶ ପାଇଁ ଗୁରୁତ୍ୱ ପ୍ରଦାନ କରୁଛନ୍ତି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ । ଭିତିଭୂମିର ସୁଧାର ଆଣିବା ସହିତ ସାମୁଦ୍ରିକ ଅର୍ଥ ବ୍ୟବସ୍ଥାକୁ ସଂରକ୍ଷିତ କରିବା ତଥା ଏହାକୁ ଆଗକୁ ପ୍ରୋତ୍ସାହନ ଦିଆଯିବ । ଏହି ଉଦ୍ୟମର ମୁଖ୍ୟ ଉଦ୍ଦେଶ୍ୟ ନୀଳ ଅର୍ଥନୀତିରେ ପରିବହନ ମାଧ୍ୟମରେ ପରିବର୍ତନ ଆଣିବାକୁ ସରକାର ଲକ୍ଷ୍ୟ ରଖିଛନ୍ତି । ଭାରତକୁ ଆତ୍ମନିର୍ଭର ଭାରତ କରିବାର ସ୍ୱପ୍ନ ସାକାର କରିବା ଏବଂ ସାମୁଦ୍ରିକ ଅର୍ଥ ବ୍ୟବସ୍ଥାକୁ ଠିକଣା ଭାବେ ଉପଯୋଗ କରିବା । ଏହାଦ୍ୱାରା ଅର୍ଥନୈତିକ ପରିବର୍ତନର ଲକ୍ଷ୍ୟ ସାକାର ହେବ । ଏଥିପାଇଁ ଘରୋଇ ସରକାରୀ ସହଭାଗିତାକୁ ଗୁରୁତ୍ୱ ଦେବା ସହ ଏହା ଦ୍ୱାରା ସବୁଜ କ୍ଷେତ୍ର ବନ୍ଦରମାନ ବିକଶିତ ହୋଇପାରିବ । ଉପକୂଳବର୍ତୀ ଲୋକମାନଙ୍କ ଜୀବନ ଧାରଣରେ ସୁଧାର ଆସିବ ଏବଂ ବ୍ୟାପକ ବିକାଶ ସାଧିତ ହେବ। ବନ୍ଦର ଗୁଡିକକୁ ସଂଯୋଗ କରିବା ପାଇଁ ଆବଶ୍ୟକୀୟ ୧୫୭ଟି ସଡକ ସମେତ ୯୩୭ଟି ରେଳ ସମ୍ପର୍କ ଯୋଜନାର ଶୁଭାରମ୍ଭ କରାଯାଇଛି। ଏତଦ୍‌ବ୍ୟତୀତ ବନ୍ଦର କର୍ତୃପକ୍ଷଙ୍କ ଆଧୁନିକୀକରଣ ଓ ଯାନ୍ତ୍ରିକୀକରଣ ଉପରେ ଗୁରୁତ୍ୱ ଦିଆଯାଇଥିବା କଥା ସୂଚନା ମିଳିଛି ।

## କେନାଲ ବନ୍ଧ ଖୋଳି ବ୍ୟକ୍ତିଗତ ଜମିରେ ମାଟି ପକାକୁ ନେଇ ଚାଷୀଙ୍କ ବିରୋଧ



କେନ୍ଦ୍ରାପଡ଼ା (ପିଏନ୍): କେନ୍ଦ୍ରାପଡା ବ୍ଲକ ଅନ୍ତର୍ଗତ ମରଡପୁର ଗୁଆଲସିଂ ୫ନମ୍ବର(କ) ମାଇନର କେନାଲ ବନ୍ଧରୁ ମାଟି ତାଡି ଜନୈକ ବ୍ୟକ୍ତି ତାଙ୍କ ବ୍ୟକ୍ତିଗତ ଜମି ପୋତିବା ପ୍ରତିବାଦରେ ଚାଷୀମାନେ ଜିଲ୍ଲାପାଳଙ୍କ ନିକଟରେ ଅଭିଯୋଗ କରିଛନ୍ତି । ମରଡପୁର ଗୁଆଲସିଂ ୫ନମ୍ବର(କ) ମାଇନର କେନାଲର ଉଭୟ ପାର୍ଶ୍ୱ ବନ୍ଧର ମାଟି ତାଡି ପ୍ରଦୀପ କୁମାର ସାହୁ ନାମକ ଜନୈକ ବ୍ୟକ୍ତି ରେଲୱେ ପୋଲ ନିକଟରେ ଥିବା ନିଜ ଜମିକୁ ପୋତୁଥିବା ନେଇ ଅଭିଯୋଗ ହୋଇଛି । ଏହି କାର୍ଯ୍ୟ ବିଳମ୍ବିତ ରାତିରେ କରାଯାଉଥିବା ସମ୍ପର୍କରେ ଖବର ପାଇ ଚାଷୀମାନେ ଘଟଣା ସ୍ଥଳରେ ପହଁଞ୍ଚି କାମ ବନ୍ଦ କରାଇବା ସହ ଚାଷୀ ମୁଲିଆ ସଂଘକୁ ସୂଚନା ଦେଇଥିଲେ। ସଂଘ ପକ୍ଷରୁ ରଞ୍ଜନ ପଲାଇ, ପିତବାସ ସାହୁ, ଦୀନବନ୍ଧୁ ସାହୁ, ବଟକୃଷ୍ଣ ସେଠୀ ପ୍ରମୁଖ ପ୍ରତିନିଧି ମଣ୍ଡଳି ଘଟଣା ସ୍ଥଳ ପରିଦର୍ଶନ କରିବା ସହିତ ଜିଲ୍ଲାପାଳଙ୍କୁ ଭେଟି ଅଭିଯୋଗ କରିଛନ୍ତି ।

## ଯୋଗ୍ୟତା ପ୍ରମାଣପତ୍ର ଥାଇବି ଭୂମିହୀନଙ୍କୁ ମିଳିଲା ନାହିଁ ଜମିପଟା



କେନ୍ଦ୍ରାପଡ଼ା (ପିଏନ୍): କେନ୍ଦ୍ରାପଡା ପୋରାଞ୍ଚଳର ୮ନମ୍ବର ୱାର୍ଡ ଅନ୍ତର୍ଗତ ଏକଣାଖଣ୍ଡି କେନାଲ ବନ୍ଧ ବସ୍ତିର କେତେକ ବ୍ୟକ୍ତିଙ୍କୁ ଭୂମିହୀନ ଯୋଗ୍ୟତା ପ୍ରମାଣପତ୍ର ଥାଇ ବି ଘରଡିହ ଜମିର ପଟା ମିଳିନଥିବା ନେଇ ଅତିରିକ୍ତ ଜିଲ୍ଲାପାଳଙ୍କ ନିକଟରେ ଅଭିଯୋଗ ହୋଇଛି । ଏହି ଯୋଗ୍ୟତା ପ୍ରମାଣପତ୍ରଧାରୀ ହିତାଧିକାରୀମାନେ ଜିଲ୍ଲାପାଳଙ୍କୁ ଅଭିଯୋଗ କରି ପଟ୍ଟା ପ୍ରଦାନ ପାଇଁ ଦାବି କରିଛନ୍ତି । ଏହି ବ୍ୟକ୍ତିମାନେ ଏକଣାଖଣ୍ଡି ଗ୍ରାମର କେନାଲ ବନ୍ଧ ପାର୍ଶ୍ୱରେ ଥିବା ସରକାରୀ ଜମିରେ ଭୂମିହୀନ ଭାବେ ଦୀର୍ଘ ୫୦ ବର୍ଷ ଧରି ଘରକରି ରହି ଆସୁଛନ୍ତି । ୨୦୧୭ ମସିହାରେ ଓଡିଶା ବସ୍ତି ବାସିନ୍ଦା ଭୂମି ଅଧିକାରୀ ଅଧିନିୟମ ଅନୁଯାଇ ସେମାନଙ୍କୁ ପ୍ରମାଣପତ୍ର ପ୍ରଦାନ କରାଯାଇଛି । ଜିଲ୍ଲା ପ୍ରଶାସନର ପଟ୍ଟା ବଣ୍ଟନ କାର୍ଯ୍ୟକ୍ରମରେ ସେମାନଙ୍କ ପଟ୍ଟା ମିଳି ନଥିବାରୁ ସେମାନେ ଅତିରିକ୍ତ ଜିଲ୍ଲାପାଳ ପିତାମ୍ବର ସାମଲଙ୍କୁ ଭେଟି ପଟା ଦେବାକୁ ଦାବି କରିଛନ୍ତି ।

## ସରକାରଙ୍କ ନିର୍ଦ୍ଦେଶକୁ ବିଡିଓଙ୍କ ଅବମାନନା ଅଭିଯୋଗ

ଭୁବନେଶ୍ୱର (ପିଏନ୍): ମାନ୍ୟବର ମୁଖ୍ୟମନ୍ତ୍ରୀ ଦୀର୍ଘଦିନର ଦାବୀକୁ ବିଚାରକୁ ନେଇ ଭୁବନେଶ୍ୱର ଲିଙ୍ଗିପୁର ଗ୍ରାମ ପଂଚାୟତ ଅଧୀନସ୍ଥ ଗାଙ୍ଗୋତ୍ରୀ ନଗରଠାରେ ଥିବା ଅଙ୍ଗନବାଡି କେନ୍ଦ୍ର ପାଇଁ ନିଜସ୍ୱ ଜମି ଓ ଘର ନଥିବାରୁ ମୁଖ୍ୟମନ୍ତ୍ରୀଙ୍କ ନିର୍ଦ୍ଦେଶରେ ଭୁବନେଶ୍ୱର ତହସିଲଦାରଙ୍କ ଜରିଆରେ ଭୁବନେଶ୍ୱର ବିଡିଓଙ୍କୁ ମୌଜା ଲିଙ୍ଗିପୁର, ଖାତା ନଂ-୭୬୧, ପ୍ଲଟ ନଂ-୯୧, ଏରିଆ-ଇ୦.୨୦୦, କିସମ ଏକ ଜମି ଅନୁଯାୟୀ ଏକ ଜମି ଗତ ୩୧.୦୫.୨୦୨୨ରେ ଜମି ହସ୍ତାନ୍ତର କରିଛନ୍ତି ସେଥିରେ ନିର୍ଦ୍ଦେଶ ଅଛି ଭୁବନେଶ୍ୱର ବିଡିଓ ସେହି ଜମିକୁ ଯଥାଶୀଘ୍ର ଅଧିଗ୍ରହଣ କରି ସେଠାରେ ଅଙ୍ଗନବାଡି କେନ୍ଦ୍ରର ଘର ତିଆରି ପାଇଁ ସମସ୍ତ ପ୍ରକାର ବନ୍ଦୋବସ୍ତ କରିବେ। ବିଡିଓ ମହାଶୟ ସେହି ଜମି ଅଧିଗ୍ରହଣ ନକରିବାରୁ ଜବରଦଖଲକାରୀ ଏହାକୁ ସୁବର୍ଣ୍ଣ ସୁଯୋଗ ଭାବି ନିଜ ଅକ୍ତିଆରରେ ନେବା ପାଇଁ ଉଦ୍ୟମ ଅବ୍ୟାହତ ରଖିଥିବା ନେଇ ଜିଲ୍ଲାପାଳଙ୍କ ନିକଟରେ ବିଡିଓଙ୍କ ବିରୋଧରେ ଅଭିଯୋଗ ହୋଇଥିବା ଶୁଣିବାକୁ ମିଳୁଛି ଯାହାକି ତଦନ୍ତସାପେକ୍ଷ। ସମ୍ପୂର୍ଣ୍ଣ ଜମିକୁ (Demarcation) ମାପ କରାଇବାକୁ ବିଡିଓଙ୍କୁ ନିର୍ଦ୍ଦେଶ ରହିଛି। ଏହି ଘଟଣାକୁ ବିଡିଓ ଗମ୍ଭୀରତାର ସହ ନନେଇ ହାଲକା ଭାବେ ଗ୍ରହଣ କରି ଜମି ଅଧିଗ୍ରହଣ ଅଦ୍ୟାବଧି ନକରିବାରୁ ସେହି ଗାଙ୍ଗୋତ୍ରୀ ନଗର କିଛି ଦଲାଲ ଦିଗହରା କରିବାକୁ ପ୍ରୟାସ ଚାଲୁ ରଖିଥିବା କଥା ଏଠାର କିଛି ସ୍ଥାୟୀ ବାସିନ୍ଦା ଜିଲ୍ଲାପାଳ ମହୋଦୟଙ୍କୁ ଅବଗତ କରାଇଥିବା ଶୁଣିବାକୁ ମିଳୁଛି। ଜିଲ୍ଲାପାଳ ମହୋଦୟ ତଦନ୍ତ କରି ସମ୍ପୃକ୍ତ ବିଡିଓଙ୍କୁ ଆବଶ୍ୟକ କାର୍ଯ୍ୟାନୁଷ୍ଠାନ ତୁରନ୍ତ ଗ୍ରହଣ କରିବାକୁ ନିର୍ଦ୍ଦେଶ ଦେବାକୁ ଦାବୀ ହେଉଛି। କାରଣ ଏଥିରେ ଅଙ୍ଗନବାଡି ଅନୁଷ୍ଠାନରେ ପଢୁଥିବା ପିଲାମାନଙ୍କର ଭବିଷ୍ୟତ ଅନ୍ଧାରରେ।

## ସୀତାବିଂଝ ପର୍ଯ୍ୟଟନସ୍ଥଳର ଖୁବ୍ ଶୀଘ୍ର ହେବ ବିକାଶ

କେନ୍ଦୁଝର (ପିଏନ୍): କେନ୍ଦୁଝର ଜିଲ୍ଲାରେ ବହୁ ସରକାରୀ ସ୍ୱୀକୃତିପ୍ରାପ୍ତ ପର୍ଯ୍ୟଟନସ୍ଥଳ ରହିଛି । ସେଥିରୁ କେତୋଟିର ବିକାଶ ହୋଇଥିବା ବେଳେ ଆଉ କେତୋଟିର ସରକାରୀ ସ୍ତରରେ ପଦକ୍ଷେପ ନିଆଯାଉଛି । ଏଭଳି ପରିପ୍ରେକ୍ଷୀରେ ଜିଲ୍ଲାର ଅନ୍ୟତମ ପର୍ଯ୍ୟଟନସ୍ଥଳ ସୀତାବିଂଝରେ ଉନ୍ନୟନ କାର୍ଯ୍ୟ ନିମନ୍ତେ ୩୦ଲକ୍ଷ ଟଙ୍କା ବ୍ୟୟ ଅଟକଳରେ ପ୍ରଶାସନିକ ଅନୁମୋଦନ ମିଳିଛି। ଫଳରେ ସୀତାବିଂଝକୁ ଆସୁଥିବା ପର୍ଯ୍ୟଟକମାନେ ଏହାର ସୁଫଳ ପାଇପାରିବେ ଏବଂ ପର୍ଯ୍ୟଟନ କ୍ଷେତ୍ର ଉପରେ ନିର୍ଭରଶୀଳ ପରିବାର ଗୁଜୁରାଣ ମେଣ୍ଟାଇବାରେ ସହାୟକ ହୋଇପାରିବ । ଏହି ପର୍ଯ୍ୟଟନସ୍ଥଳର ବିକାଶ ନିମନ୍ତେ ଅନେକବାର ଦାବି ଉଠୁଥିଲା । କିନ୍ତୁ ଅନେକ କାମ ହେବାକୁ ବାକି ଥିଲା । ଏଠାକାର ରାବଣ ଛାୟା ଦେଖିବାକୁ ଦୂରଦୂରାନ୍ତରୁ ପର୍ଯ୍ୟଟକ ଆସିଥା'ନ୍ତି । ସୀତାବିଂଝକୁ ନବକୁଶଙ୍କର ଏନ୍ତୁଡିଶାଳ ବୋଲି ମଧ୍ୟ କୁହାଯାଏ । ବିଭିନ୍ନ ପର୍ବପର୍ବାଣିରେ ଏହି ପର୍ଯ୍ୟଟନସ୍ଥଳରେ ଜନଗହଳି ହୋଇଥାଏ। ବିଶେଷ କରି ରଜ ସମୟରେ ଏଠାରେ ବଡ ମେଳା ଲାଗିଥାଏ । କେବଳ ମେଳା ମହୋତ୍ସବ ନୁହେଁ, ବର୍ଷ ତମାମ ସୀତାବିଂଝକୁ ପର୍ଯ୍ୟଟକ ଆସିଥାନ୍ତି । ଇତିମଧ୍ୟରେ ସରକାରଙ୍କ ପକ୍ଷରୁ ରିଭାଇଜ ବ୍ୟୟ ଅଟକଳର ପ୍ରଶାସନିକ ଅନୁମୋଦନ ନିମନ୍ତେ ପର୍ଯ୍ୟଟନ ବିଭାଗ ପକ୍ଷରୁ ରାଜ୍ୟପାଳଙ୍କୁ ପ୍ରେରଣ ହୋଇଥିଲା । ରାଜ୍ୟ ସରକାର ୩୦ ଲକ୍ଷ ଟଙ୍କାର ବ୍ୟୟ ଅଟକଳକୁ ଅନୁମୋଦନ କରିଥିବା ଜଣାପଡିଛି । ଏହି ଅନୁମୋଦିତ ଅର୍ଥରେ ପାର୍କିଂ ସ୍ଥଳ, ପର୍ଯ୍ୟଟନ ସ୍ଥଳରେ ପାଲା ମଣ୍ଡପ, କଲଭର୍ଟ ନିର୍ମାଣ ଏବଂ ମାତା ସୀତା ମନ୍ଦିରର ସୁରକ୍ଷା ଘେରା ଏବଂ ମନ୍ଦିରକୁ ଜଳ ଯୋଗାଣ ବ୍ୟବସ୍ଥା କରାଯିବ। ସୀତାବିଂଝରେ ପାର୍କିଂ ସ୍ଥଳ ନିର୍ମାଣ ନିମନ୍ତେ ୧୩ ଲକ୍ଷ ୧୨ ହଜାର ୫୧୪ ଟଙ୍କା ବ୍ୟୟ ଅଟକଳକୁ ପ୍ରଶାସନିକ ଅନୁମୋଦନ ମିଳିଛି । ସେହିପରି ପାଲା ମଣ୍ଡପ ନିର୍ମାଣ ନିମନ୍ତେ ୩ ଲକ୍ଷ ୯୮ ହଜାର ୩୬୫, ମାତା ସୀତା ମନ୍ଦିରରେ ସୁରକ୍ଷା ଘେରା ନିମନ୍ତେ ୭ ଲକ୍ଷ ୪୧ ହଜାର ୬୬୫ ଟଙ୍କାର ଅଟକଳ ଅନୁମୋଦନ କରାଯାଇଛି । ଅନ୍ୟ ପକ୍ଷରେ ମାତା ସୀତା ମନ୍ଦିରକୁ ଜଳ ଯୋଗାଣ ବ୍ୟବସ୍ଥା ପାଇଁ ୨ ଲକ୍ଷ ଟଙ୍କାର ବ୍ୟୟ ଅଟକଳକୁ ପ୍ରଶାସନିକ ଅନୁମୋଦନ ଲାଭ କରିଥିବା ସୂଚନା ମିଳିଛି ।

## ରଜରେ ଜମିଲା ଜୁଆଖେଳ ଓ ମଦ ବେପାର

ଧର୍ମଶାଳା (ପିଏନ୍): ରଜ ପର୍ବ ଉପଲକ୍ଷେ ଧର୍ମଶାଳା ବ୍ଲକର କେତେକ ସ୍ଥାନରେ ଅବାଧ ଜୁଆଖେଳ ଓ ବେଆଇନ ମଦ ବେପାର ହୋଇଥିବା ଅଭିଯୋଗ ହୋଇଛି । ପୁଲିସ୍ ଓ ଅବକାରୀ ବିଭାଗ କିପରି ଜାଣି ପାରୁନାହିଁ, ଏହାକୁ ନେଇ ବୁଦ୍ଧିଜୀବୀ ମହଲରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି । ଜେନାପୁର ଥାନା ଅଧୀନ ଅଣ୍ଡିଆ ଓ କମାଗଡ଼ ପଞ୍ଚାୟତର ବିଭିନ୍ନ ଖଟିରେ ଜୁଆଖେଳ ଖୁବ୍ ଜମିଥିବା ବେଳେ ଧର୍ମଶାଳା ଥାନା ମିର୍ଜାପୁର ହାଟ ଓ ଲାଙ୍ଗୁଡ଼ି ପାହାଡ଼ ପାଦଦେଶରେ ଥିବା ପରିତ୍ୟକ୍ତ ପାନ୍ଥଶାଳାରେ ମଧ୍ୟ ଜୁଆ ଖେଳର ଆସର ଜମିଥିଲା । ଜୁଆ ଖେଳୁଥିବା ଗ୍ରାହକମାନେ ସର୍ବସ୍ୱାନ୍ତ ହୋଇଯାଇଥିବା ବେଳେ ଜୁଆଡ଼ି ବେଶ୍ ମାଲାମାଲ୍ ହୋଇଛନ୍ତି । ଏଥପାଇଁ ସ୍ଥାନୀୟ ପୁଲିସ୍ କୁଆଡ଼େ ମୋଟା ଅଙ୍କର ବଟି ନେଉଥିବା ଚର୍ଚ୍ଚା ହେଉଛି । ପୁଲିସ୍ ସହିତ ଜୁଆଡ଼ି ଓ ଚୋରା ମଦ ବେପାରୀଙ୍କ ମଧୁଚନ୍ଦ୍ରିକା ଯୋଗୁ ଏହି ଚୋରା କାରବାର ବେଶ୍ ଲାଭଦାୟକ ହୋଇଥିବା ଅଭିଯୋଗରେ ଦର୍ଶାଯାଇଛି । ଥାନାକୁ ଜଣେ ନୂଆ ପୁଲିସ୍ ଅଫିସର ଆସିଲେ ପ୍ରବଳ ଚୋରା ମଦ ଜବତ ସହିତ ବହୁ ବେପାରୀ ଗିରଫ ହୋଇଥାନ୍ତି । ହେଲେ ଦିନ କେଇଟାରେ ଯଥା ପୂର୍ବଂ ତଥା ପରଂ ଭଳି ଅବସ୍ଥା ହୋଇଯାଏ । ସମ୍ଭବତଃ ମାସିକିଆ ଡିଲ୍ ହୋଇଗଲା ପରେ ପୁଣି ଖୋଲା ମେଳାରେ ଆରମ୍ଭ ହୋଇଯାଉଛି ବେପାର । ପ୍ରକାଶ ଯେ, ଜେନାପୁର ଥାନା ଅଧୀନ ଅଣ୍ଡିଆ ଓ କମାକଡ଼ ପଞ୍ଚାୟତର ଗଳିକନ୍ଦିରେ ଜୁଆଖେଳ ସାଙ୍ଗକୁ ଚୋରା ମଦ, ଗଂଜେଇ ଓ ଅଫିମ ବେପାର ହେଉଛି । ସେହିପରି ଧର୍ମଶାଳା ଥାନା ପଛପାର୍ଶ୍ୱରେ ଜଣେ ମହିଳା ଦୀର୍ଘବର୍ଷ ହେଲା ଚୋରାମଦ ବେପାର କରି ଆସୁଥିବା ବେଳେ ଥାନାଠାରୁ ମାତ୍ର ୧୫୦ମିଟର ପରିଧି ମଧ୍ୟରେ ଥିବା ଧର୍ମଶାଳା ବଜାରର ଚା', ପାନ, ଜଳଖିଆ ଓ ତେଜରାତି ଦୋକାନରେ ଚୋରାମଦ ବେପାର ହେଉଛି । ଏଥିସହ ଚୋରମୁହାଁ, ମଣିନାଥପୁର, ଭୁବନ, କାଏମା, ଅଚ୍ୟୁତପୁର, ନୀଳଦେଈପୁର, ବିରିବାଟି, ଭଡ଼ଙ୍ଗା, ହରିଦାସପୁର, ସାରୋଇ ପାହାଡ଼, ନେଉଳପୁର, ପାଟପୁର ତାରିଣୀ ଛକ, ଚକ୍ରେଡ଼ା, ହଳଦୀପଦା, ମୁଣ୍ଡମାଳ, ସାଲେପୁର, ଜଳେଶ୍ୱରପୁର, ଦେଓଦା, କୋତପୁର, ଜାରକା, କୁମାରୀ, କଣ୍ଟିଗଡ଼ିଆ, ଚଢ଼େଇଧରା, ନାକପୋଲ, ଆରୁହା ଆଦି ଛକ ବଜାର ସମେତ ଗ୍ରାମାଞ୍ଚଳରେ ବିଭିନ୍ନ ନିଶା କାରବାର ହେଉଛି । ଏପରିକି କୋତପୁର ଫାଣ୍ଡି ଓ ଜାରକା ପୁଲିସ୍ ବିଟ୍ ହାଉସ୍ ନିକଟରେ ମଧ୍ୟ ଚୋରାମଦ ବେପାର କରିବାକୁ ବେପାରୀ ଡରୁନଥିବା ଜଣାପଡ଼ିଛି । ଯାଜପୁର ଏସ୍‌ପି ଏଥିପ୍ରତି ସ୍ୱତନ୍ତ୍ର ଦୃଷ୍ଟି ଦେବାକୁ ଦାବି ହୋଇଛି ।

## ସର୍ବସାଧାରଣ ଜଳସ୍ରୋତ ଅବରୋଧ ମାମଲା: ୧୫ ଦିନ ମଧ୍ୟରେ ଉଚ୍ଛେଦ ପାଇଁ ଉପଜିଲ୍ଲାପାଳଙ୍କ ନିର୍ଦ୍ଦେଶ

କେନ୍ଦ୍ରାପଡ଼ା (ପିଏନ୍): କେନ୍ଦ୍ରାପଡା ଜିଲ୍ଲାର ଡେରାବିଶ ବ୍ଲକ ଅନ୍ତର୍ଗତ ନହଙ୍ଗ ଗ୍ରାମ ପଞ୍ଚାୟତର ପଲ୍ଲୀରଘୁନାଥପୁର ଗ୍ରାମର ସର୍ବସାଧାରଣ ଜଳସ୍ରୋତ ତଥା ଯୋରକୁ ଜବରଦଖଲ କରି ଗୃହ ନିର୍ମାଣ କରିଥିବା ବ୍ୟକ୍ତିଙ୍କୁ ୧୫ ଦିନ ମଧ୍ୟରେ ଉଚ୍ଛେଦ ପାଇଁ ଉପଜିଲ୍ଲାପାଳ ନିର୍ଦ୍ଦେଶ ଦେଇଛନ୍ତି। ଏହି ନିର୍ଦ୍ଦେଶ ହେବା ପରେ ଗ୍ରାମବାସୀଙ୍କ ମଧ୍ୟରେ ଖୁସିର ଲହରୀ ଖେଳିଯାଇଛି। କାରଣ ଏହି ନିର୍ମାଣ କାର୍ଯ୍ୟକୁ ଗ୍ରାମବାସୀ ଦୀର୍ଘ ୨ ବର୍ଷ ହେବ ବିରୋଧ କରି ଆସୁଛନ୍ତି। ଏହି ଅଞ୍ଚଳର ଜଣେ ପ୍ରଭାବଶାଳୀ ବ୍ୟକ୍ତି ଏହିଭଳି ସର୍ବସାଧାରଣ ଜୋରକୁ ଅବରୋଧ କରି ଗୃହ ନିର୍ମାଣ କରିଛନ୍ତି। ଏହି ଗୃହକୁ ବ୍ୟବସାୟିକ ପ୍ରତିଷ୍ଠାନରେ ପରିଣତ କରିଛନ୍ତି। ଗୃହ ଆରମ୍ଭ କରିବା ଦିନରୁ ଗ୍ରାମବାସୀ ଏହାକୁ ବିରୋଧ କରି ଆସୁଛନ୍ତି। ଏ ନେଇ ଗ୍ରାମବାସୀ ତହସିଲଦାରଙ୍କ ଠାରୁ ଆରମ୍ଭ କରି ଉପଜିଲ୍ଲାପାଳ, ଜିଲ୍ଲାପାଳ, ଆରଡିସି, ମୁଖ୍ୟମନ୍ତ୍ରୀଙ୍କ ପର୍ଯ୍ୟନ୍ତ ଅଭିଯୋଗ କରିଥିଲେ। ଏହି ଅଭିଯୋଗ ହେବା ପରେ ଉପଜିଲ୍ଲାପାଳଙ୍କ ଉପରେ ଚାପ ପଡିଥିଲା। ଏପରିକି ଉପଜିଲ୍ଲାପାଳଙ୍କ କୋର୍ଟରେ ମଧ୍ୟ ଏକ ମାମଲା ହୋଇଥିଲା। ହେଲେ ଉପଜିଲ୍ଲାପାଳଙ୍କ କାର୍ଯ୍ୟାଳୟର କେତେକ ଅସାଧୁ କର୍ମଚାରୀ ଉକ୍ତ ମାମଲାକୁ ଚାପି ରଖିଥିଲେ। ଏ ନେଇ ଉକ୍ତ ଗ୍ରାମର ସାମାଜିକ କର୍ମୀ ମନୋରଞ୍ଜନ ଜେନା ଓଡିଶା ଉଚ୍ଚ ନ୍ୟାୟାଳୟରେ ପ୍ରଶାସନ ବିରୋଧରେ ଏକ ସିଆରଏଲଏମ୍‌ପି ମାମଲା ନମ୍ବର- ୩୫୫/୨୦୨୨ ରୁଜୁ କରିଥିଲେ। ଏହି ମାମଲାର ଶୁଣାଣି କରି ହାଇକୋର୍ଟ ଉପଜିଲ୍ଲାପାଳଙ୍କୁ ବ୍ୟକ୍ତିଗତ ଭାବେ ହାଜର ହେବାକୁ ନିର୍ଦ୍ଦେଶ ଦେଇଥିଲେ। ଉପଜିଲ୍ଲାପାଳ ବ୍ୟକ୍ତିଗତ ଭାବେ କୋର୍ଟରେ ହାଜର ହୋଇଥିଲେ। ଏଥିସହ କୋର୍ଟଙ୍କୁ ସତ୍ୟପାଠ ମାଧ୍ୟମରେ ଅବଗତ କରିଥିଲେ ଯେ ଏହି ବେଆଇନ୍ ନିର୍ମାଣ ସମ୍ପର୍କରେ ବିଚାର କରି ତୁରନ୍ତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବି। ସେହି ଅନୁଯାୟୀ ଏହି ବେଆଇନ୍ ନିର୍ମାଣକୁ ୧୫ ଦିନ ମଧ୍ୟରେ ଉଚ୍ଛେଦ କରିବା ପାଇଁ ଉପଜିଲ୍ଲାପାଳ ନୋଟିସ ଜାରି କରିଥିବା ସୂଚନା ମିଳିଛି।

## ସ୍ୱାଧୀନତା ସଂଗ୍ରାମୀ ନକୁଳ ଦାସଙ୍କ ସ୍ମୃତିସଭା

କେନ୍ଦ୍ରାପଡ଼ା (ପିଏନ୍): ବିଶିଷ୍ଟ ସ୍ୱାଧୀନତା ସଂଗ୍ରାମୀ ସ୍ୱର୍ଗତଃ ନକୁଳ ଚରଣ ଦାସଙ୍କ ଦ୍ୱିତୀୟ ଶ୍ରାଦ୍ଧବାର୍ଷିକୀ ଉପଲକ୍ଷେ ଏକ ଶ୍ରଦ୍ଧାଞ୍ଜଳି ସଭା ଅନୁଷ୍ଠିତ ହୋଇଯାଇଛି। କେନ୍ଦ୍ରାପଡା ବ୍ଲକ ଅନ୍ତର୍ଗତ ସୁଜାନଗର ଗ୍ରାମର ନେତାଜୀ ମଡେଲ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ପରିସରରେ ନକୁଳ ଦାସ ସ୍ମୃତି କମିଟି ସଭାପତି ଡଃ. ବାସୁଦେବ ଦାସଙ୍କ ସଭାପତିତ୍ୱରେ ଏକ ସ୍ମୃତିସଭା ଅନୁଷ୍ଠିତ ହୋଇଯାଇଛି । ଏଥିରେ ସମ୍ମାନୀତ ଅତିଥି ଭାବେ ଆଇନଜୀବୀ ପ୍ରଦୀପ କୁମାର ଦାଶ ଯୋଗଦେଇ ବକ୍ତବ୍ୟରେ ସଂଗ୍ରାମୀ ସ୍ୱର୍ଗତଃ ଦାସ ଏକାଧାରରେ ସ୍ୱାଧୀନତା ସଂଗ୍ରାମୀ, ଭୂଦାନ କର୍ମୀ, ବିଭିନ୍ନ ସାମାଜିକ କାର୍ଯ୍ୟରେ ନିୟୋଜିତ ରହିବା ସହ ଜୀବନବ୍ୟାପୀ ଗାନ୍ଧୀ ଦର୍ଶନର ଅନୁଗାମୀ ଥିଲେ । ନୂତନ ପିଢୀଙ୍କ ପାଇଁ ତାଙ୍କର ତ୍ୟାଗ, ତିତିକ୍ଷା ଓ ସରଳ ଜୀବନଯାପନ ଏକ ଉଦାହରଣ ସୃଷ୍ଟି କରିଛି । ସଭାପତି ଡଃ. ଦାସ ନିଜ



ବକ୍ତବ୍ୟରେ ସଂଗ୍ରାମୀ ସ୍ୱର୍ଗତଃ ଦାସ ଜଣେ ସଚ୍ଚୋଟ ଓଡିଆ ଓ ପ୍ରକୃତ ଦେଶପ୍ରେମୀ ଥିଲେ ବୋଲି କହିଥିଲେ। ସେ ଗାନ୍ଧିଜୀଙ୍କ ଆଦର୍ଶରେ ଅନୁପ୍ରାଣିତ ହୋଇ କୁଟି ଖାଅ ଓ କାଟି ପିନ୍ଧ ନାରାରେ ସାମିଲ ହୋଇ ନିଜ ଘରେ ଚରଖାରେ ସୂତା କାଟୁଥିଲେ । ଆହୁରି ମଧ୍ୟ ସମାଜରୁ କୁସଂସ୍କାର ଓ ଅନ୍ଧବିଶ୍ୱାସ ଦୂର ପାଇଁ ଅନେକ କାର୍ଯ୍ୟ ହାତକୁ ନେଇଥିଲେ । ଏହି ସ୍ମୃତିସଭାରେ ନେତାଜୀ ମଡେଲ ୟୁପି ସ୍କୁଲର ଛାତ୍ରଛାତ୍ରୀ ଓ ଶିକ୍ଷକ ଶିକ୍ଷୟିତ୍ରୀମାନେ ଉପସ୍ଥିତ ରହି ସ୍ୱର୍ଗତଃ ଦାସଙ୍କ ଉଦ୍ଦେଶ୍ୟରେ ସ୍ମୃତିଚାରଣ କରିବା ସହ ତାଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ଅର୍ପଣ ପୂର୍ବକ ଶ୍ରଦ୍ଧାସୁମନ ଜ୍ଞାପନ କରିଥିଲେ। ସ୍ମୃତି କମିଟି ସମ୍ପାଦକ ଅବନୀ କୁମାର ଦାସ, କାର୍ତ୍ତିକ ଚନ୍ଦ୍ର ସାହୁ, ଲୋପାମୁଦ୍ରା ବାରିକ, ରବୀନ୍ଦ୍ର ଦାସ, ଅଲେଖ ନାୟକ, ମନ୍ଦର ରଥ ପ୍ରମୁଖ ସଭାରେ ଯୋଗଦେଇ ସ୍ମୃତିଅର୍ଘ୍ୟ ଅର୍ପଣ କରିଥିଲେ।

## ପିପିଏଲ୍ ଜିପସମ୍ ପଣ୍ଡରେ ଅଘଟଣ: ଟ୍ରକ୍ ଦୁର୍ଘଟଣାରେ ଯୁବକଙ୍କ ମୃତ୍ୟୁ

ପାରାଦୀପ (ପିଏନ୍)- ପାରାଦୀପସ୍ଥିତ ପାରାଦୀପ ଫସଫେଟ୍ସ ଲିମିଟେଡ୍ (ପିପିଏଲ)ର ଜିପସମ୍ ପଣ୍ଡରେ କାମ କରୁଥିବା ବେଳେ ଜନୈକ ଯୁବକଙ୍କ ଦୁର୍ଘଟଣାରେ ମୃତ୍ୟୁ ଘଟିଛି । ଘଟଣାରୁ ପ୍ରକାଶ ଯେ, ପାରାଦୀପ ମଧୁବନସ୍ଥିତ ଗୋପାଳଜୀୟୁ କଲୋନୀରେ ରହୁଥିବା ମଧୁସୂଦନ ରାଉତଙ୍କ ପୁଅ ପ୍ରମୋଦ କୁମାର ରାଉତ(୩୮) ଓରଫ ପିଂଟୁ ପିପିଏଲ୍ ଜିପସମ୍ ପରିବହନରେ କାମ କରୁଥିବା ସିଫର୍ଶ ଷ୍ଟିଭେଡୋର୍ସ ଲିମିଟେଡ୍ ନାମକ ଏକ କମ୍ପାନୀ ଅଧିନରେ କାମ କରୁଥିଲେ । ଜିପସମ୍ ପରିବହନରେ ନିୟୋଜିତ ଏକ ଟ୍ରକ୍ ଫଶି ଯାଇଥିଲା । ଅନ୍ୟ ଏକ ଟ୍ରକ୍ ଉକ୍ତ ଟ୍ରକ୍‌କୁ ସହାୟତା କରୁଥିବା ବେଳେ ଟ୍ରକ୍‌ର ଜଗ୍ ରଡ୍ ଝିଟିକି ପ୍ରମୋଦଙ୍କ ତଳି ପେଟରେ ମାଡ ହୋଇଥିଲା । ଗୁରୁତର ଅବସ୍ଥାରେ ପ୍ରମୋଦଙ୍କୁ ଅଠରବାଙ୍କୀ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ଅଣାଯାଇଥିଲା। ସେଠାରେ ତାଙ୍କର ମୃତ୍ୟୁ ଘଟିଥିଲା। ପ୍ରମୋଦଙ୍କ ମୃତ୍ୟୁ ପରେ ସ୍ଥାନୀୟ ଅଂଚଳରେ ଶୋକର ଛାୟା ଖେଳିଯାଇଛି। ତାଙ୍କ ଘର କେନ୍ଦ୍ରାପଡା ଜିଲ୍ଲା ପାଟକୁରା ଥାନା ଅନ୍ତର୍ଗତ ଜଗନ୍ନାଥପୁର ଗ୍ରାମରେ ବୋଲି ଜଣାପଡିଛି।

## ଦେଶୀ ମଦ ଜବତ, ଜଣେ ଗିରଫ

ଖୋର୍ଦ୍ଧା (ପିଏନ) - ବେଗୁନିଆ ବ୍ଲକ ଅନ୍ତର୍ଗତ ଦେଉଳି ପଂଚାୟତର ଗୋଡା ଗ୍ରାମର ସୁଶାନ୍ତ ରଣସିଂହ ଦୀର୍ଘଦିନ ଧରି ନିଜ ଘର ପଛପଟ ବାଡିରେ ଦେଶୀ ମଦ ତିଆରି ବିକ୍ରୀ କରି ଆସୁଥିବାର ଖବର ପୋଲିସ ନିକଟରେ ପହଂଚି ଥିଲା। ବେଗୁନିଆ ଥାନା ଅଧିକାରୀ ଲକ୍ଷ୍ମୀ ପ୍ରସାଦ ଶତପଥି ଅତର୍କିତ ଭାବରେ ଚଢାଉ କରି ୩୫ ଲିଟର ଦେଶୀ ମଦ ସମେତ ବ୍ୟବହୃତ ସାମଗ୍ରୀଗୁଡିକୁ ଜବତ କରିବା ସହ ଅଭିଯୁକ୍ତକୁ ଗିରଫ କରି କୋର୍ଟ ଚାଲାଣ କରାଯାଇଛି।


# DISPLAY CLASSIFIED

FOR ADVERTISEMENT CONTACT
Phone No. (0674) 2555116/9853400829
Fax: (0674) 2550504
E-mail : paryabekhyak@gmail.com
editorpbkc@gmail.com

TARIFF: 10c.m.x 4cm: Rs. 8,000/- (One Month)
10c.m.x 4cm: Rs. 350/- (One day)
5c.m.x 4cm: Rs. 5,000/- (One Month)
5c.m.x 4cm: Rs. 200/- (One day)

ADMISSION ON
MPS PLAY HOME
Where awareness nurtured, innocence blossoms.
For
PRE-NURSERY, NURSERY, L.K.G. & U.K.G.
N-3B-14/15, Ekamra Kanan Road, Nayapalli, BBSR
Tel : (0674) 2556225, 2558884, Fax : 2550504
Email : maharishipublicschool@yahoo.com
Web : www.maharishipublicschool.com

Mahaditya Publication

VED BHAWAN
Creating Peace, Progress & Prosperity
For all Vedic Performances like Rudravishek, Mahalaxmi Pujan, Grahashanti Anusthan, Chandipatha, Vishnu Sahasranama Patha, Birthday Celebration, Griha Prabesh, Vastu Pujan, Bhumi Pujan, Astrological Consultation & Prediction etc.
DO YOU NEED PUNDITS / ASTROLOGERS / VASTU EXPERTS ?
Contact :
Near Mukteswar Temple,
Sarbodaya Nagar, Puri.
N-3, B-14/15, MPS Campus, Nayapalli, Bhubaneswar
Ph. 0674-2550786, Fax : 0674-2550504
Email.: yagyaanusthan@sify.com

Pragyan Communication

ADMISSION ON
MAHARISHI PUBLIC SCHOOL
your gateway to complete education
For
PRE-NURSERY, NURSERY, L.KG., U.KG., Std-1 to Std-VIII
Baghra Road, Baripada
Tel-06792-255227
Email : maharishipublicschool@yahoo.com
Web : www.maharishipublicschool.com




# ପୁରୀରେ ରଥଯାତ୍ରା ପ୍ରସ୍ତୁତିର ସମୀକ୍ଷା କଲେ ୨ କେନ୍ଦ୍ରମନ୍ତ୍ରୀ

ଭୁବନେଶ୍ୱର, (ପି.ଏନ): କେନ୍ଦ୍ର ଶିକ୍ଷା, ଦକ୍ଷତା ବିକାଶ ଏବଂ ଉଦ୍ୟୋଗୀ ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଏବଂ ରେଳ, ଯୋଗାଯୋଗ ଏବଂ ଇଲେକ୍ଟ୍ରୋନିକ୍ସ ଓ ସୂଚନା ପ୍ରଯୁକ୍ତିବିଦ୍ୟା ମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ ଦୁଇ ଦିନିଆ ଓଡିଶା ଗସ୍ତରେ ଆସି ପୁରୀ ରେଳ ଷ୍ଟେସନ ଠାରେ ରେଳବାଇ ପକ୍ଷରୁ ତୀର୍ଥ ଯାତ୍ରୀ ମାନଙ୍କ ପାଇଁ ଆୟୋଜିତ ବିସ୍ତୃତ ରଥଯାତ୍ରା ପ୍ରସ୍ତୁତିକୁ ନୀରିକ୍ଷଣ କରିବା ସହିତ ରଥ ଯାତ୍ରା ସମୟରେ ତୀର୍ଥଯାତ୍ରୀଙ୍କ ସୁବିଧାର ସଦୁପଯୋଗ କରିବାକୁ ପରାମର୍ଶ ଦେଇଛନ୍ତି। ଶ୍ରୀ ବୈଷ୍ଣବ ମଧ୍ୟ ସାଧାରଣ ଜନତା ତଥା ତୀର୍ଥଯାତ୍ରୀ ଏବଂ ସେମାନଙ୍କ ପରିବାର ବର୍ଗଙ୍କୁ ଶୁଭେଚ୍ଛା ଜଣାଇବା ସହିତ ବହୁତ ଖୁସି ଏବଂ ସ୍ମରଣୀୟ ରଥଯାତ୍ରାର ଅନୁଭୂତି ନେବାକୁ କହିଛନ୍ତି । ପୁରୀ ଷ୍ଟେସନ ଠାରେ ରେଳବାଇର ବିସ୍ତୃତ ରଥଯାତ୍ରା ପ୍ରସ୍ତୁତିକୁ ନୀରିକ୍ଷଣ କରିବା ସହିତ ଓଡ଼ିଶାବାସୀ ଏବଂ ଚଳିତ ବର୍ଷ ପୁରୀକୁ ଆସିଥିବା ତୀର୍ଥଯାତ୍ରୀ ମାନଙ୍କୁ ଶୁଭେଚ୍ଛା ବାର୍ତା ସହ ଉଦବୋଧନ ଦେଇ ରେଳମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ କହିଛନ୍ତି ଯେ ପୁରୀ ରେଳ ଷ୍ଟେସନରେ ତୀର୍ଥଯାତ୍ରୀଙ୍କ ସୁବିଧା ପାଇଁ ଚଳିତ ବର୍ଷ ରେଳବାଇ ପକ୍ଷରୁ ବ୍ୟାପକ ରଥ ଯାତ୍ରା ବ୍ୟବସ୍ଥା କରାଯାଇଛି। ଶ୍ରୀ ବୈଷ୍ଣବ କହିଛନ୍ତି ଯେ ପ୍ରଥମ ଥର ପାଇଁ ରଥ ଯାତ୍ରା ସମୟରେ ୨୦୫ ଟି ସ୍ୱତନ୍ତ୍ର ଟ୍ରେନ୍ ଚଳାଚଳର ବ୍ୟବସ୍ଥା କରାଯାଇଛି। ଏହା ସହିତ ୩୦୦ ରୁ ଅଧିକ ନିୟମିତ ଟ୍ରେନ୍ ମଧ୍ୟ ଚଳାଚଳ କରିବ। ରେଳବାଇ ପୂର୍ବାନୁମାନ କରିଛି ଯେ ୧୦ ଲକ୍ଷରୁ ଅଧିକ ଯାତ୍ରୀ ୫୦୦ ରୁ ଅଧିକ ଟ୍ରେନରେ ଯାତ୍ରା କରିବେ। ଯାତ୍ରୀଙ୍କ ନିରାପତା ପାଇଁ ବ୍ୟାପକ ସୁରକ୍ଷା ବ୍ୟବସ୍ଥା କରାଯିବ ସହିତ ଆକାଶ ମାର୍ଗରୁ ନଜର ରଖିବା ପାଇଁ ଡ୍ରୋନ୍ କ୍ୟାମେରା ସହିତ ୧୦୦ ରୁ ଅଧିକ ସିସିଟିଭି କ୍ୟାମେରା ଲଗାଯାଇଛି। ଏଥିପାଇଁ ରେଳବାଇ ତୀର୍ଥଯାତ୍ରୀଙ୍କ ସୁରକ୍ଷା ତଥା ମାର୍ଗଦର୍ଶନ ପାଇଁ ୬୦୦ ରୁ ଅଧିକ ଆରପିଏଫ କର୍ମଚାରୀ ଏବଂ ୨୦୦ ରେଳ ସ୍ୱେଚ୍ଛାସେବୀ ନିୟୋଜିତ କରିଛି। ଯାତ୍ରୀମାନେ ଯେପରି କୌଣସି ଅସୁବିଧାର ସମ୍ମୁଖୀନ ନହେବେ ସେଥିପାଇଁ ୪୦ ରୁ ଅଧିକ ଟିକେଟ୍ ବୁକିଂ କାଉଣ୍ଟର, ୧୦ ଟି ୟୁଟିଏସ୍ ଆଧାରିତ ହ୍ୟାଣ୍ଡ-ହେଲ୍ଡ କାଉଂଟର ଏବଂ ଅନେକ ମୋବାଇଲ୍ କାଉଣ୍ଟର ବ୍ୟବସ୍ଥା କରାଯାଇଛି ଯାହା ଦ୍ୱାରା ଟିକେଟ୍ ପାଇବାରେ କୌଣସି ଅସୁବିଧା ହେବ ନାହିଁ ଏବଂ ଯାତ୍ରୀମାନେ ସହଜରେ ଟିକେଟ ପାଇପାରିବେ। ପ୍ରଥମ ଥର ପାଇଁ ସଡକ ଯାନରେ ରେଳ ଟିକେଟ ବିକ୍ରି ପାଇଁ ମଧ୍ୟ ବ୍ୟବସ୍ଥା କରାଯାଇଛି ।ଏହା ସହିତ ଖାଦ୍ୟ କୋର୍ଟ, ପାନୀୟ ଜଳ ଏବଂ ଶୌଚାଳୟ ସୁବିଧା ସହିତ ୧୫,୦୦୦ ଭକ୍ତଙ୍କୁ ରହିବା ପାଇଁ ରେଳବାଇ ଦ୍ୱାରା ବ୍ୟାପକ ଆବୃତ ସ୍ଥାନ ପ୍ରସ୍ତୁତ କରାଯାଇଛି। ବରିଷ୍ଠ ନାଗରିକ ଏବଂ ଭିନ୍ନକ୍ଷମଙ୍କ ପାଇଁ ବ୍ୟାଟେରୀ ଚାଳିତ କାର ବ୍ୟବସ୍ଥା ମଧ୍ୟ କରାଯାଇଛି ।ରେଳମନ୍ତ୍ରୀ ମଧ୍ୟ ସୂଚନା ଦେଇଛନ୍ତି ଯେ ମେଳା ଶେଡରେ ତୀର୍ଥଯାତ୍ରୀ ଏବଂ ଯାତ୍ରୀମାନେ ରାତିରେ ଆରାମ କରିପାରିବେ ଏବଂ ୫୦,୦୦୦ ଅଭାବୀ ତୀର୍ଥଯାତ୍ରୀଙ୍କ ପାଇଁ ମାଗଣା ଖାଦ୍ୟ ବ୍ୟବସ୍ଥା ମଧ୍ୟ କରାଯାଇଛି।

## ସଂକ୍ରମଣ ବଢୁଛି କିନ୍ତୁ ପ୍ରୋଗ୍ରେସ ସ୍ଲୋ : ସ୍ୱାସ୍ଥ୍ୟ ନିର୍ଦ୍ଦେଶକ

ଭୁବନେଶ୍ୱର, (ପି.ଏନ):ରାଜ୍ୟରେ ୧୦-୧୫ ଦିନ ହେବ ସଂକ୍ରମଣ ବଢୁଛି । ହେଲେ ପ୍ରୋଗ୍ରେସ ସ୍ଲୋ ଅଛି। ହସ୍ପିଟାଲିଟି ବଢିନାହିଁ କି ଫାଟାଲିଟି ମଧ୍ୟ ବଢ଼ିନାହିଁ । ଆମ ରାଜ୍ୟ ଅପେକ୍ଷା ଅନ୍ୟ ରାଜ୍ୟରେ ବେଶୀ ବଢୁଛି। ତେଣୁ ଆମେ ଧୈର୍ଯ୍ୟହରା ହେବା ନାହିଁ। କୋଭିଡ ପାଇଁ ବିଭାଗ ପକ୍ଷରୁ ସତର୍କତା ଅବଲମ୍ବନ କରାଯାଉଛି। ତେଣୁ ଜନସାଧାରଣ ମଧ୍ୟ ସତର୍କତା ଅବଲମ୍ବନ କରନ୍ତୁ ବୋଲି କହିଛନ୍ତି ସ୍ୱାସ୍ଥ୍ୟ ନିର୍ଦ୍ଦେଶକ ବିଜୟ ମହାପାତ୍ର ।ସେ କହିଛନ୍ତି ଯେ କାଲି ବିଭିନ୍ନ ସ୍ଥାନରେ ରଥଯାତ୍ରା ପାଳନ କରାଯାଇଛି। ଯଦି କୌଣସି କଂଗ୍ରିଗେସନ ହୋଇଥିବ ତାହା ୧୦-୧୫ ଦିନ ମଧ୍ୟରେ ଜଣାପଡିବ । ବିଭାଗ ପକ୍ଷରୁ ଇଂଟିଗ୍ରେଟେଡ୍ ସର୍ଭିଲାନ୍ସ କରାଯାଉଛି । ଯେଉଁଥିରେ ହେଲଥ ୱାର୍କର ମାନେ ବୁଲି ଲକ୍ଷଣ ଥିବା ବ୍ୟକ୍ତିମାନଙ୍କୁ ଖୋଜିବାହାର କରିବା ସହ ସେମାନଙ୍କ ଟେଷ୍ଟ କରାଉଛନ୍ତି।

# ମୃତିକା ସଂରକ୍ଷଣ ଓ ଜଳବିଭାଜିକା ଉନ୍ନୟନ ସମୀକ୍ଷା ବୈଠକ

ଭୁବନେଶ୍ୱର, (ପି.ଏନ): ମୃତିକା ସଂରକ୍ଷଣ ଓ ଜଳବିଭାଜିକା ଉନ୍ନୟନ ନିର୍ଦ୍ଦେଶାଳୟ ଦ୍ୱାରା କାର୍ଯ୍ୟକାରୀ ହେଉଥିବା ବିଭିନ୍ନ ଯୋଜନା ଓ କାର୍ଯ୍ୟକ୍ରମ ସମେତ ଆପିକଲ, ଓଡ଼ିଶା ରାଜ୍ୟ ବିହନ ନିଗମ, ଓଡ଼ିଶା କୃଷି ଶିଳ୍ପ ନିଗମ ସଂପର୍କରେ ଆଜି ଏକ ସମୀକ୍ଷା ବୈଠକ କୃଷି ଭବନଠାରେ ଅନୁଷ୍ଠିତ ହୋଇଯାଇଛି । କୃଷି ଓ କୃଷକ ସଶକ୍ତିକରଣ, ମତ୍ସ୍ୟ ଓ ପ୍ରାଣୀସଂପଦ ବିକାଶ ମନ୍ତ୍ରୀ ରଣେନ୍ଦ୍ର ପ୍ରତାପ ସ୍ୱାଇଁ ବୈଠକରେ ଯୋଜନାର ଅଗ୍ରଗତି ସଂପର୍କରେ ବିଶଦ ଭାବେ ଆଲୋଚନା କରିଥିଲେ । ମୃତ୍ତିକା ସଂରକ୍ଷଣ ଓ ଜଳବିଭାଜିକା ନିର୍ଦ୍ଦେଶାଳୟ ଦ୍ୱାରା କାର୍ଯ୍ୟକାରୀ ହେଉଥିବା ବିଭିନ୍ନ ଯୋଜନାଗୁଡ଼ିକର ଜିଲ୍ଲାୱାରୀ ଧାର୍ଯ୍ୟ ଲକ୍ଷ୍ୟ ଓ ସଫଳତାର ହାରର ବିବରଣୀ ଏବଂ ଅପ୍ରେଲରୁ ଜୁନ୍ ୨୦୨୨ ପର୍ଯ୍ୟନ୍ତ ତ୍ରୈମାସିକ ରିପୋର୍ଟ ଦାଖଲ କରିବା ପାଇଁ ନିର୍ଦ୍ଦେଶ ଦିଆଯାଇଥିଲା । ପରବର୍ତୀ ପର୍ଯ୍ୟାୟରେ କ୍ଷେତ୍ର ଅଧିକାରୀଙ୍କ ସହିତ ସିଧାସଳଖ ବୈଠକର ଆୟୋଜନ କରାଯିବ । ବୈଠକରେ ମହାତ୍ମା ଗାନ୍ଧୀ ଜାତୀୟ ଗ୍ରାମୀଣ ନିଶ୍ଚିତ କର୍ମନିଯୁକ୍ତି ଯୋଜନାରେ କାର୍ଯ୍ୟକାରୀ ହେଉଥିବା ବିଭିନ୍ନ ପ୍ରକଳ୍ପ ସଂପର୍କରେ ସମୀକ୍ଷା ହେବା ସହିତ ଫାର୍ମ ପଣ୍ଡଗୁଡ଼ିକର ବହୁମୁଖୀ ଉପଯୋଗିତା ଓ ସମନ୍ୱିତ କୃଷିକୁ ପ୍ରୋତ୍ସାହିତ କରିବା ଦିଗରେ ଜିଲ୍ଲା ସଦର ମହକୁମା ସ୍ତରରେ ପ୍ରତିମାସରେ କୃଷି, ମତ୍ସ୍ୟ, ପ୍ରାଣୀସଂପଦ ବିକାଶ, ମୃତ୍ତିକା ସଂରକ୍ଷଣ, ପଂଚାୟତିରାଜ, ମିଶନ ଶକ୍ତି ଓ ରାଜସ୍ୱ ବିଭାଗ ସହ ମିଳିତ ବୈଠକ କରି କାର୍ଯ୍ୟଖସଡ଼ା ପ୍ରସ୍ତୁତ କରିବା ପାଇଁ ବୈଠକରେ ଗୁରୁତ୍ୱାରୋପ କରାଯାଇଥିଲା । ବିଭାଗୀୟ ବରିଷ୍ଠ ଅଧିକାରୀ ଓ ଜିଲ୍ଲା ସ୍ତରର ଅଧିକାରୀଙ୍କ ଦ୍ୱାରା ବ୍ୟାପକ କ୍ଷେତ୍ର ପରିଦର୍ଶନ କରି ପ୍ରକଳ୍ପର ଅଗ୍ରଗତି ସଂପର୍କରେ ନିରୀକ୍ଷଣ କରିବା ପାଇଁ ନିର୍ଦ୍ଦେଶ ଦିଆଯାଇଥିଲା । ବୈଠକରେ ପ୍ରଧାନମନ୍ତ୍ରୀ କୃଷି ସିଂଚାଇ ଯୋଜନା, ରେନ୍‌ଫେଡ୍ ଏରିଆ ଡେଭଲପ୍‌ମେଂଟ, ଓଡ଼ିଶା ମିନେରାଲ ବିୟରିଂ ଏରିଆ ଡେଭଲପ୍‌ମେଂଟ କର୍ପୋରେସନ୍, ଜିଲ୍ଲା ଖଣିଜ ପାଣ୍ଠି ଏବଂ ରିୱାର୍ଡ ଯୋଜନାରେ କାର୍ଯ୍ୟକାରୀ ହେଉଥିବା ପ୍ରକଳ୍ପ ସଂପର୍କରେ ଆଲୋଚନା ହୋଇଥିଲା । ବୈଠକରେ ଅତିରିକ୍ତ ମୁଖ୍ୟ ଶାସନ ସଚିବ, କୃଷି ଓ କୃଷକ ସଶକ୍ତିକରଣ ସଂଜୀବ ଚୋପ୍ରା ଓ ମୃତ୍ତିକା ସଂରକ୍ଷଣ ଓ ଜଳବିଭାଜିକା ନିର୍ଦ୍ଦେଶକ ହେମନ୍ତ କୁମାର ପଣ୍ଡାଙ୍କ ସମେତ ଆପିକଲ, ଓଡ଼ିଶା ରାଜ୍ୟ ବିହନ ନିଗମ, ଓଡ଼ିଶା କୃଷି ଶିଳ୍ପ ନିଗମ, ଓଡ଼ିଶା କାଜୁ ଉନ୍ନୟନ ନିଗମର ପରିଚାଳନା ନିର୍ଦ୍ଦେଶକ ଓ ବିଭାଗୀୟ ବରିଷ୍ଠ ଅଧିକାରୀମାନେ ଯୋଗଦେଇଥିଲେ।

## କୃଷି ସଚିବଙ୍କୁ ଭେଟିଲେ କୃଷକ ମୋର୍ଚ୍ଚା ସଭାପତି

ଭୁବନେଶ୍ୱର,(ପି.ଏନ): ଭାରତୀୟ ଜନତା ପାର୍ଟି କୃଷକ ମୋର୍ଚ୍ଚାର ରାଜ୍ୟ ସଭାପତି ପ୍ରଦୀପ ପୁରୋହିତ ଆଜି ଭୁବନେଶ୍ୱର ସ୍ଥିତ ରାଜ୍ୟ କୃଷକ ଭବନରେ କୃଷି ଓ କୃଷକ ସଶକ୍ତିକରଣ ବିଭାଗର ସଚିବ ସଞ୍ଜିବ ଚୋପ୍ରାଙ୍କୁ ଭେଟି ବରଗଡ ଜିଲ୍ଲା ପଦ୍ମପୁର ସବଡିଭିଜନ ଗତ ୨୦୨୧ ବର୍ଷର ପ୍ରଧାନମନ୍ତ୍ରୀ ଫସଲବୀମା ଟଙ୍କା ତୁରନ୍ତ ଚାଷୀମାନଙ୍କୁ ପ୍ରଦାନ କରିବା ପାଇଁ ଏକ ଦାବିପତ୍ର ପ୍ରଦାନ କରିଛନ୍ତି। ଏଠାରେ ଦାବିପତ୍ର ପ୍ରଦାନ ସମୟରେ ବିଜେପି କୃଷକ ମୋର୍ଚ୍ଚାର ରାଜ୍ୟ ଉପସଭାପତି ଶ୍ରୀରଞ୍ଜନ ମଙ୍ଗରାଜ, ରାଜ୍ୟ କୋଷାଧ୍ୟକ୍ଷ ବିଶ୍ୱଜିତ ସ୍ୱାଇଁ ଉପସ୍ଥିତ ରହିଥିଲେ।
ପ୍ରକାଶଯୋଗ୍ୟ ଯେ, ଗତ ୨୦୨୧ବର୍ଷ ପାଇଁ ବରଗଡ଼ ଜିଲ୍ଲାରେ ଚାଷୀମାନେ ପଞ୍ଜୀକୃତ କରିଥିବା ପ୍ରଧାନମନ୍ତ୍ରୀ ଫସଲବୀମାରୁ ଏଚଡିଏଫସି ବୀମା କମ୍ପାନୀ ବେଆଇନଭାବେ ୭୦ହଜାରରୁ ଅଧିକ ଚାଷୀଙ୍କ ବୀମା ରେଜିଷ୍ଟ୍ରେସନକୁ ବାତିଲ କରିଦେଇଛି। ବରଗଡ ଜିଲ୍ଲାର ରାଜବୋଡା ସମ୍ବର କୃଷକ ସଂଗଠନ ଦ୍ୱାରା ବାରମ୍ବାର ଆନ୍ଦୋଳନ ପରେ ଜିଲ୍ଲା ପ୍ରଶାସନ କୃଷକମାନଙ୍କ ସହ ଆଲୋଚନା କରି ଚାଷୀଙ୍କୁ ବୀମାଟଙ୍କା ପ୍ରଦାନ କରାଯିବ ବୋଲି ବାରମ୍ବାର ପ୍ରତିଶ୍ରୁତି ଦେଉଥିବାବେଳେ ଆଜି ଯାଏଁ ଚାଷୀମାନେ ବୀମାଟଙ୍କା ପାଇଲେ ନାହିଁ। ରାଜ୍ୟ ସରକାର ତୁରନ୍ତ ଏ ଦିଗରେ ପଦକ୍ଷେପ ନେବାକୁ ଶ୍ରୀ ପୁରୋହିତ ଦାବୀ କରିଛନ୍ତି ।

# ଆଇସିସିଆର କାର୍ଯ୍ୟାଳୟ କୋଲକତାରୁ ଭୁବନେଶ୍ୱରକୁ ସ୍ଥାନାନ୍ତର ନହେଲେ ପ୍ରେରଣା ପକ୍ଷରୁ ଜୋରଦାର ଆନ୍ଦୋଳନ ହେବ

ଭୁବନେଶ୍ୱର, (ପି.ଏନ): ରାତି ଅଧରେ ଆସିସିଆର କାର୍ଯ୍ୟାଳୟ ଭୁବନେଶ୍ୱର ପଳାସପଲ୍ଲୀରୁ କୋଲକତାକୁ ସ୍ଥାନାନ୍ତର ହୋଇଯାଇଛି। ଏହାଦ୍ୱାରା ଓଡ଼ିଶାର କଳା, ସଂସ୍କୃତି ବିଶ୍ୱ ଦରବାରରେ ପ୍ରଚାର ଓ ପ୍ରସାର ଘଟିବାରେ ବ୍ୟାଘାତ ସୃଷ୍ଟି ହେବ। ସେହିପରି ସାଂସ୍କୃତିକ ଭାବ ବିନିମୟ ଓ ଓଡ଼ିଶାର ସଂସ୍କୃତି ସମ୍ପର୍କରେ ଗବେଷଣା କରିବାକୁ ଆସୁଥିବା ଗବେଷକମାନେ ଏଥିରୁ ବଂଚିତ ହେବେ। ସେଥିପାଇଁ ଭୁବନେଶ୍ୱରରୁ କୋଲକତାକୁ ଆଇସିସିଆର କାର୍ଯ୍ୟାଳୟ ସ୍ଥାନାନ୍ତର ନ ହେବା ପାଇଁ ବିଗତ ଦିନରୁ ସାମାଜିକ ଓ ସାଂସ୍କୃତିକ ଅନୁଷ୍ଠାନ ପ୍ରେରଣା ପକ୍ଷରୁ ଧାରଣା, ପ୍ରତିବାଦ ସଭା ଓ ଶୋଭାଯାତ୍ରା ଆଦି କରାଯାଇଥିଲା। ଏଥିସହିତ ଏହି କାର୍ଯ୍ୟାଳୟ ସ୍ଥାନାନ୍ତର ନ କରିବାକୁ କେନ୍ଦ୍ର ସରକାର ଓ ରାଜ୍ୟ ସରକାରଙ୍କ ନିକଟରେ ଦାବି ଉପସ୍ଥାପନ କରାଯାଇଥିଲା। ଏହାସତ୍ତ୍ୱେ ଓଡ଼ିଶାର କଳା, ସଂସ୍କୃତିର ପ୍ରସାର ଓ ପ୍ରଚାର ପ୍ରତି ଦୃଷ୍ଟି ନଦେଇ ଉଭୟ ସରକାରଙ୍କ ଖାମଖିଆଲ ମନୋଭାବ ଯୋଗୁ ଗତକାଲି ଏହି କାର୍ଯ୍ୟାଳୟ ରାତି ଅଧରେ କୋଲକତାକୁ ସ୍ଥାନାନ୍ତର ହୋଇଯାଇଛି। ତେଣୁ ଏହା ଓଡ଼ିଶାର ବିଭିନ୍ନ ସାଂସ୍କୃତିକ ସଂଗଠନ, ସଂସ୍କୃତିପ୍ରେମୀ ଓ ସଂସ୍କୃତି ଗବେଷକମାନଙ୍କ ମାନରେ କ୍ଷୋଭ ସୃଷ୍ଟି କରିଛି ।ଏ ଦୃଷ୍ଟିକୋଣରୁ ଆଇସିସିଆର କାର୍ଯ୍ୟାଳୟକୁ ଯଥାଶୀଘ୍ର ପୁନର୍ବାର କୋଲକତାରୁ ଭୁବନେଶ୍ୱରକୁ ଫେରାଇ ଅଣାନଗଲେ ବିଭିନ୍ନ ସାଂସ୍କୃତିକ ସଂଗଠନ, ସଂସ୍କୃତିପ୍ରେମୀ ଓ ବିଭିନ୍ନ ବର୍ଗର କଳାକାରମାନଙ୍କୁ ନେଇ ପ୍ରେରଣା ପକ୍ଷରୁ ଆଗାମୀ ଦିନରେ ଜୋରଦାର ଆନ୍ଦୋଳନ ହେବ ବୋଲି ଏକ ପ୍ରେସ୍ ବିବୃତିରେ ପ୍ରେରଣାର ଅଧ୍ୟକ୍ଷ ତଥା ପୂର୍ବତନ ବିଧାୟକ ଡଃ ଦିଲ୍ଲୀପ ଶ୍ରୀଚନ୍ଦନ ଉଭୟ ସରକାରଙ୍କୁ ଚେତାବନୀ ଦେଇଛନ୍ତି। ଆଗାମୀ ଦିନରେ ଏହି ଆନ୍ଦୋଳନ ଯୋଗୁଁ ଯେଉଁ ଅପ୍ରୀତିକର ପରିସ୍ଥିତି ସୃଷ୍ଟି ହେବ, ସେଥିପାଇଁ ସରକାର ଦାୟୀ ରହିବେ ବୋଲି ଡଃ ଶ୍ରୀଚନ୍ଦନ କହିଛନ୍ତି। ଓଡ଼ିଶାର ସଂସ୍କୃତି ଓଡ଼ିଆ ଜାତିର ଗାରିମାମୟ ଐତିହ୍ୟ ଓ ପରମ୍ପରାକୁ ବିଶ୍ୱ ଦରବାରରେ ପ୍ରଚାର ଓ ପ୍ରସାର କରିବା ପାଇଁ ସରକାର ଏହି ଘଟଣାକୁ ଗୁରୁତର ସହ ବିଚାର କରି ଉପଯୁକ୍ତ ପଦକ୍ଷେପ ଗ୍ରହଣ କରନ୍ତୁ, ନଚେତ୍ ଯଥାଶୀଘ୍ର ଜୋରଦାର ଆନ୍ଦୋଳନ ହେବ ବୋଲି ଡଃ ଶ୍ରୀଚନ୍ଦନ କହିଛନ୍ତି।

# ଦୁତିପଡା ଏଏନଏମଙ୍କ ବିରୁଦ୍ଧରେ ଦାବିପତ୍ର ପ୍ରଦାନ

କନ୍ଧମାଳ,(ପିଏନ)- କନ୍ଧମାଳ ଜିଲା ଖଜୁରିପଡା ବ୍ଲକ ଅନ୍ତର୍ଗତ ଦୂତିପଡ଼ା ଗ୍ରାମ ପଂଚାୟତରେ ଥିବା ଉପ ସ୍ୱାସ୍ଥ୍ୟକେନ୍ଦ୍ରର ଏଏନଏମଙ୍କ ମନମୁଖୀ କାର୍ଯ୍ୟକୁ ନେଇ ଅଂଚଳବାସୀ ଏକ ଅଭିଯୋଗ ପତ୍ର ଜିଲା ପ୍ରଶାସନକୁ ପ୍ରଦାନ କରିଛନ୍ତି । ସେମାନେ ଦେଇଥିବା ଅଭିଯୋଗ ଅନୁସାରେ, ଉକ୍ତ ସ୍ୱାସ୍ଥ୍ୟକେନ୍ଦ୍ର ଉପରେ ଦୁତିପଡା ଏବଂ ଆଖପାଖର ଶତାଧିକ ଲୋକ ନିର୍ଭର କରୁଛନ୍ତି । ହେଲେ ସେହି କେନ୍ଦ୍ରର ଦାୟୀତ୍ୱରେ ଥିବା ଏ.ଏନ.ଏମ ନିୟମିତ ନ ଆସିବାରୁ ମାସର ଅଧିକାଂଶ ସମୟ ଉକ୍ତ ଉପସ୍ୱାସ୍ଥ୍ୟକେନ୍ଦ୍ରରେ ତାଲା ଝୁଲୁଛି। ଉକ୍ତ ଉପସ୍ୱାସ୍ଥ୍ୟ କେନ୍ଦ୍ରରେ ଥିବା ଏଏନଏମ୍ ପ୍ରଭାସିନି ନାୟକଙ୍କ ମନମୁଖୀ କାର୍ଯ୍ୟରେ ଅଂଚଳବାସୀ ଅତିଷ୍ଠ ହୋଇ ଜିଲାପାଳ ଓ ଜିଲା ଅତିରିକ୍ତ ଚିକିତ୍ସା ଅଧିକାରୀଙ୍କୁ ଏକ ଲିଖିତ ଅଭିଯୋଗ ଦେଇଛନ୍ତି । ଅଭିଯୋଗ ପ୍ରକାରେ, ଏଏନଏମ୍ ଜଣକ ନିୟମିତ ଭାବେ କାର୍ଯ୍ୟକୁ ଆସୁନଥିବାରୁ ସେହି ଉପସ୍ୱାସ୍ଥ୍ୟ କେନ୍ଦ୍ର ଉପରେ ନିର୍ଭର କରୁଥିବା ଲୋକେ ସଠିକ୍ ସମୟରେ ସ୍ୱାସ୍ଥ୍ୟ ସେବା ନ ପାଇ ସମସ୍ୟାରେ ପଡୁଛନ୍ତି । ଫଳରେ ସେମାନଙ୍କୁ ଫୁଲବାଣୀ ମୁଖ୍ୟ ଚିକିତ୍ସାଳୟ କିମ୍ବା ଖଜୁରିପଡ଼ା ଗୋଷ୍ଠି ସ୍ୱାସ୍ଥ୍ୟକେନ୍ଦ୍ରକୁ ଯିବାକୁ ପଡୁଛି । ନିଜ ଗାଁରେ ଏହି ସ୍ୱାସ୍ଥ୍ୟକେନ୍ଦ୍ରଟି ଥିଲେ ମଧ୍ୟ ସେମାନେ ଅଯଥା ଖର୍ଚ୍ଚାନ୍ତ ହେଉଛନ୍ତି । ବିଭିନ୍ନ ସମୟରେ ଗର୍ଭବତୀ, ନବଜାତ ଶିଶୁ ଓ ପ୍ରସୂତିମାନେ ଅନେକ ସମୟରେ ସେବା ପାଇବାରୁ ବଂଚିତ ହେଉଛନ୍ତି । ଏନେଇ ଏଏନଏମଙ୍କ କହିଲେ ମିଥ୍ୟା କେସ୍ ଦେଇ ଲୋକଙ୍କୁ ହଇରାଣ କରୁଥିବା ମଧ୍ୟ ଅଭିଯୋଗ ପତ୍ରରେ ଦର୍ଶାଯାଇଛି । ଏ ଦିଗରେ ଜିଲା ପ୍ରଶାସନ ତଦନ୍ତ କରି କାର୍ଯ୍ୟାନୁଷ୍ଠାନ ପାଇଁ ମଧ୍ୟ ଅ□ଳବାସୀ ଦାବିକରିଛନ୍ତି ।

# ରାଜ୍ୟ ଓ ରାଜ୍ୟବାସୀଙ୍କ ପ୍ରମୁଖ ସମସ୍ୟାକୁ ବିଧାନସଭାରେ ଉଠାଇବ ବିଜେପି

ଭୁବନେଶ୍ୱର, (ପି.ଏନ): ରାଜ୍ୟରେ ଆଇନ ଶୃଙ୍ଖଳା ପରିସ୍ଥିତି ଅଣାୟତ। ଚାଷ, ବିଜୁଳି ସମସ୍ୟା, ଜଳସେଚନ, ହାତୀ ମୃତ୍ୟୁ, ବେକାରୀ ଓ ବେରୋଜଗାର, ଦାଦନ, ଶିକ୍ଷା ଓ ସ୍ୱାସ୍ଥ୍ୟ ସମସ୍ୟା, ଶିଶୁ ମୃତ୍ୟୁହାର ରୋକ ସମେତ ସମସ୍ତ କ୍ଷେତ୍ରରେ ବିଫଳ ହୋଇଛନ୍ତି ରାଜ୍ୟ ସରକାର। ଦାରିଦ୍ର୍ୟ କ୍ଷେତ୍ରରେ ଓଡ଼ିଶା ତୃତୀୟ ନମ୍ବରରେ ରହିଛି କିନ୍ତୁ ୨୫ବର୍ଷ ଶାସନରେ ରହି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଓଡ଼ିଶାବାସୀଙ୍କୁ ମିଥ୍ୟା ସ୍ୱପ୍ନ ଦେଖାଇ ଭଣ୍ଡାଉଛନ୍ତି। ବିଦେଶ ଗସ୍ତରେ ଯାଇ ମୁଖ୍ୟମନ୍ତ୍ରୀ ପୁଞ୍ଜିର ବିକାଶ କରିବେ ବୋଲି ଓଡ଼ିଶାବାସୀଙ୍କୁ ଯେଉଁ କାହାଣୀ ଶୁଣାଇଛନ୍ତି ତାହାକୁ ନେଇ ବିଜେପି ବିଧାନସଭାରେ ପ୍ରଶ୍ନ ଉଠାଇବ ବୋଲି ବିରୋଧୀ ଦଳ ମୁଖ୍ୟ ସଚେତକ ମୋହନ ମାଝୀ କହିଛନ୍ତି ।ଶନିବାର ଠାରୁ ମୌସୁମୀ ବିଧାନସଭା ଅଧିବେଶନ ଆରମ୍ଭ ହେବା ପୂର୍ବରୁ ବିଜେପି ବିଧାୟକ ଦଳ ବୈଠକ ରାଜ୍ୟ କାର୍ଯ୍ୟାଳୟରେ ଅନୁଷ୍ଠିତ ହୋଇଥିଲା। ରାଜ୍ୟ ଏବଂ ରାଜ୍ୟବାସୀଙ୍କ ପ୍ରମୁଖ ସମସ୍ୟାକୁ ମୁଖ୍ୟ ପ୍ରସଙ୍ଗ କରାଯିବ । ରାଜ୍ୟର ୯୨ଲକ୍ଷ ବିଦ୍ୟୁତ ଉପଭୋକ୍ତାଙ୍କୁ ପ୍ରତାରଣା କରିଛନ୍ତି ରାଜ୍ୟ ସରକାର । ବିଜୁଳି ଉତ୍ପାଦନ କ୍ଷେତ୍ରରେ ଓଡିଶା ବଳକା ରାଜ୍ୟ ହୋଇଥିବା ସତ୍ତ୍ୱେ ଅନ୍ୟ ରାଜ୍ୟଗୁଡିକ ତୁଳନାରେ ବିଜୁଳି ଦର ବହୁ ଅଧିକ । ବିଦ୍ୟୁତ୍ ଦରବୃଦ୍ଧି ୮୦ ଭାଗ ଚାଷୀଙ୍କ ଜଳସେଚନକୁ ପ୍ରଭାବିତ କରୁଛି । ସର୍ବଭାରତୀୟ ସ୍ତରରେ ଚାଷୀଙ୍କ ଆୟ ୧୦୨୪୮ ଟଙ୍କା ହୋଇଥିବାବେଳେ, ଓଡିଶାରେ ଚାଷୀର ଆୟ ମାତ୍ର ୫୧୧୨ ଟଙ୍କା । ଧାନର ସର୍ବନିମ୍ନ ସହାୟକ ମୂଲ୍ୟ ୨୦୪୦ ଟଙ୍କାରେ ପହଂଚିଲାଣି । 'ଧାନମଣ୍ଡି ଓ ଟୋକନ ବ୍ୟବସ୍ଥା'କୁ ସଜାଡିବାରେ ବିଫଳ ହୋଇଛନ୍ତି ରାଜ୍ୟ ସରକାର । ପିଏମ କିଷାନ ଯୋଜନାରେ ରାଜ୍ୟର କୃଷକମାନେ ଆର୍ଥିକ ସହାୟତା ପାଇବାରେ ମୁଖ୍ୟ ବାଧକ ସାଜିଛନ୍ତି ରାଜ୍ୟ ସରକାର । ବିପର୍ଯ୍ୟସ୍ତ ଆଇନଶୃଙ୍ଖଳା, ଧ୍ୱଂସାଭିମୁଖୀ ଶିକ୍ଷା ବ୍ୟବସ୍ଥା, ଅସୁରକ୍ଷିତ ଜଙ୍ଗଲ ଏବଂ ହାତୀ ମୃତ୍ୟୁ ଆଜି ମୁଖ୍ୟ ଚିନ୍ତାର କାରଣ ସାଜିଛି । ତଥାପି ରାଜ୍ୟ ସରକାର ନୀରବ। ଏହା ଅତ୍ୟନ୍ତ ଦୁର୍ଭାଗ୍ୟଜନକ ବୋଲି ଶ୍ରୀ ମାଝୀ କହିଛନ୍ତି ।ବିରୋଧୀ ଦଳ ମୁଖ୍ୟ ସଚେତକ ମୋହନ ଚରଣ ମାଝୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ବୈଠକରେ ପୂର୍ବତନ ମନ୍ତ୍ରୀ ଡ.ମନମୋହନ ସାମଲ, ବିଧାୟକ ଜୟନାରାୟଣ ମିଶ୍ର, କୁସୁମ ଟେଟେ, ଲଲିତେନ୍ଦୁ ବିଦ୍ୟାଧର ମହାପାତ୍ର, ନାଉରୀ ନାୟକ, ଡ. ମୁକେଶ ମହାଲିଙ୍ଗ, ସୁକାନ୍ତ ନାୟକ, କେ.ନାରାୟଣ ରାଓ, ସୁବାଷ ପାଣିଗ୍ରାହି, ଡ.ବୁଧନ ମୁର୍ମୁ, ଇଂ.ଗଣେଶ ରାମ ଖୁଂଟିଆ, ସନାତନ ବିଜୁଳି, ପ୍ରକାଶ ସୋରେନ, ଭବାନି ଭୋଇ, ନବଚରଣ ମାଝି, ଓ ଗଣମାଧ୍ୟମ ମୁଖ୍ୟ ଦିଲ୍ଲୀପ ମଲ୍ଲିକ, ଗଣମାଧ୍ୟମ ସହମୁଖ୍ୟ ସୁଜିତ ଦାସ ଓ ଜୟନ୍ତ ଜେନା ପ୍ରମୁଖ ଉପସ୍ଥିତ ଥିଲେ।

# ସଭାପତି ଦାୟିତ୍ୱ ନେଲେ ଅଭିଜିତ୍, ଭଦ୍ରକ ରୋଟାରୀ କ୍ଲବର ବ୍ୟାପକ କାର୍ଯ୍ୟକ୍ରମ

ଭଦ୍ରକ,(ପି.ଏନ): ନୂତନ ରୋଟାରୀ ବର୍ଷ ଆରମ୍ଭରେ ଭଦ୍ରକ ରୋଟାରୀ କ୍ଲବ୍‌ର ସଭାପତି ଭାବରେ ଯୁବ ସଂଗଠକ ଅଭିଜିତ୍ ନାୟକ ଓ ସଂପାଦକ ଭାବରେ ମାଂଗିଲାଲ୍ ବଳଦେବା ଦାୟିତ୍ୱ ଗ୍ରହଣ କରିଛନ୍ତି। ଏହି ଅବସରରେ ରୋ. ଶିଶିର ମିଶ୍ର, ରୋ. ଅତିସ୍ ବେହେରା, ଇନ୍ଦ୍ରଜିତ୍ ସାହୁ, ଅଧ୍ୟାପକ ନାସିର ବକ୍ସ, ଗାଳ୍ପିକ ପବିତ୍ର ପାଣିଗ୍ରାହୀ, ଇଂ. ବସନ୍ତ କୁମାର ପାଣିଗ୍ରାହୀ, ଅମ୍ବିକା ବଲ୍ଲଭ ସ୍ୱାଇଁ, ରୋ. ବିଜୟ ସାହୁ ପ୍ରମୁଖ ନୂତନ ସଭାପତି ଓ ସଂପାଦକଙ୍କୁ ଶୁଭେଚ୍ଛା ଜଣାଇଥିଲେ। ପ୍ରଥମ କାର୍ଯ୍ୟଦିବସଟି ପବିତ୍ର ରଥଯାତ୍ରାରେ ଆରମ୍ଭ ହୋଇଥିବାରୁ ଭଦ୍ରକ ରୋଟାରୀ କ୍ଲବ୍ ତରଫରୁ ବ୍ୟାପକ କାର୍ଯ୍ୟକ୍ରମର ଆୟୋଜନ କରାଯାଇଥିଲା। ସର୍ବପ୍ରଥମେ ସଦସ୍ୟମାନେ କ୍ଲବର ପ୍ରତିଷ୍ଠାତା ସଭାପତି ରାଖାଲ ଚନ୍ଦ୍ର ଦାସ ଓ ପ୍ରକାଶ ଚନ୍ଦ୍ର ଦାସଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରିଥିଲେ। ପରେ ସଦସ୍ୟମାନେ ରକ୍ତଭଣ୍ଡାରକୁ ଯାଇ ରକ୍ତଦାନ କରିଥିଲେ। ବଳାଜିତ୍‌ପଡା ଜଗନ୍ନାଥ ମନ୍ଦିର ପରିସରରେ ବୃକ୍ଷରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା ଏବଂ କ୍ଲବ ପକ୍ଷରୁ ମନ୍ଦିରକୁ ଏକ ଇନ୍‌ଭର୍ଟର ସେଟ୍ ପ୍ରଦାନ କରାଯାଇଥିଲା। ପରେ ବାଇପାସ ସ୍ଥିତ କ୍ଲବ ସଭାଗୃହରେ ଚାର୍ଟାର୍ଡ ଆକାଉଣ୍ଟାଣ୍ଟ ଦିବସ ପାଳିତ ହୋଇଥିଲା। ରୋ. ବିଚିତ୍ରାନନ୍ଦ ଦାସଙ୍କ ଦ୍ୱାରା ପରିଚାଳିତ ଏହି ସଭାରେ ଚାର୍ଟାର୍ଡ ଆକାଉଣ୍ଟାଣ୍ଟ କରଣ କେଜରିୱାଲ୍, ଅନୀଲ ଡିଡ୍‌ୱାନିଆ, ରାଜା ଫୋଗଲା ଓ ଅକ୍ଷୟ ନାରାୟଣ ଦତ୍ତଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଅପରାହ୍ନରେ କ୍ଲବ୍ ପକ୍ଷରୁ ଜଗନ୍ନାଥପୁର ରଥଯାତ୍ରାରେ ପ୍ରସାଦ ସେବନର ଆୟୋଜନ କରାଯାଇଥିଲା। ପାଂଚଶହରୁ ଊର୍ଦ୍ଧ୍ୱ ଶ୍ରଦ୍ଧାଳୁ ଏହି ପ୍ରସାଦ ସେବନରେ ଅଂଶଗ୍ରହଣ କରିଥିଲେ। ରାତିରେ ସାଲନ୍ଦୀ ହସ୍‌ପିଟାଲ ପରିସରରେ କ୍ଲବ୍ ପକ୍ଷରୁ "ଡକ୍ଟରସ୍ ଡେ" ପାଳିତ ହୋଇଥିଲା। ଦିବସବ୍ୟାପି ଏହି କାର୍ଯ୍ୟକ୍ରମକୁ ରୋ. ପ୍ରଣବ କୁମାର ସାହୁ, ରୋ. ବାଦଲ ମହାପାତ୍ର, ରୋ. ଶାନ୍ତିସ୍ୱରୂପ ମିଶ୍ର, ସନ୍ତୋଷ କୁମାର ନାୟକ, ରୋ. ପ୍ରମୋଦ କୁମାର ଜେନା, ସୀତାକାନ୍ତ ଦାସ, ଅନୀମା ନାୟକ ପ୍ରମୁଖ ଉପସ୍ଥିତି ରହି ପରିଚାଳନା କରିଥିଲେ।

# ଆସିଆନା ପକ୍ଷରୁ ପ୍ରେମି ଯୁଗଳଙ୍କ ବିବାହ

ଭଦ୍ରକ,(ପି.ଏନ): ସୋସାଇଟି ଫର ଉଇକର କମିଟି (ଆସିଆନା) ଦ୍ୱାରା ପରିଚାଳିତ ଆସିଆନା ସ୍ୱଧାର ଗୃହର ଅନ୍ତେବାସିନୀ ନିଜ ପ୍ରେମିକ ସହ ଲୋକନାଥ ମନ୍ଦିରରେ ବିବାହ କରାଯାଇଥିଲା। ପ୍ରକାଶ ଥାଉକି, ତିହିଡି ଥାନା ଅଧିନସ୍ଥ ହାଟୁଆରୀ ଗ୍ରାମର ଅଜୟ କୁମାର ଦାସଙ୍କ ଝିଅ ପ୍ରତିଭା ଦାସ (୧୯) ଦୀର୍ଘ ୨ବର୍ଷ ହେବ ଗୋରାମାଟି ଗ୍ରାମର ରଘୁନାଥ ମହାଳିକଙ୍କ ପୁତ୍ର ଗୌତମ ସହ ପ୍ରେମ ସଂପର୍କ ଗଢ଼ି ଉଠିଥିଲା। ପ୍ରତିଭା ନାବାଳିକା ହୋଇଥିବାରୁ ତା' ପରିବାର ଲୋକେ ପ୍ରତିବାଦ କରି ଆସୁଥିଲେ। ପ୍ରତିଭା ତା' ପ୍ରେମିକଙ୍କୁ ବାହା ହେବା ଯିଦ୍ ଧରିବାରୁ ତା' ଘରଲୋକେ ତାକୁ ଶାରୀରିକ ନିର୍ଯ୍ୟାତନା ଦେଉଥିଲେ। ସେ ନିର୍ଯ୍ୟାତନ ସହି ନପାରି ପ୍ରେମିକ ଗୌତମ ଘରକୁ ଲୁଚି ପଳାଇଯାଇଥିଲା। ପ୍ରେମିକ ଗୌତମ ଘରେ ଦୀର୍ଘ ୪ମାସ ରହିଥିଲା। ଝିଅକୁ ନପାଇ ପ୍ରତିଭାର ବାପା ତିହିଡି ଥାନାରେ ନିଖୋଜ ବାବଦରେ ଏକ ଏତଲା ଦାୟର କରିଥିଲେ। ତିହିଡି ପୋଲିସ ପ୍ରତିଭାକୁ ଉଦ୍ଧାର କରି କୋର୍ଟରେ ହାଜର କରିଥିଲେ। ପ୍ରତିଭା ନିଜ ଘରକୁ ଫେରିବା ନେଇ ରାଜି ନହେବାରୁ ଜିଲ୍ଲା ଶିଶୁ ମଙ୍ଗଳ କମିଟିରେ ହାଜର କରିଥିଲେ। କମିଟିର ନିର୍ଦ୍ଦେଶକ୍ରମେ ପ୍ରତିଭାକୁ ଆସିଆନା ମୁକ୍ତାଶ୍ରୟ କେନ୍ଦ୍ରରେ ଆଶ୍ରୟ ଦିଆଯାଇଥିଲା। ଗତ ତା୧୦.୦୨.୨୦୨୨ରିଖରେ ପ୍ରତିଭାକୁ ୧୮ବର୍ଷ ହେବାରୁ ତାକୁ ଆସିଆନା ସ୍ୱଧାର ଗୃହକୁ ସ୍ଥାନାନ୍ତର କରାଯାଇଥିଲା। ଆସିଆନାରେ ପ୍ରତିଭାକୁ କାଉନସିଲ କରିବାପରେ ପ୍ରତିଭା ନିଜ ପ୍ରେମିକ ଗୌତମ ସହ ବିବାହ କରିବା ପାଇଁ କହିଥିଲା। ପରେ ଆସିଆନା ଦ୍ୱାରା ଉଭୟ ପକ୍ଷଙ୍କୁ ପତ୍ର ମାଧ୍ୟମରେ ଡକାଯାଇଥିଲା। ଗୌତମଙ୍କ ପରିବାର ଧାର୍ଯ୍ୟ ତାରିଖରେ ଆସିଆନାରେ ହାଜର ହେବା ସହ ପ୍ରତିଭାକୁ ବହୂ କରିନେବା ପାଇଁ ସହମତି ଦେଇଥିଲେ। କିନ୍ତୁ ପ୍ରତିଭାଙ୍କ ବାପା ଆସିନଥିଲେ। ପରେ ପ୍ରତିଭାର ବାପା ଆସିଆନାକୁ ଆସି ମୌଖିକ ଭାବେ କହିଗଲେ ଯେ ତାଙ୍କ ଝିଅ ନିଜ ଇଚ୍ଛାରେ ବିବାହ କଲେ ତାଙ୍କର କିଛି ଆପତ୍ତି ରହିବ ନାହିଁ। ଜିଲ୍ଲା ଶିଶୁ ମଙ୍ଗଳ କମିଟିର ଅଧ୍ୟକ୍ଷ ଡ. ସୁର୍ଦଶନ ବାରିକ, ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ ବିଜୟ କେତନ ସାହୁ, ଆସିଆନାର ସଂପାଦିକା ସୋଫିଆ ସେକ, ପରାମର୍ଶଦାତ୍ରୀ ଅନିମା ପଣ୍ଡା, ସଂଯୋଜକ ରିଆଜ ଅହମ୍ମଦ ଏବଂ ପ୍ରେମିକ ଗୌତମର ପରିବାର ସଦସ୍ୟ ଉପସ୍ଥିତିରେ ମନ୍ଦିରରେ ବିବାହ ସଂପନ୍ନ ହୋଇଥିଲା।




2021-2022

ADMISSION OPEN

Maharishi Public School, Baripada

STD-NURSERY TO VIII

ENROLL YOUR CHILD TODAY

(Special discount for new admission before 15.03.2021)

Find the Difference
- Small Classes
- Experienced, trained & loving teachers.
- Individual attention to each child.
- Regular meditation and yoga.
- Unique exam system, evaluation & Principles etc.

25% reservition as per RTE Act (2009)

MAHARISHI PUBLIC SCHOOL
Baghra Road, Baripada
For details
Contact :
Call-9438102188, 06792-255227
Time : 8.00 A.M. to 12.00 noon
E-mail- mps.bpd@gmail.com
Find us on
Facebook.com/Mps, Baripada




Bhubaneswar Monday July 04, 2022 ଭୁବନେଶ୍ୱର ସୋମବାର, ଜୁଲାଇ ୦୪,୨୦୨୨ Daily Edition : R.N.I.No: ODIODI /1999/00717 Postal Regd. No: BN/57/18-20 www.paryabekhyak.com 

# ଜିଲ୍ଲା ପ୍ରେସ କ୍ଲବ ଓ ସମାଜ ପକ୍ଷରୁ ଗରିବ ଅସହାୟଙ୍କୁ ଛତା ପ୍ରଦାନ

ଫୁଲବାଣୀ :ପଣ୍ଡିତ ଉତ୍କଳମଣି ଗୋପବନ୍ଧୁ ଦାସ ଙ୍କ ଚ଼ଉରା ନବେ ତମ ପୁଣ୍ୟ ତିଥି ଅବସରରେ ସମାଜ ପକ୍ଷରୁ ଗତ ୨୯ ତାରିଖ ରୁ ଆରମ୍ଭ ହୋଇଥିବା ସେବା ସପ୍ତାହ ଅବସରରେ ୩ ତାରିଖ ରବିବାର ଅପରାହ୍ନ ୫ଟା ରେ ଫୁଲବାଣୀ ସହର ର ନୂଆସାହି ଛକ ସ୍ଥିତ ଦଧିବାମନ ମନ୍ଦିର ପ୍ରାଙ୍ଗଣ ରେ କିଛି ଗରିବ ଅସହାୟ ଲୋକଙ୍କୁ ସମାଜ ଓ ପ୍ରେସ କ୍ଲବ ପକ୍ଷରୁ ବର୍ଷାଦିନ ଯୋଗୁଁ ଛତା ପ୍ରଦାନ କରାଯାଇଥିଲା । ଏଥିରେ ପ୍ରେସ କ୍ଲବ ସଭାପତି ସୁନୀଲ ପଟନାୟକ, ସମାଜ ଜିଲ୍ଲା ପ୍ରତିନିଧି ଅଶୋକ ମହାନ୍ତି, ବରିଷ୍ଠ ସାମ୍ବାଦିକ ସନ୍ତୋଷ ଦିଗାଲ, ରାଧାମୋହନ ମହାପାତ୍ର, , ଅଚ୍ୟୁତ ସେଠି,ଟିମ ହ୍ୟୁମାନୀଟି ରପ୍ରଶାନ୍ତ ପାଣିଗ୍ରାହୀ, ଅନୁପ ବିକ୍ରମ ପାତ୍ର ସାଇରାମ ପାତ୍ର, ଗୌର ଚ଼ନ୍ଦ୍ର ସାହୁସୁଧୀର ମହାରଣା ପ୍ରମୁଖ ଉପସ୍ଥିତ ରହି ଛତା ବଣ୍ଟନ କରିଥିଲେ ।ବର୍ଷା ଦିନ ରେ ଛତା ସେମାନ ଙ୍କୁ ଯିବା ଆସିବା ରେ ବହୁତ ସାହାଯ୍ୟ କରିବ ବୋଲି କହିବା ସହ ଛତା ଟିଏ ପାଇବା ପରେ ସେମାନଙ୍କ ମୁହଁରେ ହସ ବେଶ ବାରି ହୋଇପଡୁଥିଲା ଆଉ ସମାଜ ସଂସ୍ଥା ସହ ଜିଲ୍ଲା ପ୍ରେସ କ୍ଲବ ର ଉଜ୍ଜ୍ୱଳ ଭବି ଷ୍ୟତ କାମନା କରିବାସହ ଏଭଳି କାର୍ଯ୍ୟକ୍ରମ କୁ ଭୁରି ଭୁରି ପ୍ରଶଂସା କରିଥିଲେ ।




## ଗଡକୁଜଙ୍ଗ ରଥଯାତ୍ରାରେ ଜେ.ଏସ୍.ଡବ୍ଲ୍ୟୁ ପକ୍ଷରୁ ପାନୀୟ ଜଳ ଓ ମାସ୍କ ବଣ୍ଟନ

ପାରାଦୀପ,(ପି.ଏନ): ସୁଭଦ୍ରା କ୍ଷେତ୍ର ଗଡକୁଜଙ୍ଗର କୁଂଜବିହାରୀ ପୀଠରେ ପରମ୍ପରା ଅନୁଯାୟୀ ବସି ରଥ ହୋଇଥାଏ । ପୁରୀ ରଥଯାତ୍ରା ପରଦିନ ଗଡକୁଜଙ୍ଗରେ ରଥଯାତ୍ରା ଅନୁଷ୍ଠିତ ହୋଇଥାଏ । ଚଳିତ ବର୍ଷ ଗଡକୁଜଙ୍ଗ ରଥଯାତ୍ରା ଦେଖିବା ପାଇଁ ଭକ୍ତମାନଙ୍କର ପ୍ରବଳ ସମାଗମ ହୋଇଥିଲା । ଏହାକୁ ଦୃଷ୍ଟିରେ ରଖି ଜେ.ଏସ୍.ଡବ୍ଲ୍ୟୁ ପକ୍ଷରୁ ରଥଦାଣ୍ଡରେ ପାନୀୟ ଜଳ ବଣ୍ଟନ ବ୍ୟବସ୍ଥା କରାଯାଇଥିଲା । ଏଥି ସହିତ ରଥଯାତ୍ରାରେ ମାସ୍କ ପରିଧାନ କରିବାକୁ ସରକାର ନିର୍ଦ୍ଦେଶମାନ ଘୋଷଣା କରିଥିଲେ । ଏହାକୁ ପାଳନ କରିବା ପାଇଁ ମଧ ଜେ.ଏସ୍.ଡବ୍ଲ୍ୟୁ ପକ୍ଷରୁ ଭକ୍ତମାନଙ୍କୁ ମାସ୍କ ବଣ୍ଟନ କରାଯାଇଥିଲା ।

## ଭାରସାମ୍ୟ ହରାଇ ବିଲକୁ ଖସିଲା ବସ,୨୦ରୁ ଊର୍ଦ୍ଧ୍ୱ ଆହତ,୬ଗୁରୁତର

ଖୋର୍ଦ୍ଧା,(ପିଏନ): ଆଜି ପୂର୍ବାହ୍ନରେ ଖୋର୍ଦ୍ଧା ଜିଲ୍ଲା ବାଘମାରି-କଣ୍ଟିଲୋ ୪୮ ନମ୍ବର ଜାତୀୟ ରାଜପଥର ଶିମୋର ନିକଟରେ ଶ୍ରୀ ଲିଙ୍ଗରାଜ ନାମକ ଏକ ଯାତ୍ରୀବାହୀ ବସ ବାଙ୍କୀରୁ ଭୁବନେଶ୍ୱର ଅଭିମୁଖ ଯାଉଥିବା ସମୟରେ ଭାରସାମ୍ୟ ହରାଇ ଡାହାଣ ପାର୍ଶ୍ୱରେ ଥିବା ବିଲ ଭିତରକୁ ପଶି ଯାଇଥିଲା । ଏଥିରେ ୨୦ ରୁ ଉର୍ଦ୍ଧ୍ୱ ଯାତ୍ରୀ ଆହତ ହୋଇଥିବା ବେଳେ ୬ ଜଣ ଗୁରୁତର ଆହତ ହୋଇ ବେଗୁନିଆ ଅଗ୍ନିଶମ ବିଭାଗ ଓ ୧୦୮ ଆମ୍ବୁଲାନ୍ସ ଯୋଗେ ଖୋର୍ଦ୍ଧା ମୁଖ୍ୟ ଚ଼ିକିତ୍ସାଳୟରେ ପ୍ରାଥମିକ ଚ଼ିକିତ୍ସା ପାଇଁ ଭର୍ତ୍ତି କରାଯାଇଛି ।ବାଘମାରି ଥାନା ପୋଲିସ ପହଁଚ଼ି ଟ୍ରାଫିକ ନିୟନ୍ତ୍ରଣ କରିବା ସହ ଶାନ୍ତି ଶୃଙ୍ଖଳା ରକ୍ଷା କରିବାରେ ସହଯୋଗ କରିଥିଲେ ।




## ପୁରୀ ରଥଯାତ୍ରାରେ ଶ୍ରଦ୍ଧାଳୁଙ୍କ ପାଇଁ ଏକ ଡିଜିଟାଲ 'ଦର୍ଶନ' ଅନୁଭୂତି ଆରମ୍ଭ କରିଛି ଆଶୀର୍ବାଦ ଅଟା

ଭୁବନେଶ୍ୱର,(ପି.ଏନ): ଓଡିଶାର ଅଗ୍ରଣୀ ପ୍ୟାକେଜ୍ଡ ଅଟା ବ୍ରାଣ୍ଡ, ଆଇଟିସିର ଆଶୀର୍ବାଦ ଅଟା ଓଡିଶାର ସବୁଠାରୁ ଲୋକପ୍ରିୟ ଓ ପ୍ରସିଦ୍ଧ ପର୍ବ, ପୁରୀ ରଥଯାତ୍ରାକୁ ପାଳନ କରିବା ପାଇଁ ପୁଣିଥରେ ଫେରିଛି । ପ୍ରତିବର୍ଷ ଲକ୍ଷ ଲକ୍ଷ ଭକ୍ତ ଭଗବାନଙ୍କ ଏକ ଝଲକ ପାଇବା ପାଇଁ ରଥଯାତ୍ରାରେ ଯୋଗ ଦେବା ପାଇଁ ଏକତ୍ରିତ ହୋଇଥାନ୍ତି । ଭକ୍ତମାନେ ଯେପରି ଏକ ସ୍ମରଣୀୟ ଅନୁଭୂତି ପାଇବେ ତାହା ସୁନିଶ୍ଚିତ କରିବା ପାଇଁ ଏହି ବ୍ରାଣ୍ଡ ପକ୍ଷରୁ ଏକ ସୁନ୍ଦର ଭାବେ ସୁସଜ୍ଜିତ ମଂଚ ସ୍ଥାପନ କରାଯାଇଛି, ଏକ ସ୍ଥାପନା ଯାହା ଓଡିଶାର ସୁପ୍ରସିଦ୍ଧ ପଟ୍ଟଚିତ୍ର କଳାରେ ଅଳଙ୍କୃତ ହୋଇଛି, ଯାହାକି ଭକ୍ତମାନଙ୍କୁ ଏହି ସର୍ବପୁରାତନ ରଥଯାତ୍ରା ପାଇଁ ଏକ ନିକଟ ଦୃଶ୍ୟମାନ ସ୍ଥିତି ଓ ବ୍ୟକ୍ତିଗତ ପହଂଚ ପ୍ରଦାନ କରୁଛି ।ଏହି ଦୀର୍ଘ ୧୦ ଦିନର ପର୍ବ ସମୟରେ ଦେଶବ୍ୟାପୀ ଶ୍ରଦ୍ଧାଳୁମାନେ ପ୍ରଭୁ ଜଗନ୍ନାଥଙ୍କ ମନ୍ଦିରରୁ ଆରମ୍ଭ କରି ଗୁଣ୍ଡିଚା ମନ୍ଦିର ପର୍ଯ୍ୟ' ୨ କିଲୋମିଟର୍ ପର୍ଯ୍ୟନ୍ତ ଶୋଭାଯାତ୍ରାର ଏକ ଅଂଶ ହେବା ପାଇଁ ପୁରୀ ଗସ୍ତ କରିବେ । ଲକ୍ଷ ଲକ୍ଷ ଭକ୍ତ ଏକାଠି ହେଉଥିବାରୁ, ରଥ ଓ ଭଗବାନଙ୍କ ଏକ ଝଲକ ପାଇବା କଷ୍ଟକର ହୋଇପଡିଥାଏ । ତେଣୁ ରଥଯାତ୍ରାରେ ଭକ୍ତମାନଙ୍କୁ ଏକ ସାର୍ଥକ ଅନୁଭୂତି ଦେବା ପାଇଁ, ଆଶୀର୍ବାଦ ଏହି ସମସ୍ୟାର ସମାଧାନ ପାଇଁ ଅତ୍ୟାଧୁନିକ ଟେକ୍ନୋଲୋଜିର ବ୍ୟବହାର କରିବାକୁ ନିଷ୍ପତି ନେଇଥିଲା । ଏହି ବ୍ରାଣ୍ଡ ଭକ୍ତମାନଙ୍କୁ ବିଶାଳ ରଥଯାତ୍ରାର ଏକ ବାଧାମୁକ୍ତ ଦୃଶ୍ୟତା ପ୍ରଦାନ କରିବା ପାଇଁ ଏକ ୨୦x୨୦ ଫୁଟ୍ ମଂଚର ବ୍ୟବସ୍ଥା କରିବେ । ଏହି ମଂଚ ଉପରେ ସ୍ଥାନ ପାଇବା ପାଇଁ ଭକ୍ତମାନଙ୍କୁ ଏକ ୪-ଲେଭେଲ୍ ଗେମ୍‌କୁ କ୍ଲିୟର କରିବାକୁ ପଡିବ ଯାହା ବ୍ରାଣ୍ଡର ଅଟା ତିଆରି କରିବା ପ୍ରକ୍ରିୟାର ୪ ପର୍ଯ୍ୟାୟ ବିଶିଷ୍ଟ ପ୍ରକ୍ରିୟାର ପ୍ରତିଫଳନ କରୁଛି । ବିଜେତାମାନେ ପ୍ରଥମ ମହଲା ପାଇଁ ଏକ ପ୍ରବେଶ ପାଇବେ ଯେଉଁଠାରେ ସେମାନେ ରଥ ଟାଣିବାର ଏକ ଅନନ୍ୟ ଅନୁଭୂତି ପାଇଁ ସ୍ୱତନ୍ତ୍ର ଭାବେ ଇନ୍‌ଷ୍ଟଲ୍ କରାଯାଇଥିବା ହାଇ ରେ଼ ଟେଲିସ୍କୋପ୍ ଓ ସ୍ୱତନ୍ତ୍ର ଭାବେ ପ୍ରସ୍ତୁତ ଭର୍ଚୁଆଲ ରିୟଲିଟି ଜୋନ୍ ମାଧ୍ୟମରେ ରଥ ଓ ଭଗବାନଙ୍କର ଏକ ବିସ୍ତୃତ ଦୃଶ୍ୟତା ପାଇପାରିବେ ।

## କର୍ତ୍ତବ୍ୟରତ ଶିକ୍ଷୟିତ୍ରୀଙ୍କ ପିତା ପରଲୋକ



ଖୋର୍ଦ୍ଧା,(ପିଏନ): କର୍ତ୍ତବ୍ୟ ରତ ଶିକ୍ଷୟିତ୍ରୀ ସୁଜାତା ସାହୁଙ୍କ ପିତା ବେଗୁନିଆ ବ୍ଲକ ଅନ୍ତର୍ଗତ ଗଡ଼ମାଣିତୀର ଗ୍ରାମର ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ଜଳଧର ସାହୁଙ୍କ(୭୯)ଙ୍କର ନିଜ ବାସ ଭବନରେ ପରଲୋକ ହୋଇଯାଇଛି ।ସେ ଜଣେ ପରୋପକାରୀ, ବନ୍ଧୁବତ୍ସଳ,ସ୍ନେହୀ ଓ ଧର୍ମ ପରାୟଣ ବ୍ୟକ୍ତି ଭାବରେ ପରିଚ଼ିତ ଥିଲେ ।ସରକାରୀ ଚ଼ାକିରିରୁ ଅବସର ନେଲା ପରେ ବିଭିନ୍ନ ସାମାଜିକ ସଙ୍ଗଠନ ସହ ଜଡିତ ରହି ବହୁ କାର୍ଯ୍ୟ କରି ସମସ୍ତଙ୍କର ପ୍ରିୟ ଭାଜନ ହୋଇ ପାରିଥିଲେ । ତାଙ୍କ ମୃତ୍ୟୁ ଶର୍ଯ୍ୟା ନିକଟରେ ଧର୍ମପତ୍ନୀ,ପୁତ୍ର, ବୋହୂ ନାତି ନାତୁଣୀ,ଜ୍ୱାଇଁ ଓ ଝିଅ ଉପସ୍ଥିତ ଥିଲେ ।ତାଙ୍କ ମରଶରୀରକୁ ଗ୍ରାମ୍ୟ ପରିକ୍ରମା କରି ଶ୍ମଶାନରେ ପୁତ୍ର ସୁରେଶ କୁମାର ସାହୁ ମୁଖାଗ୍ନି ଦେବା ପରେ ଅନ୍ତ୍ୟେଷ୍ଟି କ୍ରିୟା ସମାପନ ହୋଇଥିଲା । ସ୍ଥାନୀୟ ଅଞ୍ଚଳର ଶିକ୍ଷାବିତ ରାଜ କିଶୋର ପାଣିଗ୍ରାହୀ, ଅଖିଳେଶ ମହାପାତ୍ର,ବସନ୍ତ ପ୍ରହରାଜ,ବସନ୍ତ ଜୟସିଂହ,ରାମ ଚ଼ନ୍ଦ୍ର ଷଣ୍ଡ,ବାସନ୍ତୀ ସାହୁ ,ଝୁନୁବାଳା ପୃଷ୍ଟି ଓ ପ୍ରଭାତୀ ଦାସ ପ୍ରମୁଖ ଶୋକ ସନ୍ତପ୍ତ ପରିବାରକୁ ସମବେଦନା ଜଣାଇଛନ୍ତି ।

# ମହାତ୍ମାଗାନ୍ଧୀ କର୍ମ ନିଯୁକ୍ତି ଯୋଜନା ବାଟବଣା

ଖୋର୍ଦ୍ଧା, (ପିଏନ):ରାଜ୍ୟରେ ଶ୍ରମିକ ମାନେ କାମଧନ୍ଦା ଅନ୍ବେଷଣରେ ବିଦେଶକୁ ନଯାଇ ନିଜ ଅଞ୍ଚଳରେ ମନରେଗା ଯୋଜନାରେ ସାମିଲ କରାଯାଇ ରୋଜଗାର କ୍ଷମ କରିବା ମୁଖ୍ୟ ଉଦ୍ଦେଶ୍ୟ । ତେବେ ଏହା ର ବ୍ୟତିକ୍ରମ ଘଟି ଶ୍ରମିକଙ୍କୁ ନ ଲଗାଇ ଜେସିବି ସାହାଯ୍ୟରେ ମାଟି କାମ କରି ପ୍ରଶାସନିକ କର୍ମଚ଼ାରୀ ମାନେ ମାଲେମାଲ ହେଉଛନ୍ତି ।ଏହି ମନରେଗା କାର୍ଯ୍ୟ ଖୋର୍ଦ୍ଧା ଜିଲ୍ଲା ବୋଲଗଡ଼ ବ୍ଲକ ଅନ୍ତର୍ଗତ ଗୋପାଳପୁର ପଞ୍ଚାୟତର ବୋରିକ ନୂଆଗାଁ ଗ୍ରାମର ସାନ ପୋଖରୀ ଖୋଳିବା ପାଇଁ ମନରେଗା ଯୋଜନାରେ ସାମିଲ କରାଯାଇ ୨୦୧୬/ ୧୭ ଆର୍ଥିକ ବର୍ଷରେ ୪ ଲକ୍ଷ ଟଙ୍କା ବ୍ୟୟ ବରାଦ କରାଯାଇଥିଲା । ମାତ୍ର ସେହି ବର୍ଷ କିଛି ମାତ୍ରାରେ କାମ କରି କୋଭିଡ ମହାମାରୀ ରୋଗ ଯୋଗୁଁ ପ୍ରକଳ୍ପ କାର୍ଯ୍ୟ ବନ୍ଦ ହୋଇଥିଲା ।ପୁନର୍ବାର ଏବେ କାର୍ଯ୍ୟକୁ ନାମକୁ ମାତ୍ର ଲୋକ ଲଗାଇ ଜେସିବି ଲଗାଇ ମାଟି କାର୍ଯ୍ୟ କରି ମଞ୍ଜୁର ଅର୍ଥକୁ ଆତ୍ମସାତ କରିଥିବାରୁ ବିଧିବଦ୍ଧ ଭାବେ ତଦନ୍ତ ପାଇଁ ଦାଶ ରଥ ବେହେରା,ନିରଞ୍ଜନ ବେହେରା,ସୁମନ୍ତ କୁମାର ଦାସ ବିରଞ୍ଚି ଦଳେଇ ଓ ପୂର୍ଣ୍ଣ ଚ଼ନ୍ଦ୍ର ବେହେରାଙ୍କ ସମେତ ଗ୍ରାମବାସୀ ମାନେ ଜିଲ୍ଲା ପ୍ରକଳ୍ପ ଉନ୍ନୟନ ଅଧିକାରୀ ଓ ବୋଲଗଡ଼ ବିଡ଼ିଓଙ୍କୁ ଲିଖିତ ଭାବେ ଅବଗତ କରାଇଛନ୍ତି । ଏ ନେଇ ବୋଲଗଡ଼ ବିଡ଼ିଓ ଧୋବେଇ ନାୟକଙ୍କୁ ଫୋନରେ ମତାମତ ନେବାକୁ ଯୋଗାଯୋଗ କରାଯାଇଥିଲେ ମଧ ଫୋନ ଗ୍ରହଣ କରି ନ ଥିଲେ ।



# ରୌପ୍ୟଜୟନ୍ତୀ ପୂର୍ତ୍ତି ଅବସରରେ ଡି.ଏ.ଭିକଳିଙ୍ଗ ନଗରରେ ରକ୍ତଦାନ ଶିବିର ଆୟୋଜିତ

## ଡି.ଏ.ଭି. କଳିଙ୍ଗ ନଗରରୁ ୭୨ୟୁନିଟ୍ ରକ୍ତସଂଗ୍ରହ

ଭୁବନେଶ୍ୱର(ପି.ଏନ): ଡିଏଭି ପବ୍ଲିକସ୍କୁଲ କଳିଙ୍ଗନଗରର ରୌପ୍ୟଜୟନ୍ତୀ ପୂର୍ତ୍ତି ଅବସରରେ ଏକ ସ୍ୱେଚ୍ଛାକୃତ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇ ଯାଇଛି । ଆୟୋଜିତ ଏହି ଶିବିରରୁ ଅଭିଭାବକ ଏବଂ ଶିକ୍ଷକ ଶିକ୍ଷୟିତ୍ରୀମାନଙ୍କଠାରୁ ୭୨ୟୁନିଟ୍ ରକ୍ତ ସଂଗୃହୀତ ହୋଇଛି । ଭାରତୀୟ ରେଡକ୍ରସ ସୋସାଇଟି, ଓଡ଼ିଶା ତଥା କମିଶନରେଟ୍ ପୋଲିସ୍‌ର ମିଳିତ ସହଯୋଗରେ ବିଦ୍ୟାଳୟ ପରିସରରେ ଆୟୋଜିତ ଏହି ଉତ୍ସବରେ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ କମିଶନରେଟ ପୋଲିସର ସହକାରୀ କମିଶନର ତଥା ରେଡକ୍ରସ ଆଞ୍ଚଳିକ ଶାଖାର ଯୁଗ୍ମସମ୍ପାଦକ ଲଳିତେନ୍ଦୁ ମହାନ୍ତି କାର୍ଯ୍ୟକ୍ରମର ଉଦ୍‌ଘାଟନ କରି ରକ୍ତଦାନ ଶିବିରର ମହତ୍ତ୍ୱ ଉପରେ ଛାତ୍ରଛାତ୍ରୀ ଓ ଅଭିଭାବକଙ୍କର ଦୃଷ୍ଟି ଆକର୍ଷଣ କରିଥିଲେ । ବିଦ୍ୟାଳୟର ଚେୟାରମ୍ୟାନ ଶ୍ରୀଯୁକ୍ତ ମଦନମୋହନ ପଣ୍ଡା ଓ ଅଧ୍ୟକ୍ଷ ବିପିନ କୁମାର ସାହୁ ଉପସ୍ଥିତ ରହି ସମସ୍ତ ରକ୍ତ ଦାତାଙ୍କୁ ଉତ୍ସାହିତ କରିଥିଲେ । ବନ ମହୋତ୍ସବ ସପ୍ତାହପାଳନ ଅବସରରେ ଅତିଥିମାନଙ୍କ ଦ୍ୱାରା ଏକ ବୃକ୍ଷରୋପଣ କାର୍ଯ୍ୟକ୍ରମ ମଧ୍ୟ ଆୟୋଜିତ ହୋଇଥିଲା । ପୂର୍ବତନ ଛାତ୍ରସଂସଦ,ସ୍କାଉଟ୍, ଗାଇଡ୍, ଏନସିସି, ବିଦ୍ୟାଳୟର ଶିକ୍ଷକ ଶିକ୍ଷୟିତ୍ରୀଙ୍କ ମିଳିତ ସହଯୋଗରେ କାର୍ଯ୍ୟକ୍ରମଟି ସୁଚାରୁରୂପେ ସମ୍ପାଦିତ ହୋଇଥିଲା ।



ADMISSION OPEN
MAHARISHI PLAY SCHOOL
A Great Place to Grow @ mps
PLAY GROUP (2+)
NURSERY (3+)
LKG, UKG, STD-I TO V

TUITION CLASSES
for Std I to Std V
Timing: 5 PM to 6.30 PM
FIND THE DIFFERENCE
• Surveillance through CCTV Camera • Small Classes • Congenial Environment • Intimate, Safe & Secured Place • Experienced & loving teachers • Individual attention to each child • Spacious Playground • AC Activity Room • Transport Facilities
MAHARISHI PUBLIC SCHOOL
N4-F/24, IRC Village, Nayapalli,
Bhubaneswar, Phone: 0674-2558884,2550786
E-mail: maharishipublic13@gmail.com
25% Seats reserved in Std. 1 under RTE Act

Printed & Published by Budhadev Mohapatra on behalf of Hiranmayee Media Pvt. Ltd. & Printed at Mayur Offset Printers, Plot No. D-1/1, Mancheswar Industrial Estate, Bhubaneswar-751010 & Published at N-4, F/24, IRC Village, Nayapalli, Bhubaneswar, Dist-Khordha, Pin-751015, Phone : (0674© 2550751/2555116, Fax No. : 2550504, E-mail :editorpbkc@gmail.com, paryabekhyak@gmail.com
ସମ୍ପାଦକ : ଡକ୍ଟର ପବିତ୍ର ମୋହନ ସାମନ୍ତରାୟ
EDITOR : Dr. Pabitra Mohan Samantaray